




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ରବିବାର ୦୯ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 09 June 2024
Vol.No. 35 ■ No.154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଆଜି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ନରେନ୍ଦ୍ର ମୋଦୀ

## ଯୋଗ ଦେବେ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ



ନୂଆଦିଲ୍ଲୀ, ୮/୬ : ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ନରେନ୍ଦ୍ର ମୋଦୀ । ସନ୍ଧ୍ୟା ୭ଟା୧୫ରେ ଏନଡିଏ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହ ଆୟୋଜିତ ହେବ । ଏଥିସହ କେନ୍ଦ୍ର ମୋଦୀ ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ କାହାକୁ ମିଳିବ ସ୍ଥାନ, ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ପ୍ରଧାନମନ୍ତ୍ରୀ ୯ଜୁନ ୨୦୨୪ ରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ଶପଥ ଗ୍ରହଣ ଉତ୍ସବ ରାଷ୍ଟ୍ରପତି ଭବନରେ ହେବାକୁ ଯାଉଛି । ଏହି ଶପଥ ଗ୍ରହଣ ଉତ୍ସବରେ ୮ହଜାର ଅଧିକ ,ରାଷ୍ଟ୍ରମଖ୍ୟ ଯୋଗ ଦେବେ ।ଏଥିସହ ବିଶେଷ ଅତିଥିଙ୍କୁ ମଧ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଛି ।ସେମାନେ ହେଉଛନ୍ତି ଶ୍ରୀଲଙ୍କାର ରାଷ୍ଟ୍ରପତି ରାନିଲ ବିକ୍ରମାଦିତ୍ୟ, ମାଲଦିବ ରାଷ୍ଟ୍ରପତି ମହମ୍ମଦ ମୁଜେଜୁ ସେସେଲସ ର ଉପରାଷ୍ଟ୍ରପତି ଅହମ୍ମଦ ଅଫିଫ,ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀ ଶେଖହସୀନ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ ।ଏହି ସବୁ ରାଷ୍ଟ୍ରମୁଖ୍ୟ ମାନଙ୍କୁ ବିଶେଷ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ଏଥିସହ ସୋରିସସ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ କୁମାର ଜଗନ୍ନାଥ ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଏଥିସହ ଭୁଟାନ ପ୍ରଧାନମନ୍ତ୍ରୀ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇଛି । ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବା ପାଇଁ ମଧ ସେମାନେ ସ୍ୱୀକାର କରିଛନ୍ତି । ଏଥିସହ ରାଷ୍ଟ୍ରପତିଙ୍କ ସହ ସନ୍ଧ୍ୟା ଭୋଜନ ର ମଧ ବ୍ୟବସ୍ଥା କରାଯାଇଛି । ଏଥିସହ ଆହୁରି ମଧୟ କୁହାଯାଉଛି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାକୁ ଅଧିକ ପ୍ରାଧାନ୍ୟ ମିଳିପାରେ । କାରଣ ପ୍ରଥମଥର ଓଡ଼ିଶାରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି ବିଜେପି । ତେଣିକି ତାହା ବିଧାନସଭା ହେଉ କି ଲୋକସଭା । ଲୋକସଭା ସାଂସଦଙ୍କ ମଧ୍ୟରୁ ଅତି କମରେ ତିନିଜଣ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାର ସମ୍ଭାବନା ରହିଛି । ୨୦ଜଣ ସାଂସଦଙ୍କ ମଧ୍ୟରୁ ୧୦ ଜଣ ଏକାଧିକଥର ଲୋକସଭାରେ ପ୍ରତିନିଧିତ୍ୱ କରିସାରିଛନ୍ତି ।ସେମାନେ ହେଲେ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ଅନନ୍ତ ନାୟକ, ପ୍ରତାପ ଷଡଙ୍ଗୀ, ସଂଗୀତ କୁମାରୀ ସିଂଦେଓ, ବୈଜୟନ୍ତ ପଣ୍ଡା, ବଳଭଦ୍ର ମାଝି, ଭର୍ତ୍ତୃହରି ମହତାବ, ଅପରାଜିତା ଷଡଙ୍ଗୀ ଓ ବିଭୁ ପ୍ରସାଦ ତରାଇ । ଏମାନଙ୍କ ମଧ୍ୟରୁ ଜୁଏଲ ଓରାମ, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ ଓ ଅପରାଜିତା ଷଡଙ୍ଗୀଙ୍କ ନାଁ ଆଗରେ ରହିଛି । ଯଦି ଧର୍ମେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଏ, ତେବେ ଅନ୍ୟ ତିନିଜଣଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି । ସେହିପରି ବାଚସ୍ପତି ପଦବୀ ପାଇଁ ଭର୍ତ୍ତୃହରିଙ୍କ ନାଁ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ତେବେ କାହାକୁ ମିଳିବ ମନ୍ତ୍ରିମଣ୍ଡଳରେ ସ୍ଥାନ,ତାହା ଜୁନ ୯ ତାରିଖ ପୂର୍ବରୁ ସ୍ପଷ୍ଟ ହୋଇଯିବ ।

## 'ମୋ ବସ'କୁ ପଛରୁ ଧକ୍କା ଦେଲା ଟ୍ରକ୍

ଭୁବନେଶ୍ୱର, ୮/୬ (ନି.ପ୍ର): 'ମୋ ବସ୍'କୁ ପଛରୁ ଧକ୍କା ଦେଲା ଟ୍ରକ୍। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୬ ଜଣ ଆହତ ହୋଇଛନ୍ତି। କଟକ ପ୍ରତାପ ନଗରୀଠାରେ ଜାତୀୟ ରାଜପଥରେ ଘଟିଛି ଏହି ଦୁର୍ଘଟଣା। ଆହତଙ୍କୁ ଉଦ୍ଧାର କରି କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ କିଛି ଯାତ୍ରୀ ବସ୍‌ରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ବସର ପଛ ପାର୍ଶ୍ୱ ଓ ଟ୍ରକର ସମ୍ମୁଖ ଭାଗ ଚୁରମାର ହୋଇଯାଇଛି। ଏଥିରୁ ଅନୁମାନ କରାଯାଇପାରେ କେତେ ଜୋରରେ ଟ୍ରକ୍‌ଟି ବସ୍‌କୁ ଧକ୍କା ଦେଇଛି। ▶▶ପୃଷ୍ଠା ୭

## ପୁଣି ଲାଗିଲା ଫୋକସ ଲାଇଟ୍: ଚମକିବ ଶ୍ରୀମନ୍ଦିର

ପୁରୀ, ୮/୬ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ପୁଣି ଲାଗିଲା ଫୋକସ ଲାଇଟ୍। ଭକ୍ତ ଓ ସେବାୟତ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ପରେ ପୁଣି ଥରେ ଫୋକସ ଲାଇଟ୍ ଲଗାଯାଇଛି। ଏଣିକି ପୁଣି ଝଟକିବ ଶ୍ରୀମନ୍ଦିର। ଆଜି ପୁରୀ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା। ତାଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ବି ଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଲାଗିଥିବା ଆଲୋକୀକରଣ ବ୍ୟବସ୍ଥାକୁ ହଠାତ୍ ବନ୍ଦ କରିଦିଆଯିବା ଘଟଣାର ତଦନ୍ତ ଚାଲିଛି। କାହିଁକି ନଜଣାଇ ଇଭେଣ୍ଟ ସଂସ୍ଥା ହଠାତ ଫକୋସ ଲାଇଟ କାଢିନେଲା, ସେନେଇ ତଦନ୍ତ ଚାଲଥିବା କହିଛନ୍ତି ପୁରୀ ଜିଲ୍ଲାପାଳ। ଏହି ଘଟଣାରେ ପୁରୀ ସିଂହଦ୍ୱାର ଥାନା ପୁଲିସ ୪ ଜଣଙ୍କୁ ଅଟକ ରଖିଛି। ଅଟକ ରହିଥିବା ସମସ୍ତ କର୍ମଚାରୀ ଥାର୍ଡ ୱେଭ୍ ନାମକ ସଂସ୍ଥା ସହ ଜଡ଼ିତ। ତେବେ ଥାର୍ଡ ୱେଭ୍ ସଂସ୍ଥା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ▶▶ପୃଷ୍ଠା ୭

## କୁଢେଙ୍କ ନିଲମ୍ବନ ହଟିଲା: ଆଶିଷ ସିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ



ଭୁବନେଶ୍ୱର, ୮/୬ (ନି.ପ୍ର): ସାଧାରଣ ନିର୍ବାଚନରେ ବିଜେଡି ସପକ୍ଷରେ କାର୍ଯ୍ୟକରି ନିଲମ୍ବିତ ହୋଇଥିବା ପ୍ରଭାବଶାଳୀ ଆଇପିଏସ ଡିଏସ୍ କୁଢେଙ୍କ ନିଲମ୍ବନକୁ ନିର୍ବାଚନ କମିଶନ ସର୍ତ୍ତମୂଳକ ଭାବେ ହଟାଇ ଦେଇଛନ୍ତି। ଏହାସହିତ ଆଇପିଏସ୍ ଆଶିଷ ସିଂଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବଙ୍କୁ ସୁପାରିଶ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଗୁରୁବାର ଚିଠି ଲେଖି ଦୁଇ ଆଇପିଏସ୍ ଅଫିସର ଡିଏସ୍ କୁଢେ ଓ ଆଶିଷ ସିଂ ବିରୋଧରେ ନିଆଯାଇଥିବା ନିଷ୍ପତ୍ତି ସଂପର୍କରେ ସୂଚନା ଦେଇଛନ୍ତି। ଜୁନ ୫ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀ ଲେଖିଥିବା ଚିଠିର ଉତ୍ତର ଦେଇ ନିର୍ବାଚନ କମିଶନ ସଚିବ ରାକେଶ କୁମାର କହିଛନ୍ତି, ଆଇପିଏସ୍ ଆଶିଷ ସିଂ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଅଛନ୍ତି। ଭୁବନେଶ୍ୱର ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଏନେଇ ରିପୋର୍ଟ ଦେଇଛନ୍ତି। ତେଣୁ ଶ୍ରୀ ସିଂଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ସଚିବଙ୍କ ନିକଟକୁ ମେଡିକାଲ ବୋର୍ଡର ରିପୋର୍ଟକୁ ପଠାଇବା ପାଇଁ କୁହାଯାଇଛି। ଶ୍ରୀ ସିଂଙ୍କ ବିରୋଧରେ ମିଛ ତଥ୍ୟ ଦେଇଥିବା ପ୍ରାରମ୍ଭିକ ପ୍ରମାଣ ମିଳିଛି। ▶▶ପୃଷ୍ଠା ୭

## ବରିଷ୍ଠ ନେତାମାନଙ୍କ ସମ୍ମତିରେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଲେ ନବୀନ





ଭୁବନେଶ୍ୱର, ୮/୬ (ନି.ପ୍ର): ରାଜ୍ୟରେ ବିଜେଡିର ପରାଜୟ ପରେ ଭିକେ ପାଣ୍ଡିଆନ୍‌ଙ୍କୁ ନେଇ ଜାରି ରହିଥିବା ବିବାଦ ମଧ୍ୟରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ସେ ପାଣ୍ଡିଆନ୍‌ଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ସେ କହିଛନ୍ତି ପାଣ୍ଡିଆନ୍‌ଙ୍କୁ ନେଇ ଚାଲିଥିବା ସମାଲୋଚନାକୁ ମୁଁ ନିନ୍ଦା କରୁଛି । ରାଜ୍ୟରେ ବିଜେଡିର ବିପର୍ଯ୍ୟୟ ଲାଗି ପାଣ୍ଡିଆନ୍‌ଙ୍କୁ ହିଁ ଦାୟୀ କରାଯାଉଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ୨୪ ବର୍ଷର ସ୍ୱଚ୍ଛ ଶାସନ ସତ୍ତ୍ୱେ ଚଳିତ ନିର୍ବାଚନରେ ସେ ହାରିବାର ମୁଖ୍ୟ କାରଣ ପାଣ୍ଡିଆନ୍ ବୋଲି କୁହାଯାଉଛି । ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ଦଳ ମଧ୍ୟରେ ବହୁ ନେତା ମଧ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି । ତେବେ ଏ ନେଇ ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି । ସେ ପାଣ୍ଡିଆନ୍‌ଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି ଓ ସମାଲୋଚକମାନଙ୍କୁ ନିନ୍ଦା କରିଛନ୍ତି । ଏହା ସହ ନବୀନ କହିଛନ୍ତି ପାଣ୍ଡିଆନ୍ କୌଣସି ପଦବୀରେ ନାହାନ୍ତି କି ନିର୍ବାଚନ ଲଢି ନାହାନ୍ତି । ପରାଜୟକୁ ମୁଁ ସ୍ୱୀକାର କରିବା ସହ ରାଜ୍ୟବାସୀଙ୍କ ସେବା ଜାରି ରଖିବି । ରାଜ୍ୟବାସୀ ମତେ ବାରମ୍ବାର ମୁଖ୍ୟମନ୍ତ୍ରୀ କରିଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ଏହା ସହିତ ସେ ପୁଣି କହିଛନ୍ତି ମୋ ଉତ୍ତରାଧିକାରୀ ରାଜ୍ୟବାସୀ ସ୍ଥିର କରିବେ । ପାଣ୍ଡିଆନ୍ ମୋ ଉତ୍ତରାଧିକାରୀ ନୁହଁନ୍ତି। ଏହା ସହିତ ନବୀନ କହିଛନ୍ତି ଦୀର୍ଘ ଦିନ ଧରି ଓଡ଼ିଶାର ସେବା କରିବା ପାଇଁ ବିଜେଡ଼ି ସରକାରଙ୍କୁ ଓଡ଼ିଶାର ଜନସାଧାରଣ ▶▶ପୃଷ୍ଠା ୭

## ପାର୍ଲାମେଣ୍ଟାରି ବୋର୍ଡରେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନିଆଯିବ: ମନମୋହନ ସାମଲ



ଭୁବନେଶ୍ୱର, ୮/୬ (ନି.ପ୍ର): ରାଜ୍ୟରେ ସରକାର ଗଠନ କରିବ ବିଜେପି। ହେଲେ କିଏ ମୁଖ୍ୟମନ୍ତ୍ରୀ ହେବେ, ତାକୁ ନେଇ ଜୋରସୋର ଚର୍ଚ୍ଚା ଚାଲିଛି। ସେହିପରି କେଉଁମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ, ତାକୁ ନେଇ ମଧ ସାରା ରାଜ୍ୟରେ ଚାଲିଛି ଆଲୋଚନା। କିନ୍ତୁ ଦଳ ଏସବୁ ନେଇ ଏଯାଏଁ ମୁହଁ ଖୋଲି ନାହିଁ। ଆଜି ଦିଲ୍ଲୀରୁ ଫେରିବା ପରେ ବିଜେପି ରାଜ୍ୟ ସଭାପତି କହିଛନ୍ତି ଯେ ଆଉ ଦୁଇ ଦିନ ଧୈର୍ଯ୍ୟ ଧରନ୍ତୁ। ଏହା ସହିତ ଦଳର ସଂସଦୀୟ କମିଟି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ବଡ଼ କଥା ହେଲା, ବିଜେପିର ନବନିର୍ବାଚିତ ବିଧାୟକଙ୍କ ମଧ୍ୟରୁ କିଛି ହାତ ଗଣତି ହେଭିୱେଟଙ୍କୁ ଛାଡ଼ିଦେଲେ ୬୭ ପ୍ରତିଶତ ହେଉଛନ୍ତି ନୂଆ ମୁହଁ। ଆଉ ପ୍ରଥମ ଥର ପାଇଁ ▶▶ପୃଷ୍ଠା ୭

## ଓଡ଼ିଶା ଛୁଇଁଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ

ଭୁବନେଶ୍ୱର, ୮/୬ (ନି.ପ୍ର): ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ଛୁଇଁଲା ମୌସୁମୀ ବାୟୁ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ମାଲକାନଗିରି ଜିଲ୍ଲାରେ ପ୍ରବେଶ କରିଛି। ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ମୌସୁମୀ ସକ୍ରୀୟ ରହିଛି। ଚଳିତ ବର୍ଷ ସ୍ୱାଭାବିକ ସମୟରୁ ୪ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶା ଛୁଇଁଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି। ଗତ ୩୦ ତାରିଖରେ କେରଳ ଉପକୂଳ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଏହାର ୮ ଦିନ ପରେ ଆଜି ଓଡ଼ିଶାରେ ଏହା ପ୍ରବେଶ କରିଛି। ଏହା ପର୍ଯ୍ୟାୟ କ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ପ୍ରବେଶ କରିବ । ପ୍ରବଳ ଗରମ ହେତୁ ଗତ କିଛି ଦିନ ହେବ ରାଜ୍ୟବାସୀ କଲବଲ ହେଉଛନ୍ତି। ଏଥିରୁ ମୁକ୍ତି ପାଇବାକୁ ସେମାନେ ତ୍ରାହି ତ୍ରାହି ଡାକୁଥିବା ବେଳେ ଓଡ଼ିଶାରେ ମୌସୁମୀ ପ୍ରବେଶ କରିବା ଖବର ସମସ୍ତଙ୍କୁ ଆଶ୍ୱସ୍ତି ଦେଇଛି। ଏବେଠୁ ମୌସୁମୀ ରାଜ୍ୟରେ ପ୍ରବେଶ କରି ସାରିଥିବା ବେଳେ ଆଗକୁ ରହିଛି ରଜ । ତେଣୁ ଏଥର ସମସ୍ତେ ▶▶ପୃଷ୍ଠା ୭

## ବ୍ରାହ୍ମଣୀରେ ବୁଡ଼ି ୨ ଛାତ୍ର ମୃତ: ଜଣେ ଛାତ୍ରୀ ଗୁରୁତର

ରାଉରକେଲା, ୮/୬ (ନି.ପ୍ର): ରାଉରକେଲାରେ ବ୍ରାହ୍ମଣୀ ନଦୀରେ ବୁଡ଼ି ୨ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି। ମୃତାହତଙ୍କ ପରିଚୟ ଜଣାପଡ଼ିନି। ସେମାନେ ରାଉରକେଲା ସ୍ଥିତି ଘଓଞ୍ଜକୁ ଇଣ୍ଟର୍ଣ୍ଣଶିପ୍ କରିବା ପାଇଁ ଆସିଥିଲେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ମୋଟ ୬ ଜଣ ଛାତ୍ରଛାତ୍ରୀ ଆଜି ବେଦବ୍ୟାସ ବୁଲିବାକୁ ଯାଇଥିଲେ। ସେମାନେ ସେଠାରେ ବ୍ରାହ୍ମଣୀ ନଦୀରେ ଗାଧୋଉଥିଲେ। ଗାଧୋଇଲା ବେଳେ ୬ ଜଣଙ୍କ ▶▶ପୃଷ୍ଠା ୭

## ପୁଣି ଥରେ କଂଗ୍ରେସ ସଂସଦୀୟ ଦଳର ନେତା ନିର୍ବାଚିତ ହେଲେ ସୋନିଆ ଗାନ୍ଧୀ



ନୂଆଦିଲ୍ଲୀ, ୮/୬ : ପୁଣି ଥରେ କଂଗ୍ରେସ ସଂସଦୀୟ ଦଳର ନେତା ନିର୍ବାଚନ ହେଲେ ସୋନିଆ ଗାନ୍ଧୀ । ସଂସଦର ସେଂଟ୍ରାଲ ହଲରେ ଅନୁଷ୍ଠିତ କଂଗ୍ରେସ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତି ପାରିତ ହୋଇଛି। ଉଭୟ ଲୋକସଭା ଓ ରାଜ୍ୟସଭା ଦଳର ନେତୃତ୍ୱ ନେବେ ସୋନିଆ । ସଂସଦୀୟ ଦଳର ନେତା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋନିଆଙ୍କ ନାମ ପ୍ରସ୍ତାବ ଦେଇଥିଲା । ଯାହାକୁ ଦଳର ଅନ୍ୟ ସାଂସଦମାନେ ମଧ୍ୟ ସମର୍ଥନ ଜଣାଇଥିଲେ । ସୋନିଆ ନିର୍ବାଚିତ ହେବା ପରେ ଖଡଗେ କହିଲେ ଦଳର ପଥ ପଦର୍ଶକ ସାଜିବେ ସୋନିଆ ଗାନ୍ଧୀ । ଏହି ବୈଠକରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ।

## ରାହୁଲ ହେବେ ବିରୋଧୀ ଦଳ ନେତା: ସିଡବ୍ଲ୍ୟୁସି ବୈଠକରେ ପାରିତ ହେଲା ସଂକଳ୍ପ



ନୂଆଦିଲ୍ଲୀ, ୮/୬ : ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମ୍ନାରେ ରହି ଟକ୍କର ଦେବେ ରାହୁଲ ଗାନ୍ଧି। କାରଣ ରାହୁଲ ଗାନ୍ଧି ସଂସଦରେ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ଭାବେ କାମ କରିବେ। ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୁଅନ୍ତୁ ବୋଲି ଆଜି କଂଗ୍ରେସ ୱାର୍କିଂ କମିଟି ପକ୍ଷରୁ ଗୋଟିଏ ସଂକଳ୍ପ ପାରିତ ହୋଇଥିବା ଜଣାପଡ଼ିଛି। ଚଳିତ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ଉଭୟ ରାଏବରେଲୀ ଓ କେରଳର ୱାୟନାଡଙ୍କୁ ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। କଂଗ୍ରେସ ମଧ ଏକାକୀ ଲୋକସଭାରେ ୯୯ଟି ଆସନ ଜିତିଛି। ରାହୁଲ ଗାନ୍ଧିଙ୍କ କଠିନ ପରିଶ୍ରମ ଯୋଗୁ କଂଗ୍ରେସ ୨୦୧୯ ଅପେକ୍ଷା ୨୦୨୪ରେ ଭଲ ପ୍ରଦର୍ଶନ କରିପାରିଛି ବୋଲି ଦଳ ପକ୍ଷରୁ ମତ ରଖାଯାଇଛି। ତେଣୁ ସଂସଦରେ ସେ ବିରୋଧୀ ଦଳ ନେତା ଭାବେ କାମ କରିବା ଦରକାର ବୋଲି ଆଜି ଉଡଉ ବୈଠକରେ ମତ ପ୍ରକାଶ ପାଇବା ସହ ଗୋଟିଏ ସଂକଳ୍ପ ପାରିତ ହୋଇଛି। ଉଡଉ ବୈଠକ ପରେ କଂଗ୍ରେସ ସାଂସଦ କୁମାରୀ ସେଲଜା କହିଛନ୍ତି, "ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୁଅନ୍ତୁ ବୋଲି ସିଡବ୍ଲ୍ୟୁସି ମତ ରଖିଛି।" ବରିଷ୍ଠ କଂଗ୍ରେସ ନେତା ତଥା ଅଲପ୍ପୁଜା ଆସନରୁ ଲୋକସଭା ନିର୍ବାଚନ ଜିତିଥିବା କେସି ଭେନୁଗୋପାଲ କହିଛନ୍ତି, "ଉଡଉ ସର୍ବସମ୍ମିତି କ୍ରମରେ ରାହୁଲ ଗାନ୍ଧିଙ୍କୁ ଲୋକସଭାରେ ବିରୋଧୀ ଦଳର ନେତା ପଦ ସମ୍ଭାଳିବାକୁ ଅନୁରୋଧ କରାଯାଇଛି। ନିର୍ବାଚନ ପ୍ରଚାରରେ ରାହୁଲ ଗାନ୍ଧିଙ୍କ ଯୋଗଦାନକୁ ମଧ ସିଡବ୍ଲ୍ୟୁସିରେ ପ୍ରଶଂସା କରାଯାଇଛି।" ଦିଲ୍ଲୀରେ ଆଜି ବସିଥିବା କଂଗ୍ରେସ ୱାର୍କିଂ କମିଟି ବୈଠକରେ ଆଗାମୀ ରଣନୀତି ନେଇ ମଧ ଆଲୋଚନା ହୋଇଛି। ବୈଠକରେ ସୋନିଆ ଗାନ୍ଧି, ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି ଭଦ୍ରା, ମନୀଷ ତିୱାରୀ, ଡିକେ ଶିବକୁମାର ଓ ତେଲାଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ।

## ୧୨ରେ ଶପଥ ନେବେ ଚନ୍ଦ୍ରବାବୁ ନାଇଡୁ: ତୃତୀୟ ଥର ପାଇଁ ସମ୍ଭାଳିବେ ପଦ



ନୂଆଦିଲ୍ଲୀ, ୮/୬ : ଆସନ୍ତା ୧୨ ତାରିଖରେ ତୃତୀୟ ଥର ପାଇଁ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଚନ୍ଦ୍ରବାବୁ ନାଇଡୁ। ଆନ୍ଧ୍ରରେ ଚନ୍ଦ୍ର ବାବୁଙ୍କ ତେଲଗୁଦେଶମ ପାର୍ଟି (ଝଡଚ) ପୁଣି ଥରେ କ୍ଷମତାକୁ ଫେରିବ । ଚଳିତ ନିର୍ବାଚନରେ ଝଡଚ ସ୍ପଷ୍ଟ ବହୁମତ ହାସଲ କରିବା ପରେ ଚନ୍ଦ୍ର ବାବୁ ନାଇଡୁଙ୍କ ମୁଖ୍ୟମନ୍ତ୍ରୀ ହେବା ବାଟ ପରିଷ୍କାର ହୋଇ ଯାଇଛି। ଆସନ୍ତା ୧୨ ତାରିଖରେ କେସରପଲ୍ଲୀ ଆଇଟି ପାର୍କରେ ସେ ପଦ ଓ ଗୋପନୀୟତାର ଶପଥ ନେବେ। ଏନେଇ ଝଡଚ ପକ୍ଷରୁ ସୂଚନା ଦିଆଯାଇଛି। ଚନ୍ଦ୍ରବାବୁ ନାଇଡୁ ପ୍ରଥମ ଥର ପାଇଁ ପ୍ରାୟ ୩୦ ବର୍ଷ ପୂର୍ବେ ▶▶ପୃଷ୍ଠା ୭

# ରାଉରକେଲା ନୂଆ ବସଷ୍ଟାଣ୍ଡ ପାଣି ଓ ଶୌଚାଳୟ

# ଖୋଜୁଛନ୍ତି ଯାତ୍ରୀ, ଶୌଚାଳୟ ଭାଙ୍ଗି ମୋ ବସ୍ ଅଫିସ୍



ରାଉରକେଲା, ୮/୬ (ନି.ପ୍ର): ପଶ୍ଚିମ ଓଡ଼ିଶାର ପ୍ରମୁଖ ବସ୍‌ଷ୍ଟାଣ୍ଡ ହେଉଛି ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ। ଦୈନିକ ବସଷ୍ଟାଣ୍ଡରୁ କେବଳ ଓଡ଼ିଶା ନୁହେଁ ପଡୋଶୀ ଛତିଶଗଡ, ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗରୁ ୪ଶହରୁ ଅଧିକ ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଯାତାୟତ କରୁଛି। ହଜାର ହଜାର ଯାତ୍ରୀଙ୍କ ସମାଗମ ହେଉଥିବା ବସ୍‌ଷ୍ଟାଣ୍ଡର ସମସ୍ୟାର ସୁଧୁରିନି। ପୁରୁଷ ବିଶ୍ୱକପ୍ ହକି ପୂର୍ବରୁ ବସ୍‌ଷ୍ଟାଣ୍ଡକୁ ସ୍ମାର୍ଟସିଟି ପ୍ରକଳ୍ପରେ ଚକାଚକ୍ କରି ଦିଆଗଲା। ହେଲେ ଯାତ୍ରୀଙ୍କ ଆବଶ୍ୟକତାକୁ ଜିଲ୍ଲା ପ୍ରଶାସନ ଓ ଆରଡିଏ ସମ୍ପୂର୍ଣ୍ଣ ଭୁଲିଗଲା। ଏତେ ବଡ ବସ୍‌ଷ୍ଟାଣ୍ଡରେ ଗୋଟିଏ ମାତ୍ର ସୁଲଭ ଶୌଚାଳୟ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବି ନିଃଶୁଳ୍କ ଶୌଚାଳୟ କିମ୍ବା ପରିଶ୍ରାଗାର ନିର୍ମାଣ ହୋଇପାରିଲା ନାହିଁ। ପିଇବା ପାଣିର ବ୍ୟବସ୍ଥା ମଧ୍ୟ କଲାକରାଗଲା ନାହିଁ। ମୁଣ୍ଡଫଟା ତାତିରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଶହ ଶହ ଯାତ୍ରୀ ପାଣି ଓ ଶୌଚାଳୟ ପାଇଁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ଯାତ୍ରୀ ନୁହନ୍ତି, ବସଷ୍ଟାଣ୍ଡର ବ୍ୟବସାୟୀ ଓ ବସ୍‌ର କର୍ମଚାରୀମାନେ ସମାନ ଦଶା ଭୋଗୁଛନ୍ତି। ବ୍ୟବସାୟୀ ଓ ଗାଡି ଚାଳକମାନେ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏମାନଙ୍କ ଦୁଃଖ ବୁଝିବାକୁ ଜିଲ୍ଲା ପ୍ରଶାସନ କିମ୍ବା ଆରଡିଏ ପାଖରେ ସମୟ ନାହିଁ। ସବୁଠୁ ଆଶ୍ଚର୍ଯ୍ୟ କଥା, ଯେଉଁ ସ୍ଥାନରେ ଶୌଚାଳୟ ନିର୍ମାଣ ହୋଇଥିଲା, ସେଠାରେ ଏବେ 'ମୋ ବସ୍'ର କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଯାତ୍ରୀମାନଙ୍କ ସୁବିଧାକୁ ଅଣଦେଖା କରି ଶୌଚାଳୟକୁ ଭାଙ୍ଗି ସେଠାରେ 'ମୋ ବସ୍' କାର୍ଯ୍ୟାଳୟ ଖୋଲିବାକୁ ନେଇ ଉଭୟ ବ୍ୟବସାୟୀ ଓ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅବଶ୍ୟ 'ମୋ ବସ୍' କାର୍ଯ୍ୟାଳୟ ପରିସରରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଯାହା ଯାତ୍ରୀମାନଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଅନ୍ୟପଟେ ବସ୍‌ଷ୍ଟାଣ୍ଡର ପରିସରରେ କିଛି ସ୍ଥାନରେ ପାଣି ଟ୍ୟାପ୍ ରହିଛି। ହେଲେ ପାଣି ବାହାରୁନି। ସେମିତି ଲାୟନ୍ସ କ୍ଲବ ଅଫ୍ ରାଉରକେଲା, ପାନପୋଷ ପକ୍ଷରୁ ଶୀତଳ ପାନୀୟ ଜଳ ମେସିନ୍ ବସାଯାଇଛି। ତା' ସମ୍ପୂର୍ଣ୍ଣ ଅକାମି। ମରାମତି ଅଭାବରୁ ମେସିନ୍ ମାସ ମାସ ଧରି ଯାତ୍ରୀଙ୍କ କୌଣସି କାମରେ ଆସୁନି। ଶୋଷ ମେଣ୍ଟାଇବାକୁ ଯାତ୍ରୀମାନେ ମେସିନ୍ ପାଖକୁ ଯାଉଛନ୍ତି। ପାଣି ନ ପାଇ ନିରାଶ ହୋଇ ଫେରୁଛନ୍ତି। ବରସୁଆଁର ଏକ ସଂସ୍ଥା ପକ୍ଷରୁ ଅନ୍ୟ ଏକ ଶୀତଳପାନୀୟ ଜଳ ମେସିନ୍ ରହିଛି। ସେଠି ମଧ୍ୟ ସେହି ସମାନ ସ୍ଥିତି ଉପୁଜିଛି। ନୂଆ ବସ୍‌ଷ୍ଟାଣ୍ଡର ଏଭଳି ସମସ୍ୟା ସମ୍ପର୍କରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷର ଜଣେ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ସରକାର ଦାୟିତ୍ୱ ନ ହେବା ପର୍ଯ୍ୟନ୍ତ କିଛି କରିହେବ ନାହିଁ। ସରକାର ଦାୟିତ୍ୱ ନେବା ପରେ ସମସ୍ୟାର ସମାଧାନ କରାଯିବ।

# ସରିଲା ଗଣନା : କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ



କେନ୍ଦୁଝର, ୮/୬ (ନି.ପ୍ର): ରାଜ୍ୟରେ ହାତୀ ଗଣନା ଶେଷ ହୋଇଛି। ରିପୋର୍ଟ ଅନୁସାରେ ରାଜ୍ୟରେ ୨୦୯୮ଟି ହାତୀ ରହିଥିବା ବେଳେ କେନ୍ଦୁଝର ବନଖଣ୍ଡରେ ୧୩୫ଟି ହାତୀ ରହିଥିବା ଜଣାପଡ଼ିଛି। ଏଥିରୁ ଛୋଟବଡ଼ ୨୮ଟି ଦନ୍ତା, ୫୮ଟି ମାଈ, ୨୮ଟି ଛୁଆ, ମଧ୍ୟବୟସ୍କ ମାଖନା ହାତୀ ୨ଟି, ଅପ୍ରାପ୍ତ ବୟସ୍କ (ଜୁଭେନାଇଲ) ୧୯ଟି ହାତୀ ରହିଛି।
କେନ୍ଦୁଝର ଜିଲ୍ଲା ମେ ୨୨ରୁ ହାତୀ ଗଣନା ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହୋଇଥିଲା।
କେନ୍ଦୁଝର ଡିଭିଜନ ଅଧୀନରେ ଥିବା ସମସ୍ତ ୭ଟି ରେଂଜରେ ୪୩ଟି ମଞ୍ଚା ବନ୍ଧା ଯାଇଥିଲା। ବନ କର୍ମଚାରୀଙ୍କୁ ମୋଟ ୮୧ଟି ୟୁନିଟ୍‌ରେ ଭାଗ କରାଯାଇଥିଲା। ସେମାନ ଜଙ୍ଗଲରେ ଥିବା ୱାଚ୍ ଟାୱାର ଓ ମଞ୍ଚାରେ ରହି ହାତୀ ଗଣନା କରିଥିଲେ। ୩ଜଣ ଲେଖାଏଁ ବନ କର୍ମଚାରୀଙ୍କୁ ନେଇ ଗୋଟିଏ ଗୋଟିଏ ୟୁନିଟ୍ ପ୍ରସ୍ତୁତ ହୋଇଥିଲା। ମଞ୍ଚାରେ ଥାଇ ବନ କର୍ମଚାରୀମାନେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କ ସଂଖ୍ୟା ଗଣନା କରିଥିଲେ। ଘଞ୍ଚ ଜଙ୍ଗଲରେ ହାତୀ ଗଣନା କରିବା କଷ୍ଟକର ହେଉଥିବାରୁ ସେଠାରେ ଡ୍ରୋନର ସହାୟତା ନିଆଯାଇଥିଲା। ଅନ୍ୟପକ୍ଷରେ ୪୦ଦିନ ଧରି କଲରାପତରିଆ ବାଘ ଗଣନା ଚାଲିଛି। ଏଥିପାଇଁ ବିଭିନ୍ନ ଜଙ୍ଗଲରେ ୮୭ଟି ଟ୍ରାପ କ୍ୟାମେରା ଲଗାଯାଇଛି। କଲରାପତରିଆ ବାଘ ରହୁଥିବା ଘଟଗାଁ ରେଞ୍ଜର ଅଟେଇ ସଂରକ୍ଷିତ ଜଙ୍ଗଲ, ତେଲକୋଇ ରେଞ୍ଜର କଳାପାଟ ସଂରକ୍ଷିତ ଜଙ୍ଗଲ, ବଡ଼ବିଲ ରେଞ୍ଜର ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ, କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ଖଜୁରୀବଣି ଜଙ୍ଗଲ ଓ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଲଗାଯାଇଛି।
ଟ୍ରାପ୍ କ୍ୟାମେରାରେ କଏଦ ହେଉଥିବା ଚିତ୍ର ଗୁଡ଼ିକୁ ରେଫରେନ୍ସ ଭାବେ ବ୍ୟବହାର କରାଯାଉଛି। ହାତୀ ଗଣନା ରିପୋର୍ଟ ଗତକାଲି ପ୍ରକାଶ ପାଇଥିଲା। ଖୁବଶୀଘ୍ର କଲରାପତରିଆ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଉର୍ଜା ଉତ୍କର୍ଷତା ପାଇଁ ଏମ୍‌ସିଏଲ୍ ୫-ଷ୍ଟାର ବର୍ଗରେ ପୁରସ୍କୃତ

ସମ୍ବଲପୁର, ୮/୬ (ନି.ପ୍ର): ଉର୍ଜା, ନିରନ୍ତରତା ଏବଂ ସାମାଜିକ ଦାୟିତ୍ୱବୋଧ - ସିଏସ୍‌ଆର୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହାନଦୀ କୋଇଲା କମ୍ପାନୀ ଏମ୍‌ସିଏଲ୍‌କୁ କଳିଙ୍ଗ ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି। ୨୦୨୩ ବର୍ଷୟ ପାଇଁ ନବମ ଜାତୀୟ ପରିବେଶ, ଉର୍ଜା ଓ ଜଳବାୟୁ ପରିବର୍ତ୍ତନ - ୨୦୨୪ ସମ୍ମିଳନୀ ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଠାରେ ଅନୁଷ୍ଠିତ କନ୍‌କ୍ଲେଭରେ ଆଇକ୍ୟୁ ପିଏମ୍‌ଏସ୍ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆଜି ଏହି ପୁରସ୍କାର ପ୍ରଦାନ କରାଯାଇଛି । କମ୍ପାନୀର ବୈଷୟିକ ଓ ଯୋଜନା ନିର୍ଦ୍ଦେଶକ ଏ. ଏସ୍ ବାପଟ ଲେସୋଥୋର ରାଷ୍ଟ୍ରଦୂତ ଲେବୋ ହଙ୍ଗ୍ ଭେଲେନ୍‌ଟାଇନ୍ ମୋଚାବା ଏବଂ ବାଂଲାଦେଶର ଉପରାଷ୍ଟ୍ରଦୂତ ଅନ୍ ?ଡାଲିପ୍ ଇଲିୟାସଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସଫଳତା ପାଇଁ ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେ କମ୍ପାନୀର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉର୍ଜା ସୁରକ୍ଷା କ୍ଷେତ୍ରର କମ୍ପାନୀର ପ୍ରୟାସକୁ ପ୍ରମାଣିତ କରିଛି ବୋଲି କହିଛନ୍ତି । ଏହା ଏମ୍‌ସିଏଲ୍ ପରିବାର ପାଇଁ ଗୌରବର ବିଷୟ । ଉର୍ଜା ପରିଚାଳନା ଏବଂ ସିଏସଆର୍ ଉପକ୍ରମ ଜରିଆରେ ନାଗରିକ କେନ୍ଦ୍ରିକ କାର୍ଯ୍ୟକ୍ରମ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଜାହିର କରିଛି ବୋଲି ସେ କହିଛନ୍ତି ।

# କାଳବୈଶାଖୀ ଝଡ଼ରେ ବ୍ୟାପକ କ୍ଷୟକ୍ଷତି: ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଉପୁଡ଼ିଲା, ୭ଘଣ୍ଟା ବିଦ୍ୟୁତ୍ ସେବା ଠପ୍



ବ୍ୟାସନଗର, ୮/୬ (ନି.ପ୍ର): କାଳବୈଶାଖୀ ଝଡ଼ବର୍ଷା ପ୍ରଭାବରେ ବ୍ୟାସନଗର ସହର ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଅପରାହ୍ନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଆଜି ଅପରାହ୍ଣ ପ୍ରାୟ ୩ଟାରୁ ଆରମ୍ଭ ହୋଇଥିବା ଝଡ଼ବତାଶରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଓ ଦୋକାନ ନାମ ଫଳକ ବୋର୍ଡ ଭାଙ୍ଗି ଯାଇଛି। ପ୍ରବଳ ପବନ ସହିତ ଘନଘନ ବଜ୍ରପାତ ସହରକୁ ଥରାଇ ଦେଇଥିଲା। ପୌରାଞ୍ଚଳର ୧ନମ୍ବର ୱାର୍ଡ ଯୋଡ଼ାବର ଗ୍ରାମ ପ୍ରବେଶ ପଥରେ ଗଛ ଭାଙ୍ଗି ପଡ଼ିବା ସହିତ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଫଳରେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ ହୋଇପଡ଼ିଥିଲା। ସ୍ଥାନୀୟ ଲୋକ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଦୁଇ ଘଣ୍ଟାର ପରିଶ୍ରମ ପରେ କେତେକ ସ୍ଥାନରୁ ରାସ୍ତା ଅବରୋଧ ହଟିଥିଲା। ୨୫ ନମ୍ବର ୱାର୍ଡର ପ୍ଲଟ୍‌ରେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ କାଚହୁଡ଼ି ସାହିରେ ମଧ୍ୟ ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରେ ଭାଙ୍ଗି ପଡ଼ିଥିଲା। କହ୍ନେଇପୁର ଓ ଚୋରଦା ଛକ ନିକଟସ୍ଥ ପ୍ରଭା କେୟାର ନିକଟରେ କେତେକ ନିର୍ବାଚନୀ ପୋଷ୍ଟର ଉଡ଼ିଯାଇ ବିଦ୍ୟୁତ୍ ତାରରେ ଲାଗି ରହିଥିଲା। ସେହିପରି ସହରର ସନ୍ତରା ନିକଟରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିଲା। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା ବେଳେ ଆଉ କେତେକ ସ୍ଥାନରେ ବଜ୍ରପାତ ଯୋଗୁଁ ବିଦ୍ୟୁତ୍ ଖୁଣ୍ଟର ଇନସୁଲେଟର ଭାଙ୍ଗି ଯାଇଥିଲା। ହେଲେ ଏହି ବିପର୍ଯ୍ୟୟରେ କେହି ମୃତାହତ ହୋଇନାହାନ୍ତି। ବିଦ୍ୟୁତ୍ ସରବରାହ ଠିକ୍ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ପ୍ରାୟ ୭ ଘଣ୍ଟା ସହର ଅନ୍ଧାର ହୋଇରହିଥିଲା। ସେହିପରି ବସ୍ତି ଅଞ୍ଚଳରେ ଝଡ଼ବାତ୍ୟା କିଛି ଲୋକଙ୍କ ଘରର ଛପର ଉଡ଼ାଇ ନେଇଥିଲା। ବହୁ ଦୋକାନର ନାମ ଫଳକ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ସହରର ଫୁଟ୍‌ପାଥ୍‌ରେ ବହୁ ଉଠା ଦୋକାନ ଉଡ଼ାଇ ନେଇଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯିବାରୁ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

# ପାନୀୟଜଳ ପାଇଁ ରାସ୍ତାରୋକ



ହାଟଡିହି, ୮/୬ (ନି.ପ୍ର): ପାନୀୟଜଳ ପାଇଁ ରାସ୍ତାରୋକ କରିଛନ୍ତି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଡେଙ୍ଗାଚୁଆ ଗ୍ରାମବାସୀ। ଲୋକେ ରାସ୍ତାରେ ଗରା, ଡେକଚି ଧରି ବସିବା ଯୋଗୁଁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ଡେଙ୍ଗାଚୁଆ ଏକ ଆଦିବାସୀ ବହୁଳ ଗ୍ରାମ। ଏଠାରେ ତିନି ହଜାରରୁ ଉର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଗ୍ରାମବାସୀଙ୍କୁ ଜଳ ଯୋଗାଇବାପାଇଁ ଦୁଇଟି ନଳକୂପ ରହିଛି। ଏପ୍ରିଲ ମାସରୁ ଗୋଟିଏ ନଳକୂପ ଅଚଳ ହୋଇଯାଇଛି। ଆଉ ଏକ ନଳକୂପରୁ ଅଳ୍ପ ପାଣି ବାହାରୁଛି। ପାଣି ପାଇଁ ନଳକୂପ ନିକଟରେ ସକାଳୁ ଲୋକେ ଲମ୍ଵାଧାଡ଼ିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। ଗ୍ରାମକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଓମ୍ବାଡ୍‌ସି ଅନୁଦାନରେ ନିର୍ମାଣ ହୋଇଛି ଏକ ପାନୀୟଜଳ ପ୍ରକଳ୍ପ ଓ ଓଭରହେଡ୍ ପାଣିଟାଙ୍କି। ଅତ୍ୟନ୍ତ ନିମ୍ନମାନର କାମ ଯୋଗୁଁ ଅଧିକାଂଶ ସମୟରେ ପ୍ରକଳ୍ପଟି ଅଚଳ ହୋଇଯାଉଛି। ୨୦ଦିନ ହେଲା ଟାଙ୍କିରୁ ଜଳ ଯୋଗାଣ ବନ୍ଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଲୋକେ ବାରମ୍ବାର ସରପଞ୍ଚ ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କେହି ଶୁଣୁ ନାହାନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମର ଶତାଧିକ ଗ୍ରାମବାସୀ ଡେଙ୍ଗାଚୁଆ-ସଂଗମ ରାସ୍ତାକୁ ଅବରୋଧ କରି ବସିଥିଲେ। ତୁରନ୍ତ ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରି ପାଣି ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଡେଙ୍ଗା ସରପଞ୍ଚ ସୁବାସିନୀ ସେଠୀଙ୍କୁ ପଚାରିବାରୁ, ଭୂତଳ ଜଳସ୍ତର କମିଯିବାରୁ ନଳକୂପରୁ ଠିକ୍ ଭାବେ ପାଣି ବାହାରୁ ନାହିଁ। ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ତାହା ପର୍ଯ୍ୟାପ୍ତ ନୁହଁ। ପାନୀୟଜଳ ପ୍ରକଳ୍ପର ମୋଟର ପୋଡ଼ିଯାଇଛି। ଆଜି ମୋଟର ଲଗାଯାଇ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ଆମ୍ବ ଗୋଟାଇବା ହେଲା କାଳ: ହାତୀ ଦଳି ଦେଲା



ଅନୁଗୋଳ, ୮/୬ (ନି.ପ୍ର): ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ଏଭଳି ଘଟଣା ଅଭାବନୀୟ ଘଟଣା ଅନୁଗୋଳ ଜିଲ୍ଲା ହଣ୍ଡପା ବନାଞ୍ଚଳ ଅଁଳାବେରେଣି ଗାଁରେ ଘଟିଛି । ମୃତ ବୃଦ୍ଧା ଜଣଙ୍କ ହେଲେ ଆଶା ଦେହୁରୀ। ଶନିବାର ସକାଳେ ଆଶା ଆମ୍ବ ଗୋଟାଇବାକୁ ଘର ନିକଟ ବଗିଚାକୁ ଯାଇଥିଲେ। ଏହି ସମୟରେ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ କବଳରୁ ନିଜ ଜୀବନ ବଞ୍ଚାଇବାକୁ ସେ ଦୌଡ଼ିଥିଲେ। ହାତୀଟି ତାଙ୍କୁ ଗୋଡ଼ାଇଥିଲା। ପରେ ତାଙ୍କୁ ଶୁଣ୍ଢରେ ଟେକି ନେଇ ତଳେ କଚାଡି ଦଳି ଦେଇଥିଲା। ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରିଛନ୍ତି। ବୃଦ୍ଧାଙ୍କୁ ମୃତ୍ୟୁକୁ ନେଇ ଗାଁରେ ଅସନ୍ତୋଷ ଦେଖା ଦେଇଛି। ମୃତ ବୃଦ୍ଧାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପୁରୀରୁ ଫେରିବା ବାଟରେ ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

କୋରେଇ, ୮/୬ (ନି.ପ୍ର): କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ ପଂଚାୟତ ଖଜୁରୀ ନାଲୁଆ ଗ୍ରାମରେ ଆଜି ଏକ ଶୋକାକୂଳ ପରିବେଶରେ ଜଣେ ଯୁବକଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଖଜୁରୀନାଲୁଆ ଗ୍ରାମର ଜଳଧର ସାହୁଙ୍କ ପୁଅ ଗୋପାଳ ଚନ୍ଦ୍ର ସାହୁ(୨୮) ଏକ ବାଇକ୍ ଯୋଗେ ପୁରୀ ଯାଇଥିଲେ । ଗତକାଲି ପୁରୀରୁ ଫେରିବା ବେଳେ ରାତି ସାଢେ ଆଠଟା ସମୟରେ ଏକ ଅଜଣା ଗାଡି ତାଙ୍କୁ ୧୬ ନମ୍ବର ଜାତୀୟ ରାଜପଥର କୁଆଖିଆ ଥାନା ଦୁର୍ଗାପୁର ନିକଟରେ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ମଧୁବନ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀରକୁ ଆଜି ଗାଁକୁ ଆଣିବା ପରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ତାଙ୍କ ମରଶରରକୁ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବା ବେଳେ ସାନଭାଇ ଅର୍ନ୍ତଜ୍ୟାମୀ ସାହୁ ମୁଖାଗ୍ନି ଦେଇଥିଲେ ।
ପୂର୍ବତନ କୋରେଇ ବିଧାୟକ ସଂଚିତା ମହାନ୍ତି, ପୂର୍ବତନ ସରପଂଚ ପ୍ରକାଶ ଧଳ, ଉଦୟନାଥ ପରିଡା, ସମିତିସଭ୍ୟ ରଶ୍ମିରଂଜନ ପରିଡା, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ବୃନ୍ଦାବନ ସାହୁ. ଜୟନ୍ତୀ ସାହୁ, ସାମ୍ବାଦିକ ଅକ୍ଷୟ କୁମାର ପରିଡା, ଅଜୟ ଜେନା, ପ୍ରକାଶ ସାହୁ, ବିଜୟ ଦାସ, ବୈଲୋଚନ ପରିଡା, ଅଭୟ କୁମାର ପରିଡାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ସମସ୍ତ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ପରିବାର ବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ମଂଟେଶ୍ୱରୀ ପବ୍ଲିକ ସ୍କୁଲରେ ଗ୍ରୀଷ୍ମକାଳିନ ଶିବିର ଉଦ୍‌ଯାପିତ

ବଲାଙ୍ଗୀର, ୮/୬ (ନି.ପ୍ର): ବଲାଙ୍ଗିର ମାଲପଡା ସ୍ଥିତ ମଂଟେଶ୍ୱରୀ ପବ୍ଲିକ ସ୍କୁଲରେ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳିନ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ନୃତ୍ୟ, ଚିତ୍ରାଙ୍କନ, ସ୍ପୋକେନ ଇଂଗ୍ଲିସ, କମ୍ପୁଟର ଇତ୍ୟାଦିର ଶିକ୍ଷା ତଥା ଆମୋଦ ପ୍ରମୋଦ କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ ଦିଆଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭବେ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବନ୍ଧପଡା ପ୍ରଧାନ ଶିକ୍ଷକ ଆନନ୍ଦ ବଡପଣ୍ଡା ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ପାଠ ପଢିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ରବି ଚନ୍ଦ୍ର ଉଦ୍‌ଗାତା ଛାତ୍ର ଛାତ୍ରୀମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଅଧ୍ୟାପିକା ହିମାନୀ ତ୍ରିପାଠି, ଆଶା ଅନୁପ୍ରିୟା, ପ୍ରିତୀପଲ୍ଲବୀ ନିରୁପମା ଏବଂ ଶିକ୍ଷକମାନଙ୍କ ସାହାଯ୍ୟ ସହଯୋଗ ରେ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଆକୁଳ ବେହେରା, ଜୟନ୍ତ ଶତପଥି, ସଂଯୁକ୍ତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଛାତ୍ର ଛାତ୍ରୀଙ୍କୁ ମାନପତ୍ର, ମେମେଂଟୋ, ମେଡାଲ ଦେଇ ଉତ୍ସାହିତ କରିଥିଲେ । ଶେଷରେ ଅଧ୍ୟାପିକା ହିମାନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ କର୍ମଚାରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ମାଲକାନଗିରି ସରକାରୀ ପଲିଟେକ୍ନିକ୍‌ର ଷଷ୍ଠ ଗଭର୍ଣ୍ଣିଂ ବଡି ବୈଠକ

ମାଲକାନଗିରି, ୮/୬ (ନି.ପ୍ର): ମାଲକାନଗିରି ସରକାରୀ ପଲିଟେକ୍ନିକ୍ ର ଷଷ୍ଠ ଗଭର୍ଣ୍ଣିଂ ବଡି ବୈଠକ ମାଲକାନଗିରି ଜିଲ୍ଲା ମାଜିଷ୍ଟ୍ରେଟ-ତଥା-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସଚିନ ପାୱାର, ଆଇଏଏସ୍ ଅଧକ୍ଷତା କରିଥିଲେ। ଏହି ବୈଠକରେ ପିଡବ୍ଲ୍ୟୁଡି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରା, ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ନିଯୁକ୍ତି ଅଧିକାରୀ ମାନସ୍ୱୀ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ରେଡକ୍ରସ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, ଚାମ୍ବର ଅଫ୍ କମର୍ସର ସଭାପତି ସୁରେଶ ସୋମାନୀ, ଅନୁଷ୍ଠାନର ଅଧକ୍ଷ ଜ୍ଞାନରଞ୍ଜନ ଦାସ ଓ ଅଧ୍ୟାପକ ଯଥା ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର, ସୌରଭ ପ୍ରଧାନ, ପାର୍ଥ ସାରଥୀ ମଲ୍ଲିକ, ଅବକାଶ ପ୍ରଧାନୀ ଓ ଜେ ବିନୋଦ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ଶିକ୍ଷାବର୍ଷରେ ଅଧିକ ନାମଲେଖା ପାଇଁ ସଚେତନତା, ଅନୁଷ୍ଠାନ ପାଇଁ ହାଲୁକା ମୋଟର ଯାନ (ଏଲ୍‌ଏମଭି )କୁ ଅନୁମୋଦନ, ଅନୁସୂଚିତ ଜାତି ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ପିଡିଏସ୍ ଚାଉଳ ପ୍ରଦାନ ଓ ଅନୁଷ୍ଠାନ ପାଇଁ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। କ୍ୟାମ୍ପସ୍ ଅଭିଯାନରେ ଯୋଗ ଦେଉଥିବା ଛାତ୍ରଛାତ୍ରୀଙ୍କୁ ମୋଟ ଖର୍ଚ୍ଚ ରାଶିର ୫୦ ପ୍ରତିଶତ ଫେରସ୍ତ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକ ଶେଷ ହୋଇଥିଲା।

# ନିଖୋଜ ଡାକ୍ତର ଅମ୍ଲାନ ଭୋଇଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କଲା ପୋଲିସ

ମାଲକାନଗିରି, ୮/୬ (ନି.ପ୍ର): କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅମ୍ଲାନ ଭୋଇଙ୍କୁ ପୁଲିସ ଉଦ୍ଧାର କରି ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏସପି ନୀତିଶ ବାଧୱାନୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଗତ ୨ ତାରିଖ ସାଢେ ୯ଟାରେ କାଲିମେଲା ଡାକ୍ତରଖାନାର ମେଡିକାଲ ଅଫିସର କାଲିମେଲା ଥାନାରେ ଲିଖିତ ଏତଲା ଦାୟର କରିଥିଲେ ଯେ ଡାକ୍ତର ଅମ୍ଲାନ ଭୋଇ ଘରେ ନାହାନ୍ତି ଏବଂ ତାଂକ ଘର ଆଗରେ ନକ୍ସଲ ଏକ ପୋଷ୍ଟର ମାରିଛନ୍ତି। ଏହା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଲଗାତାର ପୁଲିସ ଏବଂ ଜିଲ୍ଲା ପ୍ରଶାସନ ଅମ୍ଲାନଙ୍କୁ ଖୋଜିବା ଆରମ୍ଭ କରିଥିଲେ। ତେବେ ପ୍ରାଥମିକ ତଦନ୍ତରୁ ନକ୍ସଲ ଅମ୍ଲାନଙ୍କୁ ଅପହରଣ କରି ନଥିବା ଜଣାପଡିଥିଲା। ସେ କୁଆଡେ ଗଲେ ଏବଂ କାହିଁକି ଗଲେ ପୁଲିସ ଟେର ମଧ୍ୟ ପାଇପାରିନଥିଲା। ଗତ ୫ ତାରିଖରେ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ ଡାକ୍ତର ଅମ୍ଲାନ କର୍ଣ୍ଣାଟକର ରାମନାଗଡ଼ ଜିଲ୍ଲାର ହରହାଲି ଥାନା ଅନ୍ତର୍ଗତ ହରହାଲି ବସଷ୍ଟାଣ୍ଡରେ ଠିଆ ହୋଇଛନ୍ତି।

# ବିଦ୍ୟୁତ ସଟ ସର୍କିଟରେ ପୋଡିଗଲା ବେକେରି ଦୋକାନ

ନୂଆପଡ଼ା, ୮/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ସହରରେ ଥିବା ସ୍ୱିଜ ବେକେରିରେ ଆଜି ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି। ଆଜି ଦିନ ୧୧ ଟା ସମୟରେ ବିଦ୍ୟୁତ ସଟ ସର୍କିଟ ହୋଇ ଏସିରେ ପ୍ରଥମେ ନିଆଁ ଲାଗିଥିଲା । ପରେ ଦୋକାନର ଚାରିଆଡେ ନିଆଁ ଲାଗିଯାଇଥିଲା । ଯାହାଫଳରେ ବେକେରି ଦୋକାନର ବିଭିନ୍ନ ବେକେରି ଆଇଟମ, ଆଇସକ୍ରିମ, କୋଲଡ୍ରିଂ ପୋଡି ନଷ୍ଟ ହୋଇଯାଇଛି। ସ୍ୱିଜ ବେକେରି ମାଲିକ ଚନ୍ଦ୍ରଶେଖର ମେହେର ସିନାପାଲିର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗର କର୍ମଚାରୀ ଆସି ନିଆଁକୁ ଆୟତ କରିଛନ୍ତି, ହେଲେ ସମସ୍ତ ବେକେରି ସାମଗ୍ରୀ ସବୁ ପୋଡିଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇ ଯାଇଥିବା ଜଣାପଡ଼ିଛି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୯ ଜୁନ୍ ୨୦୨୪
email :
rabibarachayan2015@gmail.com




**ଧାରାବାହିକ ଉପନ୍ୟାସ**



# ବୈଦେହୀ

**ଡ.ଭାଗବତ ବେହେରା**



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୫୫**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମହୋତ୍ସବ ! ଚମକି ଉଠିଥିଲି ମୁଁ । ଏଠାରେ କି ପ୍ରକାର ମହୋତ୍ସବ ହେବ ମାତା ତ୍ରିଜଟା । ମୋତେ ଚାହିଁ ହସିହସି ସେ କହିଥିଲେ ତୋ ମନ ମୋହିବା ପାଇଁ ଆମ ରାଜା ଏଠାରେ ନୃତ୍ୟ ସଂଗୀତର ଆସର ବସାଇବେ । ଲଙ୍କାର କୋଷାଗାରରେ ଥିବା ଅନେକ ରତ୍ନଖଚିତ ଅଳଙ୍କାର, ଦାମୀଦାମୀ ଶାଢ଼ୀ ମାନ ଆଣି ତୋତେ ଉପହାର ଦେବେ । ଏସବୁ ଦେଖିଲେ ହୁଏତ ତୋ ମନ...

ତ୍ରିଜଟାଙ୍କୁ କଥା ଶେଷ କରିବାକୁ ନଦେଇ ଏତେ ଦୁଃଖରେ ବି ମୁଁ ହସି ପକାଇଥିଲି । ତାଙ୍କୁ ଶୁଣାଇ କହିଥିଲି ମା'ଗୋ, ଏତେଦିନ ଅଶୋକବନରେ ରହିବା ଭିତରେ ତୁମେ ସୀତାକୁ କେମିତି ଜାଣିଛ ମୁଁ ଜାଣେନା । ତୁମେ ଭଲ ଭାବରେ ଜାଣ ମା' ମୁଁ ମାଟିର କନ୍ୟା । ମାଟିକୁ ଶତଚେଷ୍ଟା କଲେ ସେ କ'ଣ ସୁବର୍ଣ୍ଣ ହୋଇଯିବ। ହେଉ କ'ଣ କରୁଛି କରୁ ଲଙ୍କପତି । ତାର ଅନ୍ତିମ ସମୟ ଆସି ଉପନୀତ ହେଲାଣି । ତହିଁ ପରଦିନ ପ୍ରଭାତରୁ ମୁଁ ଉଠି ଦେଖେ ତ ଆଶ୍ରମରେ ଭିଡ଼ ଲାଗିଯାଇଛି । ଦଳଦଳ କରି ସୁନ୍ଦରୀ କନ୍ୟାମାନେ ବସ୍ତ୍ର ଅଳଙ୍କାରରେ ଭୂଷିତ ହୋଇ ମୋ ଚାରିପାରୁଶରେ ବେଢ଼ି ଯାଇଛନ୍ତି । କିଛି ମହିଳା ବାଦ୍ୟକାର ନାନା ପ୍ରକାରର ବାଦ୍ୟ ଯନ୍ତ୍ର ଧରି ପ୍ରତୀକ୍ଷା କରି ରହିଛନ୍ତି । ଆଳଟ, ଚାମର, ପୁଷ୍ପଚନ୍ଦନ ଧରି କିଛି ପରିଚାରିକା ଅଶୋକ ବେଦୀ ତଳେ ଧାଡ଼ି ବାନ୍ଧିଛନ୍ତି ।

ଏସବୁକୁ ଦେଖି ମୁଁ ଆଶ୍ଚର୍ଯ୍ୟ ନହୋଇ ମୋର ନିତ୍ୟକର୍ମରେ ମନ ଦେଇଥିଲି । ମୁଖଧୌତ କରି ପୁଷ୍ପରେ ମୋ ସ୍ୱାମୀଙ୍କର ପ୍ରତିମାଟିଏ ଆଙ୍କି, ତାଙ୍କୁ ପ୍ରଣାମ କରି ମାତା ତ୍ରିଜଟାଙ୍କ ସହିତ ଯାଇଥିଲି ସ୍ନାନ କରିବାକୁ । ସ୍ନାନ ସାରି ଅଶୋକ ମୂଳକୁ ଫେରୁଥିବା ରାସ୍ତାରେ ପରିଚାରିକାମାନେ ମୋ ଆଗକୁ ପୁଷ୍ପଚନ୍ଦନ ପକାନ୍ତେ ମୁଁ ତାଙ୍କୁ ବାରଣ କରି କହିଥିଲି, ତୁମେମାନେ ଯାହା ଆଦେଶରେ ଏ କାର୍ଯ୍ୟ କରନା କାହିଁକି ଏପରି କାର୍ଯ୍ୟକୁ ମୁଁ ଘୃଣାକରେ । ତୁମେମାନେ ଏପରି କଲେ ମୁଁ ଏହିଠାରେ ଛିଡ଼ା ହୋଇ ରହିବି । ପାଦଟିଏ ବି ଆଗକୁ ପକାଇବି ନାହିଁ ।

ମୋ କଥାଶୁଣି ମାଆ ତ୍ରିଜଟା କହିଥିଲେ ପରିଚାରିକାମାନେ ତୁମେମାନେ ଏ କାର୍ଯ୍ୟ କରନାହିଁ । ସୀତାର ଏସବୁରେ ରୁଚି ନାହିଁ । ତୁମ ମହାରାଜଙ୍କୁ ମୁଁ ଏକଥା ବୁଝାଇଦେବି । ପରିଚାରିକାମାନେ ମୋ ସମ୍ମୁଖରୁ ଦୂରେଇ ଯାଆନ୍ତେ ମୁଁ ଆସି ବଉଳବେଦୀ ମୂଳରେ ପାଦ ରଖିବାମାତ୍ରେ କିଛି ପରିଚାରିକା ସୁନ୍ଦର ସୁନ୍ଦର ବସ୍ତ୍ର ଅଳଙ୍କାର ଧରି ମୋ ପାଖକୁ ଆସନ୍ତେ ମୁଁ କିଛି କହିବା ପୂର୍ବରୁ ତ୍ରିଜଟା କହିଥିଲେ, ପରିଚାରିକାମାନେ ତୁମେମାନେ ଏ ସମସ୍ତ କର୍ମରୁ ନିବୃତ ରୁହ । ସୀତା ଏସବୁ କିଛି ଗ୍ରହଣ କରିବ ନାହିଁ । ମୁଁ ଜାଣେ ତୁମେ ଲଙ୍କପତିଙ୍କର ଆଦେଶ ପାଳନ ନକଲେ ସେ ତୁମକୁ ଦଣ୍ଡିତ କରିବେ । ସେକଥା ମୁଁ ବୁଝିବି । ମୁଁ ତାଙ୍କୁ ବୁଝାଇଦେବି ଦେବୀ ଜାନକୀ କାହିଁକି ଏ ଉପହାର ଗ୍ରହଣ କରୁନାହାନ୍ତି ।

ସ୍ଥିର ହୋଇ ଛିଡ଼ା ହୋଇ ରହିଥିଲେ ପରିଚାରିକାଗଣ । ମୁଁ ମୋର ଦୈନିକ ଯାହା କରେ ତାହା କଲି । ରାଣୀ ମନ୍ଦୋଦରୀ ପ୍ରଦତ୍ତ ଫରୁଆରୁ ସିନ୍ଦୂର ଆଣି ମସ୍ତକରେ ଲଗାଉଥିବା ସମୟରେ ମୋ କର୍ଣ୍ଣରେ ଗୁଞ୍ଜରି ଉଠିଲା କିଛି ଲଳନାଙ୍କ କଣ୍ଠରୁ ଝରି ପଡୁଥିବା ସୁମଧୁର ସଂଗୀତର ସ୍ୱର । ପାର୍ଶ୍ୱରେ ଥିବା ନର୍ତ୍ତକୀମାନେ ସେହି ସଂଗୀତର ତାଳେତାଳେ ନୃତ୍ୟ କରିବାକୁ ଲାଗିଲେ । ସେ ଦୃଶ୍ୟ ଦେଖି ମୁଁ ହସିବି କିବା କାନ୍ଦିବି କିଛି ସ୍ଥିର କରିପାରୁ ନଥାଏ । ସେ ସଂଗୀତର ସ୍ୱରକୁ ପ୍ରତିହତ କରିବାପାଇଁ ସେଦିନ ମୋ କଣ୍ଠରୁ ଝରି ଆସିଲା ଉଚ୍ଚସ୍ୱରରେ ରାମନାମ । ମୋ କଣ୍ଠରୁ ଝରୁଥିବା ରାମନାମରେ କି କିମିଆ ଥିଲା ମୁଁ ଜାଣେନା, ସଂଗୀତ ଶିଳ୍ପୀଙ୍କର କଣ୍ଠରୁ ସଂଗୀତ ଝରିବା ବନ୍ଦ ହୋଇ ଯାଇଥିଲା । ବନ୍ଦ ହୋଇ ଯାଇଥିଲା ବାଦ୍ୟଯନ୍ତ୍ର, ନୃତ୍ୟକାରୀଙ୍କର ନୃତ୍ୟ । ସମସ୍ତେ ତନ୍ମୟ ହୋଇ ଅନାଇ ରହିଥିଲେ ମୋତେ । ଆକଣ୍ଠ ଭରି ପାନ କଲେ ସେମାନେ ରାମନାମ ମହାମନ୍ତ୍ରକୁ ।

ସେମାନଙ୍କ ନୃତ୍ୟ ସଂଗୀତ ବନ୍ଦ ହୋଇଯିବା ଦେଖି ରାବଣ ଭୟରେ ମା' ତ୍ରିଜଟା ପାଟି କରି ଉଠିଥିଲେ, କନ୍ୟାମାନେ କ'ଣ ପାଇଁ ତୁମେ ନୃତ୍ୟ ସଂଗୀତକୁ ସ୍ଥଗିତ ରଖିଲ । ଏକସ୍ୱରରେ ସେମାନେ କହିଥିଲେ ମହାମାନ୍ୟା ତ୍ରିଜଟା ଆମେ କ'ଣ କରିବୁ ? ଏ ଦେବୀଙ୍କ କଣ୍ଠରୁ ଝରି ପଡୁଥିବା ରାମନାମର ମଧୁର ଝରଣା ଆମ କଣ୍ଠକୁ ରୋଧିଦେଲା । ଆମ ପାଦରୁ ହରଣ କରିନେଲା ଚଳଶକ୍ତି । ଆମେ ଗାଇବୁ, ନାଚିବୁ କ'ଣ ଆମ ନୃତ୍ୟ ସଂଗୀତର ସମସ୍ତ ମାଧୁର୍ଯ୍ୟକୁ ବଳି ପଡୁଛି ଏ ରାମ ନାମାମୃତ। ଆମେ ମୁଗ୍ଧ, ତନ୍ମୟ । ଲଙ୍କପତି ଆମକୁ ଜୀବନରୁ ମାରିଦିଅନ୍ତୁ ପଛେ ଆମେ ଆଉ ଏ କାର୍ଯ୍ୟ କରିପାରିବୁ ନାହିଁ ।

ଏହି ସମୟରେ କିଛି ପରିଚାରିକା ସୁବର୍ଣ୍ଣପାତ୍ରରେ ଅନ୍ନ, ବ୍ୟଞ୍ଜନ, ନାନା ମିଷ୍ଟାନ୍ନ ଆଣି ମୋ ନିକଟରେ ଥୋଇ ଦିଅନ୍ତେ, ମାଆ ତ୍ରିଜଟା କହିଥିଲେ ତୁମେମାନେ ଯେତେ ପ୍ରକାରର ସୁସ୍ୱାଦୁ ଅନ୍ନ, ମିଷ୍ଟାନ୍ନ ଆଣି ଏଠାରେ ଠୁଳ କଲେ ହେଁ ସୀତା କେବଳ ମାତ୍ର ଗୋଟାଏ ଫଳ ବ୍ୟତୀତ ଆଉ କିଛି ଭୁଞ୍ଜିବ ନାହିଁ । ସେ ଫଳ ପୁଣି ତୁମେମାନେ ଆଣିଥିବା ଫଳ ନୁହେଁ, ଅଶୋକବନର ବୃକ୍ଷ ମାନଙ୍କରେ ଫଳିଥିବା ଫଳରୁ ସେ ଗୋଟାଏ ଗ୍ରହଣ କରିବ । ଆଜି ତାଙ୍କ ଆହାର ପାଇଁ ମୁଁ ଏହି ଗୋଟିଏ ମାତ୍ର ପକ୍ୱ କମଳା ଆଣିଛି । ଏହାହିଁ ତାଙ୍କର ଆଜ ଦିବସ ଓ ରାତ୍ରିର ଭୋଜନ । ତ୍ରିଜଟାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ସମସ୍ତ ପରିଚାରିକା ।

ଆରମ୍ଭରୁ ଏ ଦୃଶ୍ୟକୁ ଅନ୍ତୁଆଳରେ ଥାଇ ଦେଖୁଥାନ୍ତି ଲଙ୍କା ନରେଶ । ନିଜକୁ ଆଉ ଲୁଚାଇ ରଖି ନପାରି ସେ ଆସି ମୋ ସମ୍ମୁଖରେ ଛିଡ଼ା ହୋଇ କହିଥିଲେ, "ଦେବୀ ସୀତା ! ତୁମ ଟାଣପଣ ଆଗରେ ମୋ ମୁଣ୍ଡ ନଇଁ ଯାଉଛି । ତୁମ ପାଇଁ ମୁଁ ଆଜି ଏତେ ପ୍ରକାରର ଆୟୋଜନ କରିଥିଲି । ମୋର ସମସ୍ତ ଆୟୋଜନକୁ ତୁମେ ଉପହାସ କଲ।" ରାବଣର କଥା ଶୁଣି ମୁଁ ଚମକି ପଡ଼ିଥିଲି ସୁଧାମୟୀ । ପଞ୍ଚବଟୀରୁ ଆସିବା ଦିନ ଠାରୁ ମୁଁ କେବେ ରାବଣ ସହିତ କଥା ହୋଇ ନଥିଲି । ସେଦିନ ସାହସ ସଞ୍ଚୟ କରି ମୁଁ ରାବଣକୁ କହିଥିଲି, "ଦଶାନନ ! ତୁମେ ସୁବର୍ଣ୍ଣ ଲଙ୍କାର ଅଧିପତି । ପ୍ରବଳ ପ୍ରତାପୀ, ବିଦ୍ୟା, ବୁଦ୍ଧି, ଜ୍ଞାନରେ ତୁମେ ପଣ୍ଡିତ । ଶସ୍ତ୍ର ବିଦ୍ୟାରେ ମଧ ଧୁରୀଣ । ସେଇଥିପାଇଁ ଦେବତାମାନେ ତୁମକୁ ଭୟ କରନ୍ତି। ତୁମ ଉପଦେଶ ମାନି ଚଳନ୍ତି । ତୁମ ଆଜ୍ଞା ବହନ କରି ଇନ୍ଦ୍ର ତୁମ ଇଚ୍ଛାନୁସାରେ ଏଠାରେ ବୃଷ୍ଟି କରେ। ପ୍ରକୃତି ତୁମ କଥାମାନି ସଦା ତୁମ ଏ ଅଶୋକବନରେ ବସନ୍ତର ଉପଚାର ଖଞ୍ଜି ଦେଇଛି। ଇନ୍ଦ, ଚନ୍ଦ୍ର, ବରୁଣ, କୁବେର ଆଦି ଦେବତାମାନେ ତୁମର କିଙ୍କର ଏହା ମୋତେ ଭଲ ଭାବରେ ଜଣା। ତୁମେ ତାଙ୍କୁ ଜିଣିପାରିଛ ସତ୍ୟ, ହେଲେ ଜଣେ ପତିବ୍ରତା ନାରୀର ମନକୁ ତୁମଭଳି ଲକ୍ଷେ ପରାକ୍ରମୀ ହେଲେ ମଧ ଜିଣିପାରିବ ନାହିଁ କି ଜାଣିପାରିବ ନାହିଁ ।"

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


**ଚଳନ୍ତିକା**

# ଜନାଦେଶ ମ୍ୟାଜିକ୍



**ସୁବ୍ରତ ପଟ୍ଟନାୟକ**

ଜନାଦେଶ ମ୍ୟାଜିକ୍ ହେଲା ଶେଷ। ଓଲଟପାଲଟ ହେଲା ନିର୍ବାଚନର ଫଳାଫଳ। ସବୁ ଅଙ୍କକଷା ହେଲା ଭୁଲ୍। ଓଡ଼ିଶାରେ ବିଜେଡ଼ି ସରକାର ମାରିଲା ଚିତ୍‌ପଟାଙ୍ଗ୍। ବ୍ୟାଚଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (୭୭ ବର୍ଷ) ହିଞ୍ଜଳୀ ବିଧାନସଭା ଆସନରୁ ଜିତିଲେ ସତ, ମାତ୍ର କଣ୍ଟାବାଞ୍ଜି ଆସନରେ ଚାଟିଲେ ମାଟି। ବିଜେଡ଼ି ଗଡ଼ ହେଲା ଧୂଳିସାତ୍। ୨୦୨୪ ବିଧାନସଭା ନିର୍ବାଚନରେ ବିଜେପି -୭୮, ବିଜେଡ଼ି-୫୧, କଂଗ୍ରେସ -୧୪, ଅନ୍ୟାନ୍ୟ -୪ ଆସନ ଦଖଲ କଲେ। ୨୧ଟି ଲୋକସଭା ଆସନରୁ ବିଜେପି ଖାତାକୁ ଗଲା କୋଡ଼ିଏ, କଂଗ୍ରେସକୁ ଗୋଟିଏ। ବିଜେଡ଼ି ହେଲା ମୂଳପୋଛ। ଓଡ଼ିଶାରେ ସରକାର ଗଢ଼ିବାକୁ ଆବଶ୍ୟକ ମ୍ୟାଜିକ୍ ନମ୍ବର ୭୪କୁ ପାର୍ କରିଛି ବିଜେପି। ଆମେ ମନେପକାଉ ଦେଉଛୁ, ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡ଼ି-୧୧୩, ବିଜେପି-୨୩, କଂଗ୍ରେସ-୯, ଅନ୍ୟାନ୍ୟ-୨ଟି ଆସନ ପାଇଥିଲେ।

୧୯୯୭ ମସିହାରେ ପିତା ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ଆସିଲେ ରାଜନୀତିକୁ। ଲୋକସଭା ସାଂସଦ ଭାବେ ନିର୍ବାଚିତ ହେବାପରେ ହେଲେ କେନ୍ଦ୍ରମନ୍ତ୍ରୀ। ୨୦୦୦ ମସିହାରୁ ଏପର୍ଯ୍ୟନ୍ତ ସେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଆସନରୁ ଷଷ୍ଠଥର ପାଲଟିଛନ୍ତି ବିଧାୟକ। ଦୁର୍ଭାଗ୍ୟର ବିଷୟ ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଶାସନ ଭାର ଖସିଯାଇଛି ହାତ ମୁଠାରୁ। ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ରହିଲା ଅଧୁରା। ସବୁଠୁ ଆଶ୍ଚର୍ଯ୍ୟର ବିଷୟ, ତିନୋଟି ପ୍ରମୁଖ ରାଜନୈତିକ ଦଳର ସଭାପତି ଏଥର ନିର୍ବାଚନରେ ହାରିଛନ୍ତି। ବିଜେଡ଼ି ସୁପ୍ରିମୋ ନବୀନ କଣ୍ଟାବାଞ୍ଜି ଆସନରୁ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ୧୫ ହଜାର ଭୋଟ ପଛରେ ପଡ଼ିଲେ। କଂଗ୍ରେସ ଦଳ ପିସିସି ସଭାପତି ଶରତ ପଟ୍ଟନାୟକ ନୂଆପଡ଼ା ଆସନରୁ ବିଜେଡ଼ିର ରାଜେନ୍ଦ୍ର ଢ଼ୋଲକିଆଙ୍କ ଠାରୁ ୪୬ହଜାର ଭୋଟରେ ହାରିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଚାନ୍ଦବାଲି ଆସନରୁ ବିଜେଡ଼ି ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କଠାରୁ ପରାସ୍ତ। ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଓ ଝିଅ ଏଥର ନିର୍ବାଚନରେ ମାରିଛନ୍ତି ଫେଲ। ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ବେଗୁନିଆରୁ ଓ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ଝାରସୁଗୁଡ଼ା ଆସନରୁ ହାରିଛନ୍ତି।

ବିଧାନସଭାରେ ବିଭିନ୍ନ ରାଜନୈତିକ ଦଳର ପ୍ରମୁଖ ବିଜୟୀ ନେତାଙ୍କ ମଧ୍ୟରେ ଅଛନ୍ତି- ପ୍ରମିଳା ମଲ୍ଲିକ (ବିଞ୍ଝାରପୁର) ବଦ୍ରୀ ନାରାୟଣ ପାତ୍ର (ଘଷିପୁରା), ମୋହନ ମାଝୀ (କେନ୍ଦୁଝର ସଦର), ପ୍ରଶାନ୍ତ ଜଗଦେବ(ଖୋର୍ଦ୍ଧା), ପୃଥ୍ୱୀରାଜ ହରିଚନ୍ଦନ (ଚିଲିକା), ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି), ଆକାଶ ଦାସ ନାୟକ (କୋରେଇ), ସୋଫିଆ ଫିର୍ଦ୍ଦୋସ (ବାରବାଟୀ-କଟକ)। ପରାଜିତ ତାଲିକାରେ- ପ୍ରଫୁଲ୍ଲ ସାମଲ (ଭଦ୍ରକ), ପ୍ରଦୀପ ଅମାତ(ବୌଦ), ପ୍ରଫୁଲ୍ଲ ମଲ୍ଲିକ (କାମାକ୍ଷନଗର), ଟୁକୁନି ସାହୁ (ଟିଟିଲାଗଡ଼), ନିରଞ୍ଜନ ପଟ୍ଟନାୟକ(ଭଣ୍ଡାରିପୋଖରୀ), ଜୟଦେବ ଯେନା (ଆନନ୍ଦପୁର), ସୌମ୍ୟରଂଜନ ପଟ୍ଟନାୟକ (ଘଷିପୁରା), ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ଆଠଗଡ଼), ବର୍ଷା ପ୍ରିୟଦର୍ଶିନୀ (ବଡ଼ଚଣା)।

ବିଜେଡ଼ି ସରକାରର ଅଧୋପତନ ପାଇଁ କିଏ ଦାୟୀ ? ପ୍ରଥମ କାରଣଟି ହେଲା- ନବୀନଙ୍କ ସ୍ୱାସ୍ଥ୍ୟ। ଅନେକ ଦିନରୁ ସେ ଅସୁସ୍ଥ। ବିନା ଆଶ୍ରାରେ ଦଶ ମିଟର ବାଟ ଚାଲିବା ତାଙ୍କ ପାଇଁ ମୁସ୍କିଲ। ତା ସତ୍ତ୍ୱେ ସେ ବିଜେଡ଼ିର ଉତ୍ତରାଧିକାରୀ ବାଛିବାକୁ ମନ ବଳାଇଲେ ନାହିଁ। ଆଇଏଏସ୍ ସହଯୋଗୀ ଭିକେ ପାଣ୍ଡିଆନଙ୍କୁ କଲେ ଗେହ୍ଲାପୁଅ। ପାଣ୍ଡିଆନ ପାଲଟିଲେ ବିଜେଡ଼ିର ସର୍ବେସର୍ବା। ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ଷ୍ଟାର ପ୍ରଚାରକ। କ୍ୟାବିନେଟ ମନ୍ତ୍ରୀଙ୍କୁ ମଧ୍ୟ ନବୀନଙ୍କ ପ୍ରଚାର ମଞ୍ଚକୁ ଚଢ଼ାଇ ଦିଆଗଲା ନାହିଁ। ଦ୍ୱିତୀୟ କାରଣ ହେଲେ ପାଣ୍ଡିଆନ୍। ବିଜେଡ଼ି ପ୍ରାର୍ଥୀଙ୍କୁ ଟିକେଟ ବାଣ୍ଟିବାରେ ହେଲା ଅହେତୁକ ବିଳମ୍ବ। ୮ଜଣ ବିଜେଡ଼ି ସାଂସଦ ଓ ୩୦ରୁ ଅଧିକ ବିଜେଡ଼ି ବିଧାୟକଙ୍କୁ ଦିଆଗଲାନି ଟିକେଟ। ଫଳରେ ୧୦ଜଣ ବିଜେଡ଼ି ବିଧାୟକ ଓ ୨ଜଣ ବିଜେଡ଼ି ସାଂସଦ ଡିଆଁ ମାରିଲେ ବିଜେପି ଦଳକୁ। ନିଜ ଗଡ଼ ସଜାଡ଼ି ରଖିଥିବା ପ୍ରାର୍ଥୀଙ୍କୁ ଅନ୍ୟତ୍ର ନିର୍ବାଚନ ଲଢ଼ିବାକୁ ବାଧ୍ୟ କରାଗଲା। ଫଳରେ ବିଜେଡ଼ିର କେତେକ ହେଭିଓ୍ୱେଟ ନେତା ବଳିବୋଦା ସାଜିଲେ। ରାତି ଅଧରେ ଅନ୍ୟ ଦଳରୁ ଆସିଥିବା ନେତା ବି ସକାଳକୁ ହାତେଇ ନେଲେ ବିଜେଡ଼ି ଟିକେଟ। ବଦଳରେ ମୋଟା ଅଙ୍କର ଚାନ୍ଦା ଅସୁଲ କରାଗଲା। ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିଜେଡ଼ି ପ୍ରାର୍ଥୀ ଚୂଡ଼ାନ୍ତ ନହେବା ମଧ୍ୟ ଅନ୍ୟ ଏକ କାରଣ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା, ଧାନର ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ, ବେକାରୀ ସମସ୍ୟା, ଆବାସ ଯୋଜନା ଦୁର୍ନୀତି, ସରକାରୀ କଳର ମେରୀ ରାୟ ଶାସନ ଆଦି ବିଜେଡ଼ିକୁ ଖାଇଲା। ମିଶନ ଶକ୍ତି ନାଁରେ କୋଟି କୋଟି ଟଙ୍କା ବରବାଦ କରାଗଲା। ଗାଁ ଗଣ୍ଡାରୁ ସହରକୁ ଚାଲିଲା ଲକ୍ଷ୍ମୀ ବସ୍। ସବୁଠି ସିଟ୍ ଫାଙ୍କା। ଜଣେ ଅଧେ ଯାତ୍ରୀ ଚଢ଼ିଲେ, ନହେଲେ ନାହିଁ। କେବଳ ଡ୍ରାଇଭର, କଣ୍ଡକ୍ଟର। ଏମିତି କଣ ଯୋଜନା ଚାଲେ ? ଜନ୍ମରୁ ମରଣ ଯାଏ ସବୁ ଯୋଜନାର ବାଟମାରଣା। ଦଳକୁ ମିଳିଲା ଫଳ।

ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତ କଲା ନିଜର ରଣନୀତି। ଅଯୋଧ୍ୟାରେ ପ୍ରତିଷ୍ଠା କଲା ରାମଲାଲାଙ୍କ ମନ୍ଦିର। କୃଷକଙ୍କ ପାଇଁ ଧାନର ସର୍ବନିମ୍ନ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ଘୋଷଣା ହେଲା। ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦନ୍ତ ରିପୋର୍ଟକୁ ବିଜେପି ସାର୍ବଜନୀନ କରିବାକୁ ଦେଲା ପ୍ରତିଶ୍ରୁତି। ଦୁର୍ନୀତିଗ୍ରସ୍ତ ନେତା ମନ୍ତ୍ରୀଙ୍କୁ ଠୁକାଗଲା ଜେଲରେ। କୁଖ୍ୟାତ ମାଫିଆ ଡନଙ୍କୁ କରାଗଲା ଏନକାଉଣ୍ଟର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ଜାତୀୟ ବିଜେପି ସଭାପତି ଜେପି ନଡ୍ଡା ପ୍ରଚାରରେ ଓଡ଼ିଶା ଆସିଲେ ଘନଘନ। ମୋଦୀଙ୍କ ରୋଡ଼ ସୋ' କଲା ବାଜିମାତ୍। ଅଣଓଡ଼ିଆ ପାଣ୍ଡିଆନଙ୍କ ଶାସନକୁ ଦିଆଗଲା ଖୋଲା ଚ୍ୟାଲେଞ୍ଜ। ଜନ ସମର୍ଥନ ଢ଼ଳିଲା ବିଜେପିକୁ। ନବୀନ ଯଦି ପାଣ୍ଡିଆନଙ୍କ ବଦଳରେ ବିଜେଡିର ତୁଙ୍ଗ ନେତାଙ୍କ ସହିତ ପ୍ରଚାର ମୈଦାନକୁ ଓହ୍ଲାଇଥାନ୍ତେ, ତାହେଲେ ହୁଏତ ବିଜେଡ଼ିକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିନଥାନ୍ତା। ବର୍ତ୍ତମାନ ବିଜେପି ହାତରେ କ୍ଷମତାର ଚାବିକାଠି। ଓଡ଼ିଶାରେ ଡବଲ ଇଂଜିନ୍। ନୀବନ ଗ୍ୟାରେଣ୍ଟିକୁ ନାକ ଟେକିଲେ ଓଡ଼ିଶାବାସୀ। ମୋଦୀ ଗ୍ୟାରେଣ୍ଟି ଖାଣ୍ଟି କି ନୁହେଁ ତାହା ଆଗକୁ ବିଜେପି ପ୍ରଶାସନରୁ ଜଣାପଡ଼ିବ। ଆଜି ଏତିକି। ଜୟ ଜଗନ୍ନାଥ।


♥ ଓରାଳି, କେନ୍ଦୁଝର,
ମୋ: ୯୯୩୭୭୯୧୨୪୪


## କବିତା...

## ॥ ଚିତ୍ରମୟ ରାତି ॥



**ଡ. ଶ୍ରୀହରି ଧଳ**

ଏ ରାତି ଏତେ ଚିତ୍ରମୟ ଯେ
ଅନ୍ଧାରମାନେ ଜଳିବା ଆରମ୍ଭ କରିବେ
ରଂଗୀନ ଜୁଇରେ ।

ଜଳୁ ଜଳୁ ନିଜକୁ
ଚିତ୍ର ବନ୍ଧନରୁ ମୁକାଳି ଆଣିବି
ଯେତେବେଳେ ତମେ
ଅନ୍ଧାର ରଂଗରେ
ଅଧିକ ରହସ୍ୟମୟୀ
ହୋଇଯାଉଥିବ ବିଛଣାରେ ।

ରାତି ଠୁ ବେଶି ଚିତ୍ରମୟ ମନ ।
କିଏ ଜହ୍ନ ଓ ତାରାଙ୍କୁ
ଫେନ୍‌ଟି ଦିଅନ୍ତା
ଗୋଟେ ଦୃଷ୍ଟି କପ୍‌ରେ ।
ତମକୁ ଚିତ୍ରୋଉଥାନ୍ତି
ନିଶ୍ୱାସ ତୁଳୀରେ ।

ତମେ ଚିତ୍ରମୟ ରାତି ଫର୍ଦ୍ଦରେ
ଏମିତି ଦି'ଧାଡି
ସଇରାତି ପାଲଟିଯା'ନ୍ତ ଯେ
ମୁଁ ଜଳାଉଥାନ୍ତି ନୀଳ ଇସାରାରେ ।

ରାତିସାରା ଶୋଷ
ରାତିସାରା ଦୃଶ୍ୟହୀନ ବର୍ଷା
ବେଶି ବେଶି ଝଲସୁଥାନ୍ତା
ମାୟାବିନୀ ରାତି
ଆଉ ତମେ ପାଲଟୁଥାନ୍ତ
ଚିତ୍ରପ୍ରତିମା ।


♥ ଚାଉଁତରା, କପାସି
ଚିତାଳୋ-୭୫୫୦୬୨
(ମୋ) ୮୧୧୭୦୮୧୯୦୬


## ॥ ଜୀବନରେ ଯେତେ ପାପ ମୁଁ କରିଛି ॥

**ଭିକାରୀ ଧଳ**



ଜୀବନରେ ଯେତେ ପାପ ମୁଁ କରିଛି
ହିସାବ ତାହାର ନାହିଁ
ସେ ପାପରେ ଯେବେ ତୁମ ମୁଁହ ଦିଶେ
ଏକା ପାପୀ ନୁହେଁ ମୁହିଁ।

ପାପର ପଥରେ ଚାଲିବା ପାଇଁକି
ତୁମେ ବଢ଼ାଇଲ ହାତ
ତୁମ ହାତ ଧରି ଯେତେଦୂର ଗଲି
ପାଇ ଲିନି ପୁଣ୍ୟପଥ
ତେବେ ସେ ପାପରୁ ଅଧା ଯେ ତୁମର
ଏକା ମୁଁ ସହିବି କାହିଁ ?

ପାପ କରିବାର ଯେତେକ ନମୁନା
ସବୁ ତ ତୁମକୁ ଜଣା
ଅନ୍ଧକରି ମୋତେ ତୁମେ ନେଲ ସାଥେ
ପାପିରେ କରିଲ ଗଣା
ତୁମେ ପରା ସେଇ ପାପର ନାୟିକା
ଦୁନିଆ କି ଜାଣେ ନାହିଁ ?


♥ ୨୯୭୪ ଗ୍ୟାରେଜ୍‌ଛକ, ଲୁଇସ୍‌ରୋଡ଼
ଭୁବନେଶ୍ୱର-୭୫୧୦୦୨,
ମୋ-୯୪୩୭୨୮୩୯୦୭


## ॥ ଛାଇ ॥

**ବିବୁଲ ମହାକୁର**



ଆଜି ଦିନ-ମାସ-ବର୍ଷ ମାନ
କ୍ୟାଲେଣ୍ଡରରୁ କଡ ଲେଉଟାଇ
ଦଶନ୍ଧି-ଶତାବ୍ଦୀ ମୁହାଁ,
ସମ୍ପର୍କର ଅନେକ ଅଭିନୟ ପରେ
ଆଜି ନଗ୍ନପାଦ ପ୍ରଚଣ୍ଡ ଖରାତାତିରେ
ନିମଗ୍ନ ହୋଇଯାଏ
କାହା ଭାବନାର ଛାଇ ତଳେ।

ମରୁଦ୍ୟାନରେ !
ପିଇଯାଏ ଆତ୍ମତୃପ୍ତିର ପାଣି ଅଞ୍ଜୁଳାଏ
ସୂର୍ଯ୍ୟ ପ୍ରତିଫଳିତ ନେତ୍ର ଯୁଗଳରେ,
ଆଙ୍କିଦିଏ ସେ ବାଲିଗରଡ଼ାରେ
କୃତଜ୍ଞତାର ଅନେକ କଥା
ସମର୍ପଣର କେଇ ବ୍ୟଥା।

ଛଅଷଠି ନଅଙ୍କ ଦୁର୍ଭିକ୍ଷର
କେଇ ସ୍ୱପ୍ନର ଭଗ୍ନାବଶେଷ
ଆଜିବି ଭୟାତୁର କରିଦିଏ,
ତଥାପି ଆତ୍ମୀୟତାର ଘାସ ପଡ଼ିଆରେ
ପତଙ୍ଗ ହେଇ ଡେଇଁଯିବାର
ଇଚ୍ଛାଟିଏ ଉଙ୍କିମାରେ।

ଋତୁ ବଦଳେ, ରଙ୍ଗ ବଦଳେ
ପ୍ରକୃତି ଭିନ୍ନ ତୂଳୀରେ
ମଣିଷ ଜୀବନରେ ଭିନ୍ନଭିନ୍ନ ଚିତ୍ର
ଆଙ୍କିଯାଏ,
କେବେ ଦିଗହରା ପାଇଁ ଧ୍ରୁବଟିଏ
କେବେ ଅଥୟ ସମୁଦ୍ରରେ କାତଟିଏ।

ଏଠି ଜୀବନ - ସ୍ୱପ୍ନ - ଭାବନା
ସମର୍ପଣ - ଦାନ - ତ୍ୟାଗ
ସବୁ ଗୋଟେ ବୃକ୍ଷର ପତ୍ରପରି,
ନାଟକ ମଞ୍ଚରୁ ଓହରି ଯାଆନ୍ତି
ଭିନ୍ନଭିନ୍ନ ଦୃଶ୍ୟରେ
ଭିନ୍ନଭିନ୍ନ ଅଭିନୟ କରି।

ବଦଳିଯିବ ପୃଥିବୀ ଟିଏ
ବଦଳିଯିବ ଆକାଶ ଟିଏ
ମାତ୍ର ଛୁଇଁ ଦେଇଯିବ !
ବୈଶାଖୀର ଛାଇଟିଏ କୁ
କୃତଜ୍ଞତାର ସ୍ୱେଦବିନ୍ଦୁଟିଏ ।


♥ ଗ୍ରାମ/ପୋଷ୍ଟ - ବୁର୍ଢ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
(ମୋ) ୮୨୪୯୭୦୨୨୫୨


## ॥ ଦୁଇଟି କବିତା ॥

**ଜ୍ଞାନେନ୍ଦ୍ର କୁମାର ପଣ୍ଡା**



### ଜନ୍ମାନ୍ତର

କିଛି ପତ୍ର
ଝଡ଼ିଗଲା ପରେ
ଋତୁ ଅ-ଋତୁରେ
ପୁନର୍ବାର କଅଁଳି ଉଠିବ ।

କିଛି ପତ୍ର
ସେମିତି ପହଁରୁଥିବ
ପବନରେ,
ମନଲାଖି ପତ୍ର
ଗଛରେ କଅଁଳିବା ପର୍ଯ୍ୟନ୍ତ ।

### ମୃଗତୃଷ୍ଣା

ପୁଣ୍ୟତୋୟା ଗୋ !
ତୁମେ ସେଇଠି
ଜହ୍ନ ହୋଇ ରହିଥାଅ ଚିରକାଳ ।

କେବଳ ତୁମକୁ ଛୁଇଁବାର
ଭୀଷଣ ଅଭିପ୍ସାରେ
ଯୁଗ ଯୁଗ ଧରି ମୁଁ
ଧୂମକେତୁର ଜନ୍ମ ମାଗିଆଣି
କେତେଥର ପୁଣି ନିଜକୁ
ନିଃଶେଷ ନ' କରିଛି କୁହ ?


♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର


## ॥ ଆଶ୍ୱାସନା ॥

**ପୀୟୂଷ ପଟ୍ଟନାୟକ**

ସ୍ୱପ୍ନ ସାଉଁଳା ଜହ୍ନ ରାତିର ଆକାଶେ ଉଦାସୀ ମନ
ଶୀତଳ ଜ୍ୟୋସ୍ନା ଛାତିରେ କେଉଁଠି ହଜିଯାଏ ସବୁଦିନ ।
ଖୋଜେ ମୁଁଗୋ ତାରେ ତାରାର ମେଖଳେ ନୀଳ ଅନ୍ଧାର କୋଣେ
ଆଉ ସିଏ ଆଖି ମିଟିକା ମାରେ ତ ଭସା ବାଦଲର କଣେ ।

ଶ୍ରାବଣ କେବେଠୁ ପର କରି ତାକୁ ଫେରିଲାଣି ନିଜ ଦେଶେ
ଆଖିରେ ଆଖିଏ ଲୁହ ଭରି ଦେଇ ନିରୋଳା ସଞ୍ଜ ଶେଷେ ।
ଆଶ୍ୱିନ କେବେ ଆଣିତ ପାରିନି ସିକ୍ତାର ଦେହ ବନେ
ନିରବି ଯାଇଛି ମନରେ ସ୍ମୃତିର ଝଙ୍କାର ଫାଲ୍‌ଗୁନେ ।



ଫେରିଆସ ପାଶେ ରାତ୍ରିର ଶେଷେ ହେ ମୋର ଉଦାସ ମନ
ବୁଝି ଯାଅ ଥରେ ଜୀବନ ବେଦିରେ ଝଞ୍ଜା ତ ଅନୁକ୍ଷଣ ।
ସଞ୍ଜ ବାହୁଡ଼ା ପକ୍ଷୀଟିଏ ପରି ଖୋଜ ଆଶ୍ୱାସ ବୃକ୍ଷ
ଦେଇ ଯେ ପାରିବ ସୀମିତ ଜୀବନେ ସଂଜୀବନୀର ସଖ୍ୟ ।

ତୁମେଇ ତ ସେଇ ଆଶ୍ୱାସନାର ନିର୍ମଳ ନଦୀ ଧାର
ଅପେକ୍ଷାରେ ଗୋ ଯାହାରେ ଏଇ ମୋ ଜନ୍ମ ଜନ୍ମାନ୍ତର ।


♥ ଡି-୮୦, ମୈତ୍ରୀ ବିହାର
ଭୁବନେଶ୍ୱର
(ମୋ) ୭୫୦୬୧୮୯୦୩୦


## ॥ ପ୍ରିୟତମ ଦୁଃଖ ॥

**ପୂର୍ଣ୍ଣ ଦାସ**



ମିଳିଲାନି ବୋଲି ମନ ଊଣା କଲେ
କିଏ ଅବା ଆଣି ଦବ,
ଦୁଇଟି କାହାଣୀ ଏକାପରି କାଇଁ
ହୋଇଛି ନା କେବେ ହବ !

ସବୁଥାଇ ତମ ନଥିବା ପଣରେ
ମୁଁଗୋ ଏଠି ଏକାଏକା ,
କେହି ନ ଥିଲେ ବି ତମ ନୀରବତା
ମୋ ଦୁଃଖର ପ୍ରିୟସଖା !

ପବନ ଡେଣାରେ ଉଡ଼ା ପତର ମୁଁ
ଯେବେ ବି ମାଟିରେ ପଡ଼େ,
ଗଛର ବି ନାଇଁ ଦରଦ ମୋ ପାଇଁ
ବିଷାଦ ରଙ୍ଗରେ ବୁଡ଼େ !

ଖୁସି ତ ଖୋଜୁଚ, ଖୁସି ଭରିଦେବି
ମତେ କିବା ଦେବ କୁହ,
ଗୁମର କଥାଏ କହିବି,କାହାକୁ
କହିବନି କଥାଦିଅ !

ତମ ପତାଧାର କଜଳର ଗାର
ଓଠତଳ କଳାଜାଇ,
ଇମିତି କିମିଆ କରିଛିଗୋ ମତେ
ପତା ମୁଦି ପାରେ ନାଇଁ !


♥ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

# ବହୁବର୍ଷ ପର୍ଯ୍ୟନ୍ତ ପାଠକଙ୍କ ହୃଦୟରେ ନିଜ ପାଇଁ ଶ୍ରଦ୍ଧା ଓ ସମ୍ମାନର ସ୍ଥାନଟିଏ ଅର୍ଜି ପାରିବା ହିଁ ଲେଖକ ପାଇଁ ସର୍ବଶ୍ରେଷ୍ଠ ପୁରସ୍କାର : ପ୍ରବୀଣା ମହାନ୍ତି

**ପ୍ରବୀଣା ମହାନ୍ତି**
ଓଡିଆ ସାହିତ୍ୟ ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କଥା ଗଢଣରେ ତାଙ୍କର ଅନ୍ତରଙ୍ଗତା ତାଙ୍କୁ ଦେଇଥାଏ ନିଆରା ପରିଚୟ । ତାଙ୍କର ସୃଷ୍ଟି ଜୀବନର କଥା କୁହେ । ତାଙ୍କ ସର୍ଜନା ଭିତରେ ଦିଶେ ଗୋଟେ ସ୍ନେହ ଛଳଛଳ ହୃଦୟର ମମତାମୟ ବିଶ୍ୱ । ମଣିଷର କ୍ଲେଶ, ଯାତନା, ସଂଘାତ, ଜିଜିବୀଷାକୁ ସେ ଆଙ୍କିପାରନ୍ତି ବେଶ୍ ନିଖୁଣ ଭାବରେ । ସେ ସାଉଁଟି ପାରନ୍ତି ମାର୍ମିକ ଅନୁଭୂତିକୁ, ସେ ଗଳ୍ପରେ ସୁନ୍ଦର ଭାବେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ପିଲାଦିନେ ମୁଁ ଟିକେ ଅନ୍ତର୍ମୁଖୀ ସ୍ୱଭାବର ଥିଲି । ମନକଥା କାହା ପାଖରେ ସହଜରେ ପ୍ରକାଶ କରି ପାରୁନଥିଲି । ଲେଖି ଶିଖିବା ପରଠାରୁ ମନକୁ ଉଦ୍‌ବେଳିତ କରୁଥିବା, ଆଚ୍ଛନ୍ନ କରୁଥିବା କଥାସବୁ ଖାତାରେ ଲେଖିବାକୁ ପ୍ରୟାସ କରୁଥିଲି । ସେସବୁ ଆବୁରୁଜାବୁରୁ ଲେଖା ଭିତରେ କେବେ କବିତା ଭଳି କିଛି ଆସିଯାଉଥିଲା ତ କେବେ ଗପ ପରି କିଛି । ସେ ସମ୍ପର୍କରେ ମୁଁ ଆଦୌ ସଚେତନ ନଥିଲି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗିରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ଆମ ଘରର ସାରସ୍ୱତ ବାତାବରଣ ମୋତେ ଲେଖିକାଟିଏ ହେବା ପାଇଁ ପ୍ରେରିତ କରିଥିଲା । ମୋର ବାପା ଓ ବୋଉ ଲେଖାଲେଖି କରୁଥିଲେ । ସାହିତ୍ୟ ଅନୁଷ୍ଠାନ ସହିତ ନିବିଡ଼ ଭାବରେ ସଂପୃକ୍ତ ଥିଲେ । ଆମ ଘରେ କେବେ କେବେ ସାହିତ୍ୟ ଆସର ଅନୁଷ୍ଠିତ ହେଉଥିଲା । କେତେଗୁଡ଼ାଏ ପତ୍ରପତ୍ରିକା ଆସୁଥିଲା ଘରକୁ । ଏସବୁ ସହିତ ମୋର ବାଲ୍ୟ ଓ କୈଶୋରର ଦିନ ଗୁଡ଼ିକ ସବୁ ଏକ ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ବିତିଥିଲା । ପାହାଡ଼, ଝରଣା, ଜଙ୍ଗଲ ମୋତେ ବିଭୋର କରୁଥିଲା । ଲେଖିବାର ପ୍ରେରଣା ଏଇ ସବୁ ମଧ୍ୟରୁ ନିଶ୍ଚୟ ପାଉଥିଲି । ତେବେ ମୋର ଲେଖିକା ଜୀବନର ଆଦ୍ୟଗୁରୁ ମୋ 'ବୋଉ' । ଛୋଟବେଳେ ରାତି ଅଧରେ ନିଦ ଭାଙ୍ଗିଗଲେ ଦେଖୁଥିଲି, ମୋ ବୋଉ ଟେବୁଲ ଲ୍ୟାମ୍ପ ଜଳାଇ କିଛି ଲେଖୁଛି । ଟେବୁଲ ଲ୍ୟାମ୍ପର ଆଲୁଅରେ ଆତ୍ମ ବିମଜ୍ଜିତ ତା'ର ବିଭୋର ମୁହଁଟି ଦେଖିବାକୁ ଭାରି ଭଲ ଲାଗୁଥିଲା ମୋତେ । ସିଏ କଣ ଲେଖୁଥିଲା- ଜାଣି ନଥିଲି ସେତେବେଳେ । ମୋର ପ୍ରଧାନଶିକ୍ଷୟିତ୍ରୀ ବୋଉ ହୁଏତ ତାର ଅଫିସ କାମ କରୁଛି ବୋଲି ଭାବୁଥିଲି । ଆଉ ଟିକେ ବଡ଼ ହେବା ପରେ ଜାଣିଲି ମୋ ବୋଉ ଜଣେ ଲେଖିକା । ରାତିର ନିରୋଳା ମୁହୂର୍ତ୍ତରେ ବସି ସେ ଗପ, ଉପନ୍ୟାସ ଲେଖୁଛି । ସେହି ଦିନରୁ ମନ ଭିତରୁ ସଙ୍କଳ୍ପଟିଏ ଦାନା ବାନ୍ଧିବା ଆରମ୍ଭ କରିଥିଲା । 'ବଡ଼ ହେଲେ ମୁଁ ବି ମୋ ବୋଉ ପରି ଲେଖିକାଟିଏ ହେବି' ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏଇ ଯାତ୍ରା ?

■■ ଅଷ୍ଟମ ଶ୍ରେଣୀରେ ପଢ଼ିବା ସମୟରେ ରାଜ୍ୟସ୍ତରୀୟ ଏକ ପ୍ରତିଯୋଗିତାରେ ମୋର ଗଳ୍ପ ଏବଂ କବିତା ପୁରସ୍କୃତ ହେଇଥିଲା । ପୁରସ୍କୃତ ଲେଖାଗୁଡ଼ିକୁ ନେଇ ସଂକଳନଟିଏ ପ୍ରସ୍ତୁତ ହୋଇଥିଲା 'ନବଦିଗନ୍ତ' ନାମରେ । ଛପା ଅକ୍ଷରରେ ନିଜର ନାଁ ଏବଂ ଲେଖା ଦେଖିବାର ଶିହରଣ ଖୁବ୍ ଅନନ୍ୟ ଥିଲା । ଗୌରବାନ୍ୱିତ ମନେ ହେଉଥିଲା ନିଜକୁ । ସେହି ବର୍ଷ ମାସିକ ସାହିତ୍ୟ ପତ୍ରିକା 'ସୌରଭ'ରେ ଶିଶୁ କିଶୋର ବିଭାଗରେ ମୋର କବିତାଟିଏ ପ୍ରକାଶିତ ହୋଇଥିଲା । ନିଜକୁ ସାହିତ୍ୟ ପତ୍ରିକାରେ ଦେଖିବାର ପ୍ରଥମ ପୁଲକ ଅବର୍ଣ୍ଣନୀୟ । ତା' ପରେ ମୋର ସୃଜନ ଯାତ୍ରା ଆଗେଇ ଚାଲିଲା । ସୃଜନଶୀଳତା ଏକ ଅନ୍ତଃପ୍ରେରଣା ଦ୍ୱାରା ସମ୍ଭବି ଥାଏ । କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଏହା ଆରମ୍ଭ ହୋଇନଥାଏ । ଚେତନାର ସ୍ତର, ଜୀବନାଦର୍ଶର ପ୍ରତିଫଳନ ତ ତା' ଲେଖାରେ ନିଶ୍ଚିତ ଭାବରେ ରହିବ । ମୋ ଲେଖାମାନଙ୍କରେ ଜୀବନର ଅସ୍ତିବାଚକ ଦିଗଟିର ଉଦ୍‌ଭାସନ ଥାଏ ବୋଲି ପାଠକମାନେ ଭାବିଥାନ୍ତି ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ । ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ଏଯାବତ୍ ମୋର ଏକୋଇଶିଟି ପୁସ୍ତକ ପ୍ରକାଶିତ । ସେମାନଙ୍କୁ ମୁଁ ସୃଷ୍ଟି କରିଥିବାରୁ ମୋର ସୃଜନମାନଙ୍କ ପରି ସମସ୍ତେ ମୋର ପ୍ରିୟ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ଉଦ୍ଧାର ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଏହି ପ୍ରସଙ୍ଗରେ କିଛି କହିବା ବେଳକୁ ସଂଗୀତ ସଂପର୍କୀତ କାହାଣୀଟିଏ ମନକୁ ଆସିଯାଉଛି । ଏକଦା ନାରଦ ମହର୍ଷି ଗନ୍ଧର୍ବ ଲୋକ ଦେଇ ପିଲାବେଳେ ବିକଳାଂଗ ଗନ୍ଧର୍ବମାନଙ୍କୁ କାନ୍ଦୁଥିବାର ଦେଖିଲେ । ତା'ର କାରଣ ପଚାରି ଜାଣିଲେ ଯେ ରାଗ ରାଗିଣୀମାନଙ୍କର ଅଶୁଦ୍ଧ ଗାୟନ ଦ୍ୱାରା ସେମାନଙ୍କର ଅଙ୍ଗ ହାନି ଘଟି ବିକଳାଙ୍ଗ ହୋଇ ଯାଇଛନ୍ତି । ଏହାର ନିରାକରଣ ହୋଇପାରିବ ଶୁଦ୍ଧ ଗାୟନ ଦ୍ୱାରା, ତା'ର ବ୍ୟବସ୍ଥା କରାଯାଇଛି । ମହାଯୋଗୀ ଶିବ ହୋଇଛନ୍ତି ଗାୟକ ଏବଂ ମହାନ୍ ଶ୍ରୋତା ହେଉଛନ୍ତି ବ୍ରହ୍ମା ଓ ବିଷ୍ଣୁ । ଶିବଙ୍କର ଚମତ୍କାର ବିଶୁଦ୍ଧ ଗାୟନରେ ଗନ୍ଧର୍ବମାନଙ୍କର ବିକୃତ, ବିକଳାଙ୍ଗ ଅବସ୍ଥା ବଦଳି ଯାଇଛି । ଶିବଙ୍କର ଅପୂର୍ବ ଗାୟନରେ ବିଭୋର ଶ୍ରୋତା ବିଷ୍ଣୁଙ୍କର ସତ୍ତାର ଏକ ଅଂଶ ଦ୍ରବୀଭୂତ ହୋଇ ବହିଯିବାର ଦେଖି ବ୍ରହ୍ମା ତାଙ୍କ କମଣ୍ଡଳୁରେ ତାଙ୍କୁ ଧରି ରଖିଛନ୍ତି । ସେହି ଦ୍ରବୀଭୂତ ସତ୍ତା ପରବର୍ତ୍ତୀ ସମୟରେ ପବିତ୍ର ଗଙ୍ଗା ନଦୀ ହୋଇ ପୃଥିବୀକୁ ଅବତରଣ କରିଛନ୍ତି । ବିଶୁଦ୍ଧ ଗାୟନ ଭଳି ବିଶୁଦ୍ଧ କଥନ, ବିଶୁଦ୍ଧ ଲିଖନ ଏବଂ ବିଶୁଦ୍ଧ ପଠନ ମଧ୍ୟ ଖୁବ୍ ଜରୁରୀ । ଗଣମାଧ୍ୟମରେ, ବିଜ୍ଞାପନମାନଙ୍କରେ ଯେଉଁଭଳି ଭାବରେ ଭାଷାର ଅଶୁଦ୍ଧ ବ୍ୟବହାର ହେଉଛି, ତାହା ନିଶ୍ଚିତ ଭାବରେ ପାଠକ, ଶ୍ରୋତା ଏବଂ ଦର୍ଶକଙ୍କ ମନରେ ପ୍ରଭାବ ପକାଉଛି । ଖବର କାଗଜରେ ବାହାରିଛି ତ ଏହା ନିଶ୍ଚୟ ଠିକ୍ ହୋଇଥିବ । ପ୍ରତିଷ୍ଠିତ ବ୍ୟକ୍ତିମାନେ- ଯାହାଙ୍କୁ ଆମେ ସେଲିବ୍ରିଟି କହୁଛୁ- ସେମାନେ ଯେଉଁଭଳି ଭାବରେ ଭାଷାକୁ ଖିଚୁଡ଼ି କରି ବ୍ୟବହାର କରୁଛନ୍ତି- ତାହା ଅତ୍ୟନ୍ତ ଶୋଚନୀୟ । ଆମ ଭାଷା ଆମର ଗର୍ବ, ଆମର ଗୌରବ । ଏହାର ଶୁଦ୍ଧତା ରକ୍ଷା କରିବା ଆମର କର୍ତ୍ତବ୍ୟ । ସାହିତ୍ୟ ମାଧ୍ୟମରେ ହିଁ ଏହା କରାଯାଇ ପାରିବ । ଆମ ଭାଷାକୁ ବିକୃତ, ବିକଳାଙ୍ଗ କରିବାର ଅଧିକାର କାହାରି ମଧ୍ୟ ନାହିଁ । ଯୋଉମାନେ ଏହା କରୁଛନ୍ତି, ସେମାନେ ଭାଷା ଜନନୀ ନିକଟରେ ଅପରାଧୀ ।

■ ଲେଖକ ହେବା ପଛରେ ସାମାଜିକ ସ୍ୱୀକୃତି ବା ପରିଚୟ ବ୍ୟତୀତ ଆଉ କଣ ସବୁ କାରଣ ରହିଥାଏ ? ଏବେକାର ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଦୁଇଟି ଯାକ ଭିନ୍ନ ପ୍ରସଙ୍ଗ ବିଭିନ୍ନ ପ୍ରଶ୍ନ । ସାମାଜିକ ସ୍ୱୀକୃତି ବା ଲେଖକର ପରିଚୟ ଲେଖକଟିଏ ନିଜର ସାଧନା ବଳରେ ଅର୍ଜନ କରିଥାଏ । କଲମ ଧରିଲେ କେହି ଲେଖକ ହୋଇ ଯାଏନାହିଁ । ଈଶ୍ୱରଦତ୍ତ ସୃଜନକ୍ଷମ ପ୍ରତିଭା ଯାହା ପାଖରେ ଥାଏ, ସିଏ ହିଁ ଯଥାର୍ଥ ଲେଖକଟିଏ ହୋଇଥାଏ । ହଁ, ଚେଷ୍ଟା କରି ଲେଖା ସଂଗ୍ରହ କରିହୁଏ, ଫୁଲମାନ, ଉତ୍ତରୀୟ, ମାନପତ୍ର, ଉପଢ଼ୌକନ ମଧ୍ୟ ଯୋଗାଡ଼ କରିହୁଏ । ଆତ୍ମ ପ୍ରଶଂସାର ବିଜ୍ଞାପନ ଛପେଇ ହୁଏ । କିନ୍ତୁ ସଚ୍ଚା ଲେଖକଟିଏ ପାଠକର ହୃଦୟ ସିଂହାସନରେ ମର୍ଯ୍ୟାଦାବନ୍ତ ଭାବରେ ଅଧିଷ୍ଠିତ ହୋଇଥାଏ । ଲେଖକ ହେବା ପଛରେ ଲେଖିବାର ଅଦମନୀୟ ତାଡ଼ନା ହିଁ ରହିଥାଏ । ଲେଖି ପାରିଲେ ଶାନ୍ତି, ଲେଖି ପାରିଲେ ଆଶ୍ୱସ୍ତି, ମନମୁତାବକ ଲେଖାଟିଏ ସୃଷ୍ଟି କରିପାରିଲେ ହିଁ ପରିତୃପ୍ତି- ଏହାହିଁ ଜଣେ ଲେଖକର ପ୍ରକୃତ ପ୍ରାପ୍ତି । ସାହିତ୍ୟ ମାଧ୍ୟମରେ କାହାରି ମାନସିକତାର ପରିବର୍ତ୍ତନ ସେତେବେଳେ ସମ୍ଭବ- ଯେତେବେଳେ କାହାରି ସାହିତ୍ୟ-କୃତି ସେଭଳି ଶକ୍ତିଶାଳୀ ହୋଇଥିବ- ପାଠକ ପାଖରେ ତା'ର ପ୍ରାସଙ୍ଗିକତା ରହିଥିବ, ତା'ର ପ୍ରାଣରେ ଆଲୋଚନା ସୃଷ୍ଟି କରିପାରୁଥିବ ।

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ସାରସ୍ୱତ ଜଗତ ସହିତ ଅନ୍ତରଙ୍ଗ ଭାବରେ ଜଡ଼ିତ ଥିବାରୁ ମୁଁ ସର୍ବଦା ଏହାର ଭବିଷ୍ୟତକୁ ନେଇ ଖୁବ୍ ଆଶାବାଦୀ । ଓଡ଼ିଆ ସାହିତ୍ୟର ମୂଳଦୁଆ ଖୁବ୍ ପ୍ରାଚୀନ ଏବଂ ସୁଦୃଢ଼ । ଏହାର ସମୁଜ୍ଜ୍ୱଳ ପରମ୍ପରାକୁ ଆଗକୁ ନେବାପାଇଁ ନୂଆପୀଢ଼ିର ପ୍ରତିଭାବାନ୍ ଲେଖକମାନେ ଆଗେଇ ଆସିଲେଣି । ସେମାନେ ଲେଖନୀର ସ୍ୱର ଖୁବ୍ ସୁଦୃଢ଼ ଏବଂ ସ୍ପଷ୍ଟ । ସାଧାରଣ ଲୋକଙ୍କ ପାଖରେ ସାହିତ୍ୟ ପହଞ୍ଚି ପାରିବ ସେମାନଙ୍କ ମନକୁ ଛୁଇଁ ପାରୁଥିବା ଲେଖା ମାଧ୍ୟମରେ । ଖବରକାଗଜ ଏବଂ ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ହେଉଥିବା ଲେଖାଗୁଡ଼ିକ ସାଧାରଣ ଜନମାନସକୁ ସ୍ପର୍ଶ କରିବାର ଆବଶ୍ୟକତା ରହିଛି । ପୁଣି ସେଗୁଡ଼ିକ ସୁଲଭ ମୂଲ୍ୟରେ ସେମାନଙ୍କୁ ମିଳିବା ଦରକାର ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ ନିଶ୍ଚୟ ରହିଛି । ପୁରସ୍କାରର ଅର୍ଥ ତା'ର ସୃଷ୍ଟିକୁ ସ୍ୱୀକୃତି, ଯଥାର୍ଥ ସମ୍ମାନ ବା ମର୍ଯ୍ୟାଦା । ଏହି ପୁରସ୍କାର ଆନୁଷ୍ଠାନିକ ହୋଇପାରେ ଅଥବା ଜଣେ ସଚ୍ଚା ପାଠକର ଶ୍ରଦ୍ଧାପୂର୍ଣ୍ଣ ଅଭିବ୍ୟକ୍ତି । ପ୍ରକୃତରେ ସାହିତ୍ୟିକ ଜୀବନରେ ସର୍ବଶ୍ରେଷ୍ଠ ପୁରସ୍କାର ହେଉଛି ପାଠକୀୟ ସ୍ୱୀକୃତି । ଜୀବନରେ ଆନୁଷ୍ଠାନିକ ଭାବରେ ଆଦୌ କୌଣସି ପୁରସ୍କାର ପାଉନଥିବା ଅନେକ ଲେଖକ ଯୁଗ ଯୁଗ ଧରି ପାଠକ ହୃଦୟରେ ବଞ୍ଚି ରହିଛନ୍ତି ସେମାନଙ୍କର କାଳଜୟୀ ସୃଷ୍ଟି ମାଧ୍ୟମରେ । ସାହିତ୍ୟ ସେମାନଙ୍କର ତପସ୍ୟାର ଭୂମି- ସାଧନାର କ୍ଷେତ୍ର । ସେମାନେ ପ୍ରକୃତ ଅର୍ଥରେ ସାହିତ୍ୟ-ସାଧକ । ସେମାନଙ୍କୁ ପୁରସ୍କୃତ କରି ବା ସମ୍ବର୍ଦ୍ଧିତ କରି ସେହି ଅନୁଷ୍ଠାନମାନେ ହିଁ ଗୌରବାନ୍ୱିତ ହୁଅନ୍ତି । କୌଣସି ଲେଖା ପଢ଼ି ଅଜଣା ପାଠକ କେହି ଚିଠି ଲେଖି ବା ଫୋନ କରି ଅଭିମତ ଜଣାଇଲେ ଯେଉଁ ଆନନ୍ଦ ମିଳେ ତାହା କୌଣସି ପୁରସ୍କାର ପ୍ରାପ୍ତିର ଆନନ୍ଦଠାରୁ କିଛି କମ୍ ନୁହେଁ । ବହୁବର୍ଷ ପର୍ଯ୍ୟନ୍ତ ପାଠକଙ୍କ ହୃଦୟରେ ନିଜ ପାଇଁ ଶ୍ରଦ୍ଧା ଓ ସମ୍ମାନର ସ୍ଥାନଟିଏ ଅର୍ଜି ପାରିବା ହିଁ ଲେଖକ ପାଇଁ ସର୍ବଶ୍ରେଷ୍ଠ ପୁରସ୍କାର । ସାହିତ୍ୟ ଯେ ସମାଜର ଦର୍ପଣ ଏକଥା ସମସ୍ତେ ଜାଣନ୍ତି । ଯେ କୌଣସି ସମୟର ସଭ୍ୟତା ଓ ସଂସ୍କୃତିର ଚିତ୍ର ସେହି ଜ୍ଞାନଖଣ୍ଡରେ ରଚିତ ହେଉଥିବା ସାହିତ୍ୟରେ ପ୍ରତିବିମ୍ବିତ ହୋଇଥାଏ । ଯେଉଁ ସମାଜ ଆମକୁ ବଞ୍ଚିବାର ରାହା ଦେଇଛି, ପରଚୟ ଦେଇଛି, ପ୍ରତିଷ୍ଠା ଦେଇଛି, ତା'ର ପ୍ରତିଦାନରେ ଆମକୁ ମଧ୍ୟ ସମାଜକୁ ଅନେକ କିଛି ଦେବାର ଅଛି । ସୁସ୍ଥ ପରମ୍ପରା, ଶୁଭ ବିଶ୍ୱାସ ଏବଂ ଅଜସ୍ର ଭଲପାଇବାର କଥା ସାହିତ୍ୟ ମାଧ୍ୟମରେ ବାଣ୍ଟିବାର ଅଛି । ♥♥

■ ଅଳ୍ପରେ ପ୍ରବୀଣା ମହାନ୍ତି..

ଜନ୍ମ : ୨୦ ଫେବୃଆରୀ ୧୯୫୭
ବର୍ତ୍ତମାନର ଠିକଣା- ୩୦୫, ଲୋମାନୀ ଭିଲ୍ଲା, ଗୋଠପାଟଣା, ମନିପଡା, ଭୁବନେଶ୍ୱର-୭୫୧୦୨୯
(ମୋ) ୯୯୩୭୩୬୭୨୫୮
ପିତା- ଶ୍ରୀଯୁକ୍ତ ପ୍ରାଣନାଥ ପଟ୍ଟନାୟକ
ମାତା- ଶ୍ରୀମତୀ ପ୍ରଭାତୀ ମହାନ୍ତି
ସ୍ୱାମୀ- ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି



■ ପ୍ରକାଶିତ ପୁସ୍ତକ ■

**ଉପନ୍ୟାସ**
୧- ସ୍ୱାତୀ
୨- ନୀଡ
୩- ଏବେ ବି ସୁନ୍ଦର ଧରା
୪- ତଥାସ୍ତୁ :୨୦୦୩
୫- ଶ୍ୟାମଳ ସୁଗନ୍ଧ
୬- ନିବିଡ ନିଃସ୍ୱନ
୭- ସ୍ତିମିତ ନକ୍ଷତ୍ର
୭- ଶ୍ରେୟସୀ
୮- ପୁନଶ୍ଚ ମୌସୁମୀ
୯- ତନ୍ବୁ, ତନିମା, ତବସ୍ସୁମ୍

**ଗଳ୍ପ ସଂକଳନ**
୧- ଆଉଜଣେ ଏକଲବ୍ୟ ଓ ଅନ୍ୟାନ୍ୟ କାହାଣୀ
୨- ଜହ୍ନର ଠିକଣା
୩- ବିସ୍ମିତ ଅନୁରାଗ
୪- ଅନ୍ୟା ଅନନ୍ୟା
୫- ଶ୍ରେଷ୍ଠ ଗଳ୍ପ
୬- ଇତି ତୋର ଆତ୍ମଜା
୭- ଦୁଃଖ ପାଶୋରା ଝିଅ
୮- ରାଗିଲେ ମୁଁ ତାରା ହୋଇଯିବି

**କ୍ଷୁଦ୍ର ନାଟକ ସଂକଳନ**
୧- ରତ୍ନବର୍ଷା ଓ ଅନ୍ୟାନ୍ୟ ନାଟକ

**ଫିଚର ସଂକଳନ**
୧- ପରିବେଶ ଓ ଶିଶୁର ବିକାଶ



ସାନପୁଅ ଓ ବୋହୂଙ୍କ ଗହଣରେ ଲେଖିକା...



ବଡ଼ ପୁଅ, ବୋହୂ ଓ ସ୍ୱାମୀଙ୍କ ସହ ଲେଖିକା ପ୍ରବୀଣା ମହାନ୍ତି



ସୁଖୀ ପରିବାର : ଲେଖିକା ପ୍ରବୀଣା ମହାନ୍ତିଙ୍କ ଦୁଇ ପୁଅ ଓ ବୋହୂ...



# ପାଠକର ପ୍ରଶ୍ନ ଲେଖକର ତୀବ୍ର ସ୍ୱରକୁ ଭାଙ୍ଗିଦେବାକୁ ଚେଷ୍ଟା କରେ...

## ପ୍ରିୟ ପାଠକ-୧୮

**ପଦ୍ମଜ ପାଲ**

ଦୀପକ !
ସମାଜରୁ ପଳାୟନ ଓ ନିରୁଦ୍ଦିଷ୍ଟ ପ୍ରସଙ୍ଗ ଜୀବନ ପାଇଁ ଏବେ ତ ଅଧିକ ବଢ଼ି ଯାଇଛି । ଜୀବନ ପାଇଁ ଏ ପ୍ରସଙ୍ଗ ବି ଏକ ଆବଶ୍ୟକତା । ମୋର ତ ମନେହୁଏ ଆମେ ତାର ଉତ୍ତରପୁରୁଷମାନେ ଛିଡ଼ା ହୋଇଛୁ ଏଭଳି ଅନିବାର୍ଯ୍ୟ ପ୍ରଶ୍ନଟିକୁ ଧରି । ତେବେ ସମାଜରୁ ପଳାୟନ ଓ ନିରୁଦ୍ଦିଷ୍ଟ ପ୍ରସଙ୍ଗ ସାହିତ୍ୟିକ ବା କଳାତ୍ମକ ଭାବାବେଗ। ଯାହାକୁ ଆମେ ଗଢୁଛୁ ଏମିତି ଅନେକ ପ୍ରଶ୍ନ ସାମ୍ନା କରିବାକୁ ।

ଦୀପକ !

ଯେଉଁ ପ୍ରଶ୍ନଟି ମୋତେ କେନ୍ଦ୍ରକରି ମୋ ସାମ୍ନାରେ ଛିଡ଼ା କରିଥିଲେ ୨୦୦୪ ମସିହାରେ ଏକ ଅନଭିଜ୍ଞ ସାଧାରଣ ପିଲାଟିଏ ହୋଇ ୨୦୨୪ ବେଳକୁ ହୁଏତ ତୁମେ ତାର ଉତ୍ତର ପାଇ ସାରିଥିବ ଯଥେଷ୍ଟ ଅଭିଜ୍ଞ ହୋଇ ।

କୂଅରେ ପଡ଼ିଥିବା ଜିନିଷ ଯେମିତି ଥରେ ଉପରକୁ ଉଠି ଆସେ ତୁମ ଚିଠିଟି ପାଇଁ ମୁଁ ସେମିତି ଅନୁଭବ କଲି । ମୁଁ ଯେମିତି ମୋ ପାଖକୁ ଫେରି ଯାଉଛି । ତୁମ ପାଖକୁ ଫେରି ଯାଉଛି। କେତେ ଦୂରରେ କେତେ ନିକଟରେ ପରସ୍ପର ଆମେ !

ତୁମ ଚିଠିଟି ଯେଉଁ ଖାମ୍ ଭିତରେ ଥିଲା ସେଥିରେ ଥାଇପାରେ ନଥାଇପାରେ ତୁମ ଠିକଣା, କିନ୍ତୁ ଖୋଜିଲା ବେଳକୁ କେବଳ ତୁମର ଚିଠିଟି ଅଛି । ଠିକଣା ନାହିଁ । ଚିଠିଟି ଦେଇଥିଲ ୧.୧.୨୦୦୪ ମସିହାରେ 'ଯିବୁ କି ଥିବୁ' ଉପନ୍ୟାସ ପଢ଼ି । ମନେଅଛି ? ତୁମ ଚିଠିର ଉତ୍ତର ବି ହୁଏତ ମୁଁ ଦେଇଥିବି । ସେ ସମୟକାଳ ବର୍ତ୍ତମାନ ମୋ ପାଇଁ ଗୋଟେ ରହସ୍ୟମୟ କ୍ଷେତ୍ରରେ ପହଞ୍ଚି ଗଲାଣି । ଯେଉଁ ଚିଠିଟି ରହସ୍ୟମୟ କରିଥିବ ତାହା ଏମିତି ନିଶ୍ଚୟ ହୋଇ ପଡ଼ିଥିବ ଅନେକ ବର୍ଷ ଯାଏଁ । ଏହାହିଁ ସବୁ ଚିଠିର ଭାଗ୍ୟ । ସେ ବଞ୍ଚେ, ମରେ, ଅଭିଶପ୍ତ ହୁଏ । ଉପହାସିତ ହୁଏ । ଯନ୍ତ୍ରଣା ବି ଦିଏ । ସେ ଯନ୍ତ୍ରଣା ଐତିହାସିକର ନୁହେଁ ବରଂ ଲେଖକର । ସେ ଭଲ ଭାବେ ଖେଳି ଖେଳି ଜାଣେ । ଖେଳାଇ ଜାଣେ ।

ପାଠକ ପ୍ରଶ୍ନ ପଚାରିବା ଓ ଲେଖକ ଉତ୍ତର ଉତ୍ତର ଦେବା କେବେଠାରୁ ଏ ପ୍ରସଙ୍ଗ କେଜାଣି ? ତେବେ ପାଠକର ଜିଜ୍ଞାସାକୁ ସାମ୍ନା କରି ଲେଖକ ତାକୁ ବୁଝାଇବାକୁ ଚେଷ୍ଟା କରେ । କିନ୍ତୁ ବେଳେବେଳେ ପାଠକ ଯାହା ବୁଝିଥାଏ ଲେଖକ ତାହା ବୁଝି ନଥାଏ, ଲେଖକ ଯାହା ବୁଝାଏ ପାଠକ ବି ତାହା ବୁଝି ନଥାଏ ।

ଏବେ ତୁମର ଚିଠିଟି ।

"ସାର୍ ! ମୋ ପରିଚିତ ପୃଥିବୀର ସତ୍ତାମାନେ ନୀରବତାର ପ୍ରତିଟି ଆବେଗରେ ଶଙ୍କାୟିତ; ସେଇ ସ୍ୱୟଂ ସମାଧିତ ପ୍ରଶ୍ନଟିର ଉଦ୍‌ବେଳନରେ । 'ଯିବୁ କି ଥିବୁ ?' ଏକ ସ୍ୱଗତୋକ୍ତି, କିଏ ଯିବ ? କୁଆଡ଼େ ଯିବ ? କାହିଁକି ଯିବ ? କାହା ପାଖକୁ ଯିବ ? କେମିତି ଯିବ ? ନା... ନା.. ଯିବି। ଏଇ ଯିବି... ଯିବିର ଘନ କୋଳାହଳ ଭିତରୁ ବାହାରି ଆସୁଛି.... ମୁଁ କୁଆଡ଼େ ଆସିଥିଲି ଆଉ କୁଆଡ଼େ ଯିବି ? ମୋ ଯିବାର ଉଦ୍ଦେଶ୍ୟ କଣ ? ମୁଁ ରହିବି କାହା ପାଇଁ ? ଥିବି କାହା ପାଇଁ ? ଉଦ୍ଦେଶ୍ୟ କଣ ? ଏମିତି ଅନେକ ପ୍ରଶ୍ନ ।

ମୋତେ ଏ ଉପନ୍ୟାସଟି ବହୁତ ଭଲ ଲାଗିଲା । ଲାଗିଲା କୁହୁଡ଼ିକୁ ଜାବୋଡ଼ି ଧରିଥିବା ମନଟି ଏକ ଅଜଣା ଅନ୍ୱେଷଣରେ ବାହାରି ପଡ଼ିଲା ନିଜକୁ ମୁକ୍ତ କରି କେଉଁ ଏକଅଜଣା ଅନ୍ତରଙ୍ଗ ଆବିଷ୍କାର ପାଇଁ । ସୃଜନୀର କେନ୍ଦ୍ର ଶମ୍ଭୁ ଚରିତ୍ରଟି ଯେମିତି ମହତକାଂକ୍ଷାର ବଶବର୍ତ୍ତୀ ସେତିକି କସ୍ତୁରୀ ମୃଗ ଭଳି ଛଟପଟ ହେଉଥିବା, ନିଜ ଇଚ୍ଛାରେ ପଥ ହରେଇ ସାରିଥିବା ପଥିକ ପରି । ଯିଏ ଜୀବନ ପରିଧିର ସମ୍ପୂର୍ଣ୍ଣ ବାହାରେ ସେ କିପରି ଜୀବନକୁ ବିଶ୍ଳେଷଣ କରି ପାରିବ ଜିଜ୍ଞାସାର ଅନ୍ତ ପାଇଁ ! ଶମ୍ଭୁ ପ୍ରକୃତରେ କଣ ଚାହୁଁ ଥିଲା ? ଜୀବନର ଅର୍ଥ ବୁଝିବାକୁ ? ସମ୍ପର୍କର ଅର୍ଥ ଜାଣିବାକୁ ? ନା ଆଉ କିଛି ? ଜୀବନଠାରୁ ଦୂରେଇ ଯାଇ ଜୀବନକୁ ବିଶ୍ଳେଷଣ କରିବା କେତେ ଦୂର ସମୀଚିନ !

ସାର୍ !

ମୁଁ ଏକ ଅନଭିଜ୍ଞ ସାଧାରଣ ପିଲାଟିଏ, ମୋର ମତାମତ ଦେବା କିମ୍ବା ସମାଲୋଚନା କରିବା, ପ୍ରଶ୍ନ ପଚାରିବା (ଯଥେଷ୍ଟ) ଯଥାର୍ଥତା ନଥାଇପାରେ କିନ୍ତୁ ମୋ ମନରେ ଉଠିଥିବା ପ୍ରଶ୍ନବାଚୀର ସମାଧାନ ମୁଁ ଆପଣଙ୍କ ପାଖରୁ ଚାହେଁ ।

ଶୁଦ୍ରକ ଓ ସରସ୍ୱତୀଙ୍କର ତଥାକଥିତ ସମାଜରୁ ପଳାୟନ ଓ ନିରୁଦ୍ଦିଷ୍ଟ ଭାବେ ବଞ୍ଚିବାର ପ୍ରାସଙ୍ଗିକତା ଜୀବନକୁ ବା ସତ୍ୟକୁ ସାମ୍ନା କରିବାର ପ୍ରବାହରେ କେତେ ଦୂର ଗ୍ରହଣୀୟ ! ସେମାନେ ତଥାକଥିତ ସମାଜଠାରୁ ନୁହେଁ ବରଂ ନିଜଠାରୁ ପଳାୟନ କରିଛନ୍ତି। ପଳାୟନପନ୍ଥୀ ସେମାନେ । ଓହରି ଯାଇଛନ୍ତି ନିଜଠାରୁ, ଜୀବନଠାରୁ, ମୋ ମତରେ ଶମ୍ଭୁ ବର୍ହିମୁଖୀ । ଯଦିଓ କିଛି ପରିମାଣରେ ସେ ଅନ୍ତର୍ମୁଖୀ । ଜୀବନର ପ୍ରତିଟି ପ୍ରଶ୍ନରେ ଉତ୍ତର ହିଁ ସେଇ ପ୍ରଶ୍ନ । ତେବେ ପଚାରିବାର କିଛି ନାହିଁ କି ହିମାଳୟର ସର୍ବୋଚ୍ଚ ଶିଖରରେ ଅବତରଣ କରି ଉତ୍ତର ଖୋଜିବାର ଆବଶ୍ୟକତା ନାହିଁ । କେବଳ ଉପଲବ୍ଧି ଓ ଆତ୍ମ ବିଶ୍ଳେଷଣ ହିଁ ଆସିପାରିବ 'ଜୀବନ' ଆଉ 'ମୃତ୍ୟୁ' କରିଥିବା ସନ୍ଧିର ସେ ଅଘୋଷିତ, ଅଜଣା ସର୍ତ୍ତ ଯାହା ନିସର୍ତ୍ତରେ ଗ୍ରହଣୀୟ ।

ସ୍ତାବକତାର ଶେଷ ପାହାଚ- ସାର୍ ! ମୁଁ ବି ଥରେ ଥରେ ଅନୁଭବ କରେ ମୁଁ ଏଠିକି ଭୁଲ୍‌ରେ ଚାଲି ଆସିଛି । ମୋର ଆଉ କେଉଁଠିକି ଯିବାର ଥିଲା ବୋଧହୁଏ ।

"ସାର୍ ! ମୋ ପରିଚିତ ପୃଥିବୀର ସତ୍ତାମାନେ ନୀରବତାର ପ୍ରତିଟି ଆବେଗରେ ଶଙ୍କାୟିତ; ସେଇ ସ୍ୱୟଂ ସମାଧିତ ପ୍ରଶ୍ନଟିର ଉଦ୍‌ବେଳନରେ । 'ଯିବୁ କି ଥିବୁ ?' ଏକ ସ୍ୱଗତୋକ୍ତି, କିଏ ଯିବ ? କୁଆଡ଼େ ଯିବ ? କାହିଁକି ଯିବ ? କାହା ପାଖକୁ ଯିବ ? କେମିତି ଯିବ ? ନା... ନା.. ଯିବି। ଏଇ ଯିବି... ଯିବିର ଘନ କୋଳାହଳ ଭିତରୁ ବାହାରି ଆସୁଛି.... ମୁଁ କୁଆଡ଼େ ଆସିଥିଲି ଆଉ କୁଆଡ଼େ ଯିବି ? ମୋ ଯିବାର ଉଦ୍ଦେଶ୍ୟ କଣ ? ମୁଁ ରହିବି କାହା ପାଇଁ ? ଥିବି କାହା ପାଇଁ ? ଉଦ୍ଦେଶ୍ୟ କଣ ? ଏମିତି ଅନେକ ପ୍ରଶ୍ନ ।

ଦୀପକ !

ସମାଜରୁ ପଳାୟନ ଓ ନିରୁଦ୍ଦିଷ୍ଟ ପ୍ରସଙ୍ଗ ଜୀବନ ପାଇଁ ଏବେ ତ ଅଧିକ ବଢ଼ି ଯାଇଛି । ଜୀବନ ପାଇଁ ଏ ପ୍ରସଙ୍ଗ ବି ଏକ ଆବଶ୍ୟକତା । ମୋର ତ ମନେହୁଏ ଆମେ ତାର ଉତ୍ତରପୁରୁଷମାନେ ଛିଡ଼ା ହୋଇଛୁ ଏଭଳି ଅନିବାର୍ଯ୍ୟ ପ୍ରଶ୍ନଟିକୁ ଧରି ।

ତେବେ ସମାଜରୁ ପଳାୟନ ଓ ନିରୁଦ୍ଦିଷ୍ଟ ପ୍ରସଙ୍ଗ ସାହିତ୍ୟିକ ବା କଳାତ୍ମକ ଭାବାବେଗ। ଯାହାକୁ ଆମେ ଗଢୁଛୁ ଏମିତି ଅନେକ ପ୍ରଶ୍ନ ସାମ୍ନା କରିବାକୁ । ଏବେ ତ ଅନେକ ଘଟଣା ଏହି ପ୍ରଶ୍ନ ହିଁ କରୁଛି। ତା'ର ଅସ୍ତିତ୍ୱବାଦକୁ ସବୁକାଳେ ଜାହିର କରୁଛି। ଯେଉଁ ଯନ୍ତ୍ରଣା ଲେଖକ ପାଇଁ ଆବଶ୍ୟକ ବୋଧହୁଏ ।

ଲେଖକର ସେଇ ପ୍ରଶ୍ନ ପାଠକକୁ ଗ୍ରାସ କରେ । ପାଠକର ପ୍ରଶ୍ନ ଲେଖକର ତୀବ୍ର ସ୍ୱରକୁ ଭାଙ୍ଗିଦେବାକୁ ଚେଷ୍ଟା କରେ। ଏଭଳି ସମସ୍ୟା ସବୁକାଳେ ଅଛି ନା କିଛି ସମାଧାନ ହେଲାଣି ? ସାହିତ୍ୟିକ ପ୍ରଶ୍ନକୁ ସାମ୍ନା କରିହୁଏ ନାହିଁ । କାରଣ ତାହା ତା'ର ଚେତନ ସ୍ତରୀୟ ପ୍ରଶ୍ନ । କୋଡ଼ିଏ ବର୍ଷ ପରେ; ଯେଉଁ ପ୍ରଶ୍ନଟି ମୋତେ କେନ୍ଦ୍ରକରି ପଚାରିଥିଲ ତାକୁ ବୁଝି ପାରିବା, ନବୁଝି ପାରିବାର ଏ ଏକ ରହସ୍ୟମୟ କ୍ଷେତ୍ର । ତୁମେ କଣ, ଆମେ ଉଭୟେ କେବଳ ସେଇ ପ୍ରଶ୍ନର ଆୟତକୁ ଅଭିବୃଦ୍ଧି କରିଚାଲିଛେ ।



ପ୍ରିୟ ପାଠକ

ତୁମେ ଏ ଲେଖାଟିକୁ ପଢ଼ିବ ଦୀପକ । ଲେଖାଟି ହୁଏତ ତୁମକୁ ଅଧିକ ଭଲ ଭାବରେ ପ୍ରକଟିତ କରିବ । ତୁମେ ଯେଉଁ ପ୍ରଶ୍ନ ମୋତେ କରିଛ କିଛି ଉତ୍ତର ପାଇଥିଲେ ନିଶ୍ଚୟ ଜଣାଇବ।

♥ ଶ୍ରୀବିହାର
ଖୋରଧା-୭୫୨୦୫୫
ମୋ: ୯୩୩୭୨୨୫୦୦୧

---

## ପରମ୍ପରା

# କାହିଁ ଗଲେ ଚକୁଳିଆ ପଣ୍ଡା

**ଶ୍ରୀବତ୍ସ ନାୟକ**



ଡାହାଣୀଆ ଖରାବେଳ, ବୈଶାଖର ଝାଞ୍ଜି ସାଙ୍ଗକୁ ଟାଇଁଟାଇଁ ଖରା, ଚାରିଆଡ଼େ ନିଃଶବ୍ଦ ନିଶ୍ଚଳ, ପୋଖରୀ ତୁଠର ବରଗଛ ତଳେ ଗାଇଗୋରୁଙ୍କର ପାକୁଳି, ବୁଲା କୁକୁରଙ୍କ ଲହଲହ ଜିଭ ଭିତରେ ସମୟ ବିତୁଥିବାବେଳେ ତତଲା ଡହଡହ ଗାଁ ଦାଣ୍ଡରେ ହଠାତ୍ ଶୁଭିଲା ଏକ ସୁମଧୁର କଣ୍ଠ ସ୍ୱର । ମନର ଉତ୍କଣ୍ଠାକୁ ସମ୍ଭାଳିନପାରି ବାପାଙ୍କର ବାରଣ ସତ୍ତ୍ୱେ ଦାଣ୍ଡକୁ ଦଉଡ଼ି ଯାଇ ଦେଖେ ତ, ଲୋକଟିର ଦେହରେ ଗେରୁଆ ବସ୍ତ୍ର, ମୁଣ୍ଡରେ ପଗଡ଼ି, ବେକରେ ରୁଦ୍ରାକ୍ଷ, ଏକ କାନ୍ଧରେ ଉପବୀତ, ଅନ୍ୟ କାନ୍ଧରେ ଝୁଲାମୁଣୀ, ଅଣ୍ଟାରେ ଦଉଡ଼ି, କପାଳରେ ତିଳକ ଚନ୍ଦନରେ ନିର୍ମିତ ଚିତା,ଏକ ହାତରେ କାଂସ୍ୟ ଥାଳ, ଅନ୍ୟ ହସ୍ତରେ ତାଳପତ୍ର ଓ ଖଜୁରୀରେ ନିର୍ମିତ ଛତା, ବାହୁରେ ଚନ୍ଦନର ଅଙ୍ଗୁଷ୍ଠି ଚିହ୍ନ, ପାଦରେ କଠଉ ଓ କଣ୍ଠରେ ନାନାଦି ସ୍ୱରରେ କେତେକଣ ଗାଥା ଗାନ କରି ଗାଁ ଦାଣ୍ଡରେ ଏପଟ ସେପଟ ହେଉଥାଏ। ଏହାକୁ ଦେଖି ମୋ ମନରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରିଲା । କିଏ ଏହି ବ୍ୟକ୍ତି ? କଣ ଏହାର ଉଦ୍ଦେଶ୍ୟ ? କଣ ପାଇଁ ଏହି ଲୋକ ତୁର୍ଷିତ ମଧାହ୍ନର ଦାରୁଣ ନିଦାଘରେ ଏମିତି ଶୁନଶାନ୍ ଦାଣ୍ଡରେ ଏପଟ ସେପଟ ହେଉଛି ? ତତକ୍ଷଣାତ୍ ବାପାଙ୍କୁ ପଚାରିବାରୁ ବାପା ଉତ୍ତର ଦେଲେ ସେ ହେଉଛି 'ଚକୁଳିଆ ପଣ୍ଡା' ।

ମୋର ଜିଜ୍ଞାସାକୁ ଅନୁଧ୍ୟାନ କରି ବାପା ମୋତେ କହିଲେ, ଚକୁଳିଆ ପଣ୍ଡା ହେଉଛନ୍ତି ଓଡ଼ିଶାରେ ବାସ କରୁଥିବା ତଳ କୁଳର ବ୍ରାହ୍ମଣ। ଲୋକକଥା ଅନୁସାରେ ପାଣ୍ଡବମାନଙ୍କର ହତ୍ୟା କରିବା ପାଇଁ କୌରବ ମାନେ ଏକ ଜଉଗୃହ ନିର୍ମାଣ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ସେମାନେ ତାହା ଜାଣିପାରି ଏକ ସୁଡ଼ଙ୍ଗ କରି ସେଠାରୁ ଖସିକି ପଳାଇ ଆସି ମାତା କୁନ୍ତିଙ୍କ ସହ ଜଙ୍ଗଲରେ ପଞ୍ଚୁପାଣ୍ଡବ ଛଦ୍ମ ବେଶରେ ଅଜ୍ଞାତ ବାସ କରିଥିଲେ । ଅଜ୍ଞାତବାସ ସମୟରେ ମହାବଳୀ ଦ୍ୱିତୀୟ ପାଣ୍ଡବ ଭୀମ ବିରାଟ ରାଜାଙ୍କର ପାଚକ ଭାବେ ବଲ୍ଲଭ ପଣ୍ଡା ନାମରେ ସେହି ସମୟରେ ସେ ଦେଶଦେଶ ବୁଲି 'ଚକ୍ରଭିକ୍ଷା' କରୁଥିଲେ । ଭିକ୍ଷାନ୍ନ ସଂଗ୍ରହାର୍ଥ ସେ ଗାଁର କାହାର ଦାଣ୍ଡ ଦୁଆରେ ଦଣ୍ଡେ ହେଲେ ଛିଡ଼ା ନହୋଇ ଗାଁ ଦାଣ୍ଡରେ ତିନି ଥର ବୁଲିଯାଉଥିଲେ ଓ ଯିଏ ଯାହା ଦେଉଥିଲେ ତାକୁ ସାଦରେ ଗ୍ରହଣ କରିଥିଲେ। ତାଙ୍କ ସଙ୍ଗେ ଚକ୍ରଭିକ୍ଷା ସମୟରେ ଯେଉଁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ ଆଧୁନିକ ଚକୁଳିଆ ପଣ୍ଡାମାନେ ସେମାନଙ୍କ ବଂଶଧର ଅଟନ୍ତି। ଏମାନେ ଏକ ଭିନ୍ନଭାବ ଓ ସଂସ୍କୃତି ସଂପନ୍ନ ଭିକ୍ଷୁକ । ଧର୍ମ ମାସ କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ଧର୍ମ ଦାଣ୍ଡରେ ଭ୍ରମଣ କରି ନାନାଦି ତାଳ ଓ ଲୟରେ ରାମନାମ, ଆଧ୍ୟାତ୍ମିକ ସଙ୍ଗୀତ, ପୌରାଣିକ କଥାବସ୍ତୁ, ସ୍ତ୍ରୀ ଧର୍ମ,ସ୍ୱାମୀ କର୍ମ, ସୁଖି ପରିବାର ଗଠନର ମନ୍ତ୍ର, ଯିବେଦୟା, ସତର୍କବାଣୀ, ନୀତିଶାସ୍ତ୍ର, ବିଭୁପ୍ରେମ, କର୍ମ, ଅକର୍ମ, କୁକର୍ମ, ଯୁଗଧର୍ମ ତଥା ସମାଜର ଚଳନୀ ବିଷୟରେ ଗାୟନ କରିଥାନ୍ତି । ଏ ଗାନ ସତ୍ୟ ଓ ମର୍ଯ୍ୟାଦାର । ଏ ଗାନ ପୁଣ୍ୟ ଓ ଯଶର ଜ୍ଞାନ । ବୈଶାଖର ଝାଞ୍ଜିରେ ଗାଁ ପରିବେଶ ଶାନ୍ତ କାନ୍ତ କୋମଳ ଥିବା ବେଳେ ହଠାତ୍ ଉଦାତ୍ତ ଆହ୍ୱାନରେ ଭରା ସେ ଗମ୍ଭୀର କଣ୍ଠ ସ୍ୱର ଶୁଣିଲା ମାତ୍ରେ ଗ୍ରାମର କୂଳବଧୂ କାଳବିଳମ୍ବ ନକରି ଦାଣ୍ଡ ଦୁଆରକୁ ବାହାରି ଆସେ ଏହି ଧର୍ମ ଗୀତ ଶୁଣି ଧର୍ମ ଅର୍ଜନ କରିବା ପାଇଁ । ହାତରେ ଚାଉଳ, ପରିବା, ଟଙ୍କା, ଚୁଡ଼ା, ମୁଢ଼ି ଧରି ସେମିତି ଦାଣ୍ଡଦୁଆର ଛିଡ଼ା ହୋଇଥାଏ କେତେବେଳେ ଚକୁଳିଆ ପଣ୍ଡା ଆମ ଦାଣ୍ଡ ଆଡେ ଆସିବ ଏବଂ ମୁଁ ତାକୁ ଦାନ କରି ଧର୍ମ ଅର୍ଜନ କରିବି । ମାଗିଲାଠାରୁ ହୀନ ନାହିଁ କି ଦେଲାଠାରୁ ପୁଣ୍ୟ ନାହିଁ ତେଣୁ ଦାନରେ ହୀନତା ଓ ନ୍ୟୁନତା ଭାବ ନରଖି ମୁକ୍ତ ହସ୍ତରେ କୂଳବଧୂ ଚକୁଳିଆ ପଣ୍ଡାକୁ ଦାନ କରି ତାଙ୍କଠାରୁ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ଏହା ହେଉଛି ଭାରତୀୟ ସଂସ୍କାର ଓ ସଭ୍ୟତା। ଏଠି ନେବା ବାଲା ଖୁସ୍ ଦେବା ବାଲା ବି ଦେଇକି କୃତକତ୍ୟ ଭାବନାରେ ବୁଡ଼ିଥାଏ । ଏହା ହିଁ ତ ଦାତା ଓ ଗ୍ରହୀତାର ଭିନ୍ନ ଏକ ସଂସ୍କାର ବୋଧ । ଯଦିଓ ଚକୁଳିଆ ପଣ୍ଡା ଭିକ୍ଷାବୃତ୍ତି କରିଥାନ୍ତି କିନ୍ତୁ କାହା ଦାଣ୍ଡ ଦୁଆରେ ଛିଡ଼ା ହୋଇ ଜିଦି କରି ଭିକ୍ଷା ମାଗନ୍ତି ନାହିଁ । ଭିକ୍ଷା ବୃତ୍ତି କରି ଧନ ସଂପତ୍ତି ଆହରଣ କରିବା ମଧ୍ୟ ଏମାନଙ୍କର ଉଦ୍ଦେଶ୍ୟ ନୁହେଁ । ଦୈନିକ ଜୀବନ ଧାରଣ କରିବା ନିମନ୍ତେ ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ । ଯିଏ ଯାହା ଦେଲା ଏମାନେ ସେଥିରେ ମଧ୍ୟ ବେଶ୍ ଖୁସି । ଯିଏ ନଦେଲେ ମଧ୍ୟ ଏମାନେ ମନ ଉଣା ନକରି ଧର୍ମ ପ୍ରଚାର କରି ଫେରି ଯାଆନ୍ତି।

ଯଦିଓ ଧର୍ମ କଣ ଦାନ କଣ ମୁଁ ଜାଣି ନଥିଲି କିନ୍ତୁ ବାପାଙ୍କ ଠାରୁ ଏ ସବୁ ଶୁଣିଲା ପରେ କାହିଁକି କେଜାଣି ଚକୁଳିଆ ପଣ୍ଡାକୁ ଦାନ ଦେବାର ଯେଉଁ ନୈତିକ ଦାୟିତ୍ୱଟି ମୋ ବୋଉ ବହନ କରୁଥିଲା ସେ ଦାୟିତ୍ୱଟିକୁ ମୁଁ ତାଠାରୁ ଆଣି ପାଖାପାଖି ୧୫ ବର୍ଷ ସେ ଦାୟିତ୍ୱକୁ ନିର୍ବାହ କରିଥିଲି । କାଳର କରାଳ ଗତିରେ ଉଚ୍ଚଶିକ୍ଷାର ବୋଝ ଓ ବୃତ୍ତିଗତ ଜୀବନର ବ୍ୟସ୍ତତା ମୋତେ କେତେକାଂଶରେ ମୋ ଜନ୍ମ ମାଟି ଠାରୁ ଦୂରେଇ ରଖିଥିଲା ସତ କିନ୍ତୁ ଯେତେବେଳେ ବି ଗାଁ କୁ ଯିବାର ସୁଯୋଗ ପାଇଛି ସେତେବେଳେ ମନେମନେ ଚକୁଳିଆ ପଣ୍ଡାଙ୍କୁ କେତେ ଖୋଜିଛି । ଅନୁଭବ କରିଛି ତାଙ୍କର ବୋଧଗମ୍ୟତା ଯାହା ମୋତେ ସେତେବେଳେ ରସସିକ୍ତ କରିବା ସହ ନାନାଦି ଢଙ୍ଗରେ ପୌରାଣିକ କଥାବସ୍ତୁର ଉପସ୍ଥାପନା ଶୈଳୀ ମୋତେ ଧର୍ମ ଓ ସଂସ୍କୃତି ପ୍ରତି ଆକୃଷ୍ଟ କରିଥିଲା । ଅଭାବର କଷଟି ପଥର ତଳେ ନିଜର ପାରିବାରିକ ଜୀବନ ଚାପିହୋଇଥିଲେ ମଧ୍ୟ କିଭଳି ଭାବେ ନୀତି ନୈତିକତାକୁ ସେ ଭୁଲି ନଥିଲେ ତାହା ହିଁ ଥିଲା ମୋ ପାଇଁ ଆଦର୍ଶବାଦର ନିଦର୍ଶନ ସ୍ୱରୂପ । ଝୁରି ହେଉଛି ତାଙ୍କର ସେ ବଳୀ ରାଜାକୁ ବନ୍ଧ କରିଥିବା ଭଗବାନ ବିଷ୍ଣୁଙ୍କର ରୂପକୁ । କାହୁଁ ଗଲେ ସେ ବ୍ରାହ୍ମଣ ଭିକ୍ଷୁକ ? ସତରେ କଣ ସେ ଅପସରି ଗଲେ ? ସମୟ ସ୍ରୋତରେ ମୋ ବାପାଙ୍କର



ଦେହାନ୍ତ ଘଟିଛି ହୁଏତ ସେ ଥିଲେ ନିଶ୍ଚିତ କହି ପାରିଥାନ୍ତେ ତାଙ୍କ ବିଷୟରେ । ମୋର ଶୈଶବ ଅବସ୍ଥାରେ ଏମାନଙ୍କ ବିଷୟରେ ଜାଣିବାପାଇଁ ଯେତିକି ଆଗ୍ରହ ଥିଲା ଅନୁରୂପ ଭାବେ ସାମ୍ପ୍ରତିକ ପରିସ୍ଥିତିରେ ଏମାନଙ୍କର ସ୍ଥିତି ପରଖିବା ପାଇଁ ମୁଁ ବେଶ୍ ତତ୍ପର ହୋଇଯାଇଥିଲି । ଅନୁଭବ କଲି ଯେ ଏମାନେ ଏବେ ସତରେ ବିଲୁପ୍ତ ପ୍ରାୟ । ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଏକ ଉଗ୍ର ଆଧୁନିକତାର ସଭ୍ୟତାକୁ ଆପଣାଇ ଲୋକମାନେ ବିକାଶର ଚରମ ସୀମାରେ ପହଞ୍ଚି ଗଲେଣି। ଲୋକମାନେ ସହରାଭିମୁଖି ହେଲେଣି । ଆଧୁନିକତାର ଦ୍ୱାହି ଦେଇ ଗ୍ରାମ ପରିବେଶ, ଗାଁର ସଂସ୍କୃତି ପରମ୍ପରା, ରୀତିନୀତି ସବୁ କିଛି ବଦଳିଗଲାଣି । ଧର୍ମ ପ୍ରତି ଲୋକମାନଙ୍କ ମଧ୍ୟରେ ଆଉ ପୂର୍ବ ଭଳି ଆଗ୍ରହ ନାହିଁ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବ୍ୟବହାର ଯୋଗୁଁ ଆମ ସମାଜରେ ଅନେକ କିଛି ପରିବର୍ତ୍ତନ ହୋଇଗଲାଣି । ଆମେ ଆଜି ଶିକ୍ଷିତ କିନ୍ତୁ ଜ୍ଞାନର ଅଭାବ ଯୋଗୁଁ ଆମର ଲୋକ ସଂସ୍କୃତି ଓ ପରମ୍ପରା ପ୍ରାୟତଃ ବିଲୁପ୍ତ ଆଡ଼କୁ ଗତି କଲାଣି । ଅଭିନବ ଉପାୟ ଅବଲମ୍ବନ କରି ଅଧୁନା ଆମ ସମାଜରେ ଜୀବନ ଜୀବିକା ନିର୍ବାହ ନିମନ୍ତେ ଅନେକ ଭିକ୍ଷୁକ ଭିକ୍ଷା ବୃତ୍ତିକୁ ଆପଣାଇଥିଲେ ମଧ୍ୟ ସେଦିନର ଚକୁଳିଆ ପଣ୍ଡା ମାନଙ୍କର ଭିକ୍ଷା ମାଗିବା ବୃତ୍ତି ନଥିଲା ବରଂ ଧର୍ମ ପ୍ରଚାର କରି କିଛି ପାରିଶ୍ରମିକ ପାଇବା ଲକ୍ଷ୍ୟ ଥିଲା। ଏକଦା ଏକ ସମୟ ଥିଲା ଯେଉଁ ସମୟରେ ଟେଲିଭିଜନ, ଇଣ୍ଟରନେଟ, ସାମାଜିକ ଗଣମାଧ୍ୟମ ନଥିଲା ସେ ସମୟର ଧର୍ମ ପ୍ରଚାରର ଏକ ଅଭିନ୍ନ ମାଧ୍ୟମ ପାଲଟି ଯାଇଥିଲେ ସେମାନେ । ସହରୀ ସଭ୍ୟତା ଭିତରେ ସେମାନଙ୍କର କଣ୍ଠ ରୁଦ୍ଧ ହୋଇଗଲାଣି। ଆଧୁନିକତାର ଚାକଚକ୍ୟ ଭିତରେ ତାଙ୍କର ଉତ୍ତରାଧିକାରୀମାନେ ଏ ବୃତ୍ତି ପ୍ରତି ଅନାଦର ଭାବ ପ୍ରକାଶ କଲେଣି। ଫଳରେ ସମୟକ୍ରମେ ଚକୁଳିଆ ପଣ୍ଡା ଆମ ସମାଜରୁ ଅପସରି ଗଲେଣି।

♥ ଅଧ୍ୟାପକ,ବାଣିଜ୍ୟ ବିଭାଗ,
ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟ, କଟକ
ମୋ:୯୪୩୮୦୭୦୮୪୯

---

# ସ୍ୱବୋଧର ସପ୍ତପଦୀ

**ଗୋପାଳ ମହାପାତ୍ର**



କୌଣସି ବି ରାଷ୍ଟ୍ର ଯେତେବେଳେ ତାର ସ୍ୱବୋଧକୁ ଭୁଲିଯାଏ ସେତେବେଳେ ସଭ୍ୟ ସମାଜ ନିଜର ପରମ୍ପରାକୁ ନେଇ ଗର୍ବ କରିବା ପରିବର୍ତ୍ତେ ଘୃଣା କରିବାକୁ ଲାଗେ । ସେ ନିଜର ସ୍ଥିତିକୁ ଦୁନିଆ ଆଗରେ ବଞ୍ଚାଇ ରଖିପାରେ ନହିଁ। ଅନେକ ଶକ୍ତିଶାଳୀ ରାଷ୍ଟ୍ର ଯିଏ ନିଜର ପୂର୍ବଜ,ପୂର୍ବାପିଢ଼ି, ପରମ୍ପରା କୁ ଭୁଲିଛନ୍ତି ସେ ସବୁ ଦେଶର ଇତିହାସ ଦୁନିଆର ନକସାରୁ ଲିଭିଯାଇଛି । ସାରା ବିଶ୍ୱରେଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଶୋଭିଏତରଷର ପରିଚୟ ଥିଲା । କିନ୍ତୁ ରାଷ୍ଟ୍ରବୋଧର ଅଭାବରୁ ଶୋଭିଏତରଷ ଅନେକ ଭାଗରେ ବିଭାଜିତ ହୋଇଗଲା । ଏବେ ଶୋଭିଏତରଷରଗାଥା କେବଳ ଇତିହାସରେ ରହିଯାଇଛି । ଫାରସ ଯାହାକୁ ଏବେ ଆମେ ଇରାନ ବୋଲି କହୁଛେ ତା ପାଖରେ ନିଜର ବୋଲି କହିବାର କିଛି ନାହିଁନ। ରାଷ୍ଟ୍ରବୋଧର ଅଭାବରୁ ସୋଭିଏତରଷ ଅନେକ ଭାଗରେ ବିଭାଜିତ ହୋଇଗଲା । ଏବେ ସୋଭିଏତରଷରଗାଥା କେବଳ ଇତିହାସରେ ରହିଯାଇଛି । ଫାରସ ଯାହାକୁ ଏବେ ଆମେ ଇରାନ ବୋଲି କହୁଛେ ତା ପାଖରେ ନିଜର ବୋଲି କହିବାର କିଛି ନହିଁ। ରାଷ୍ଟ୍ରବୋଧର ଅଭାବରୁ ନା ଭାଷା ବଞ୍ଚିଲା ନା ମହାପୁରୁଷ ବଞ୍ଚିଲେ । ପୂଜା ସ୍ଥଳ ସବୁ ଭାଙ୍ଗିଦିଆଗଲା। ପାରସୀମାନଙ୍କର ଧର୍ମଗ୍ରନ୍ଥକୁ ପୋଡିଦିଆଗଲା। ଗ୍ରୀକ ଗଣରାଜ୍ୟତାର ସ୍ୱତଃକୁ ଭୁଲିଗଲା । ପରିଣାମତଃ ସେଠାକାର ମଠ, ମନ୍ଦିର, ମୂର୍ତ୍ତି, ଦେବୀ-ଦେବତା ସବୁକୁ ନଷ୍ଟ କରିଦିଆଗଲା । ଏବେ ଅରସ୍ତୁ, ସୁକରାଟ, ମାଗାସ୍ଥିନିସ, ପିଥାଗୋରାସଙ୍କ ଭଳି ଦାର୍ଶନିକ ଗଣିତଜ୍ଞ ଗ୍ରୀକର ପରିଚୟ ନୁହନ୍ତି।

ଭାରତରେ ସ୍ୱାଧୀନତା ପରେ ଦେଶର ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଦେଶର ଲୋକଙ୍କୁ ୭ ଦଶନ୍ଧିରୁ ଅନେକ ସମୟ ଅପେକ୍ଷା କରିବାକୁ ପଡିଲା । ଏହି ୭ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ମାକଲେମଡ଼େଲର ଶିକ୍ଷା ନାଏକ ନୌକର (ଚାକିରିଆ) ସୃଷ୍ଟି କରିପାରିଲା ହେଲେ ନାୟକ ସୃଷ୍ଟି କରିବାରେ ବିଫଳ ହୋଇଛି । ଏଇଥିପାଇଁ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଠାରୁ ଯାଦଧବପୁରବିଶ୍ୱବିଦ୍ୟାଳୟରେ ଦେଶ ବିରୋଧୀ ସ୍ଲୋଗାନ ଶୁଣାଯାଉଛି । ଦେଶକୁ ବରବାଦ କରିବାର ଇସ୍ତାହାର ଛପା ଯାଉଛି । ସ୍ୱାଧୀନତା ପରେ ଦେଶର ଏକ ନିର୍ଦ୍ଦିଷ୍ଟ ମତବାଦର ରାଜନୈତିକ ଦଳ ଏମିତି ଏକ ବିମର୍ଷ ଆରମ୍ଭ କରିଦେଲେ ସତେ ଯେପରି ଭାରତ କୌଣସି ରାଷ୍ଟ୍ର ନୁହେଁ । ଭାରତର କୌଣସି ଇତିହାସ ନାହିନ। ଇଂରେଜମାନଙ୍କ କବଳରୁ ଦେଶ ସ୍ୱାଧୀନ ହେଲା ଓ ଆମେ ପରାଧୀନତା କବଳରୁ ମୁକ୍ତି ପାଇଲେ କିନ୍ତୁ ସ୍ୱତନ୍ତ୍ର ହୋଇପାରିଲେ ନାହିଁ ।

ପ୍ରତ୍ୟେକ ରାଷ୍ଟ୍ରର ନିଜର 'ସ୍ୱ' ରହିଥାଏ । ସ୍ୱ ଭିତରେ ବ୍ୟକ୍ତି ଓ ରାଷ୍ଟ୍ର ଗଠନର କ୍ଷମତା ଥାଏ । ପ୍ରତ୍ୟେକ ରାଷ୍ଟ୍ର ନିଜର ସ୍ୱର ଆଧାରରେ ତନ୍ତ୍ର (ବ୍ୟବସ୍ଥା)ର ବିକାଶ କରିଥାଏ । ତେବେ ହିନ ସୁଶାସନର ସ୍ଥାପନା ହୋଇଥାଏ । ପ୍ରକୃତ ଅର୍ଥରେ ସ୍ୱରାଜର ନିର୍ମାଣ ହୋଇଥାଏ । ଆମ ଚେତନାର ବାହାକ ଦୟାନନ୍ଦ, ବିବେକାନନ୍ଦ,ଶିବାଜି, ତିଳକ ସ୍ୱଦେଶ, ସ୍ୱରାଜ କେବଳ ଗୁଣଗାନକରି ନାହାନ୍ତି । ବରଂ ପରାଧୀନବୋଧତା କୁ ପରାସ୍ତ କରିଥିଲେ । ଶିବାଜୀ ହିନ୍ଦଭି ସାମ୍ରାଜ୍ୟର ସ୍ଥାପନା କରିଥିଲେ । ମହର୍ଷି ଦୟାନନ୍ଦ ସ୍ୱାଭାଷା, ସ୍ୱଦେଶୀ ପାଇଁ ପୁରା ଜୀବନ ଲଗେଇ ଦେଇଥିଲେ । ବିଦେଶୀ ଶାସକ ସୁଶାସନ ଦେଇ ପାରନ୍ତି କିନ୍ତୁ ସ୍ୱରାଜ ଦେଇ ପାରିବେ ନାହିନ। ଶ୍ରୀମଦ ଭଗବତ ଗୀତାରେ ସ୍ୱର ସୁନ୍ଦର ବ୍ୟାଖ୍ୟା କରାଯାଇଛି । କୁହାଯାଇଛି "ସ୍ୱଧର୍ମେ ନିଧନଂଶ୍ରେୟ ପର ଧର୍ମୋଭୟାବହଃ।

ଆମ ଶିକ୍ଷା ପ୍ରଣାଳୀର ବିଡମ୍ବନା ହେଉଛି ଗୁରୁତ୍ୱାକର୍ଷଣ ସିଦ୍ଧାନ୍ତର ଆବିଷ୍କାରକ ଭାବେ ଆଇଜାକନିଉଟନ ବୋଲି ପିଲାଙ୍କୁ ପଢାଯାଉଛି । କିନ୍ତୁ ଭାରତୀୟ ଗଣିତଜ୍ଞ ଭାସ୍କରାଚାର ?ୟଙ୍କ କଥା କେହି ମାନେ ପକାଉ ନାହାନ୍ତି । ତୃତୀୟ ଚତୁର୍ଥ ଖ୍ରୀଷ୍ଟାବ୍ଦ ପୂର୍ବର ପ୍ରସିଦ୍ଧ ଶଲ୍ୟ ଚିକିତ୍ସକ ଆଚାର ?ୟ ସୁଶ୍ରୁତ ଙ୍କୁ ମେଡିକାଲ ସାଇନ୍ସରେ ପଢାଯାଉ ନାହିନ। ଆମ ଦେଶର ବିଡମ୍ବନା ହେଉଛି ଦେଶ ସେଇ ଗଣିତଜ୍ଞଙ୍କ କଥା ଭୁଲି ଯାଇଛି ଯିଏ ସାରା ଦୁନିଆକୁ ଅଙ୍କ ଶାସ୍ତ୍ର, ବୀଜଗଣିତ, ଜ୍ୟାମିତି କଥା ଶିଖାଇଥିଲେ । ଆଜି ବି ଆମ ଦେଶର ବିଦ୍ୟାର୍ଥୀ ମାନଙ୍କର ଭାରତୀୟ ନବ ବର୍ଷର କଥା ମାନେ ନହିଁ। ଯାହା ଠିକ ତାକୁ ସ୍ୱୀକାର କରିବା ଉଚିତ । ସୃଷ୍ଟିରେ ଯାହା ସତ୍ୟ, ସିବା ଓ ସୁନ୍ଦର ତାକୁ ଗ୍ରହଣ କରାଯିବା ଉଚିତ । ରଗବେଦରେରଚା କହିଛନ୍ତି।

♥ ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୯ ଜୁନ୍ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୩୩

# ଅଷ୍ଟମ ପିଢ଼ିର ଚିନ୍ତା



♥ ଲଳିତ ମୋହନ ମିଶ୍ର

ଜଣେ ସେଠ ଅତ୍ୟନ୍ତ କଠିନ ପରିଶ୍ରମୀ । ଦିନେ ସେ ତାଙ୍କର ଗୁମାସ୍ତାଙ୍କୁ ଡାକି କହିଲେ - ଆମ ପାଖରେ କେତେ ଧନ ସମ୍ପତ୍ତି ଅଛି ? ଏବଂ ଏହା କେତେ ଦିନ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ? କିଛି ଦିନ ପରେ ଗୁମାସ୍ତା ଆସି ସେଠ୍ ଙ୍କୁ କହିଲେ - ବର୍ତ୍ତମାନ ଯେଉଁଭଳି ଭାବେ ଖର୍ଚ୍ଚ ହେଉଛି ? ଯଦି ରୋଜଗାର ସେତେ ହୁଏ ନାହିଁ । ତେବେ ଆପଣଙ୍କର ସାତ ପିଢ଼ି ପର୍ଯ୍ୟନ୍ତ ବସି ଖାଇପାରିବେ । ସେଠ୍ ଆଶ୍ଚର୍ଯ୍ୟ ଏବଂ ନିରାଶ ହୋଇଗଲେ । ତା'ହେଲେ ଅଷ୍ଟମ ପିଢ଼ିଙ୍କ ଅବସ୍ଥା କ'ଣ ହେବ ? ସେଠ୍ ଭବିଷ୍ୟତ ପିଢି ବିଷୟରେ ବହୁତ ଚିନ୍ତା କଲେ ଏବଂ ଚାପଗ୍ରସ୍ତ ହେଲେ । ବେଳକୁ ବେଳ ସେ ଅସୁସ୍ଥ ହେବାରେ ଲାଗିଲେ । ତାଙ୍କୁ ବହୁତ ଚିକିତ୍ସା କରିଗଲା, କିନ୍ତୁ କୌଣସି ଥିରେ ଫରକ ପଡିଲା ନାହିଁ । ଦିନେ ସେଠ୍ ଙ୍କ ଜଣେ ବନ୍ଧୁ ଆସି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ସେଠ୍ କହିଲେ, 'ମୁଁ ଏତେ ସବୁ ରୋଜଗାର କଲି, ତଥାପି ଅଷ୍ଟମ ପିଢ଼ି ପାଇଁ କିଛି ନାହିଁ। ବନ୍ଧୁ ଜଣକ କହିଲେ, ଦୂର ଗାଁ'ରେ ଜଣେ ବିଦ୍ୱାନ ରୁହନ୍ତି । ତାଙ୍କୁ ଯଦି ସକାଳ ଭୋଜନ ଖାଇବାକୁ ଦେବେ, ତେବେ ରୋଗ ଭଲ ହୋଇଯିବ । ପରଦିନ ସେଠ୍ ତାଙ୍କ ପାଇଁ ଖାଦ୍ୟ ନେଇ ଗଲେ । ବିଦ୍ୱାନ୍ ତାଙ୍କୁ ସମ୍ମାନର ସହିତ ବସିବାକୁ କହିଲେ । ତା'ପରେ ତାଙ୍କର ପତ୍ନୀ ଆସି କହିଲେ - ସେଠ୍ ମହାଶୟ ଭୋଜନ ଆଣିଛନ୍ତି। ଏହା ଉପରେ ବିଦ୍ୱାନ ଜଣକ କହିଲେ, ଆଜି ପାଇଁ କେହି ଜଣେ ଭୋଜନ ଦେଇଛନ୍ତି । ତେଣୁ ମୁଁ ଆପଣଙ୍କର ଭୋଜନ ଗ୍ରହଣ କରିପାରୁ ନାହିଁ। ଆମର ନିୟମ ରହିଛି, ଯେ ପ୍ରାତଃ ପ୍ରଥମ ଭୋଜନ ଦେଇଥାଏ ତାକୁ ମୁଁ ଗ୍ରହଣ କରେ । ତେଣୁ ମୁଁ ଦୁଃଖିତ। ସେଠ୍ କହିଲେ, 'ମୁଁ ଆପଣଙ୍କ ପାଇଁ ଆସନ୍ତାକାଲି ଆଣିବି କି ? ବିଦ୍ୱାନ କହିଲେ, ଆମେ ଆସନ୍ତା କାଲି କଥା ଆଜି ଭାବୁନାହୁଁ । ଆସନ୍ତାକାଲି ପାଇଁ ଭଗବାନ ବ୍ୟବସ୍ଥା କରିବେ । ମୁଁ ସେଥିପ୍ରତି ଚିନ୍ତିତ ନୁହେଁ। ମୁଁ କର୍ମ ଉପରେ ବିଶ୍ୱାସ କରେ । ତେଣିକି ଭଗବାନ ଯାହା କରିବେ । ସେଠ୍ ଘର ଚାଲିଗଲେ । ଭାବି ହେଉଥିଲେ ସେ କେମିତିକିଆ ମଣିଷ ହୋ.. । ଆସନ୍ତାକାଲିକୁ ନେଇ ସେ ଆଦୌ ଚିନ୍ତିତ ନୁହଁନ୍ତି । ମୁଁ ମୋର ଅଷ୍ଟମ ପିଢ଼ି ବିଷୟରେ ଚିନ୍ତା କରୁଛି । ସେଠ୍ ଙ୍କ ଆଖି ଖୋଲିଯାଇଥିଲା । ସେଠ୍ ସବୁ ଚିନ୍ତା ଛାଡି ଖୁସିରେ ବଞ୍ଚିବାକୁ ଚେଷ୍ଟା କଲେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ଅଷ୍ଟାଦେଶ ପୁରାଣେଶୁ ବ୍ୟାସ ସ ବଚନ ଦ୍ୱୟମ.....

ଡକ୍ଟର ତପନ କୁମାର ପାଲ



କବିବର ରାଧାନାଥ ରାୟଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି - 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି। ଧର୍ମ ଏକ ସିନା ମହତ ପଣିଆ, ଆଉ ସବୁ କଥା ଅଢ଼େଇ ଦିନିଆ'। ସଂସାରରେ ଧର୍ମ ହିଁ ଜୀବନ ବାରିଧିକୁ ଆଗେଇ ନେଇଥାଏ। ସେହିପରି ଆମ୍ଭ ମାନଙ୍କ ଆଧାତ୍ମିକ ଚେତନାରେ ପୁରାଣର ଗୁରୁତ୍ୱପୂର୍ଣ୍ଣ ପ୍ରାସଙ୍ଗିକତା ରହିଛି। ଧର୍ମପ୍ରାପ୍ତ ଜୀବନ ନିମିତ୍ତ ଆଲୋଚନା କରିବାବେଳେ ମନେପଡୁଛି ଶ୍ରୀମଦ ଭାଗବତର ସେହି ସ୍ମରଣୀୟ ଧାଡ଼ିଟି - 'ଧମ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି। ଧର୍ମରକ୍ଷଣେ ମୁଁ ଜଗତେ, ଶରୀର ଧରି ନାନାମତେ'। ଆଧାତ୍ମିକ ଚେତନାରେ ମାନବୀୟ ମୂଲ୍ୟବୋଧପୂର୍ଣ୍ଣ ଜୀବନ ଆମ୍ଭ ମାନଙ୍କର ନିତ୍ୟ ଧ୍ୟେୟ। ଧର୍ମବଳ ଜୀବନ ଚେତନାର ଏପରି ଏକ ଅନାସକ୍ତ କର୍ମ ସମ୍ଭବତଃ ଏହାକୁ ସ୍ମରଣ କରି ଉତ୍କଳମଣି ଗୋପବନ୍ଧୁ ଲେଖିଛନ୍ତି - 'ଧର୍ମ ପକ୍ଷେ ଜୟ ସଦା ସୁନିଶ୍ଚୟ, ରଖ ହୃଦୟରେ ଏ ଦୃଢ଼ ପ୍ରତ୍ୟୟ। ଭାରତବାସୀର ଧର୍ମବଳ ସାର, ଧର୍ମ ବିନା ଆଜି ଏଡ଼େ ଛାରଖାର। ଦେଖାଅ ଜୀବନେ ଅଭୂତ ଶକତି, କର୍ମେ ଅନାସକ୍ତ, ଧର୍ମେ ଦିବ୍ୟରତି।' ସେହିପରି ଆମ୍ଭ ମାନଙ୍କର ଆଧାତ୍ମିକ ଚେତନାରେ ପୁରାଣର ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ମାର୍ଗଦର୍ଶନ ରହିଛି। ସାଧାରଣରେ ଏକ ପ୍ରଶ୍ନ ଉଠେ ପୁରାଣର ଅର୍ଥ କ'ଣ ? ପୁରାଣ ଶବ୍ଦର ଅର୍ଥ ଯାହା ପୁରାକାଳରେ ଘଟିଥିଲା ବା ଅତି ପ୍ରାଚୀନ କାଳର ବିବରଣୀ। ଆମେ ଆଜି ଯାହାକୁ ପୁରାଣର ମାନ୍ୟତା ଦେଉ, ତାହା ହେଉଛି ଅତି ପ୍ରାଚୀନ କାଳରେ ପ୍ରସିଦ୍ଧ ବ୍ୟକ୍ତି, ସମାଜ, ଧର୍ମ ଓ ଦେବତା ଆଦିଙ୍କ ଜନ୍ମ ଓ କର୍ମ ଅବଲମ୍ବନରେ ରଚିତ ଆଖ୍ୟାୟିକ। ପୁରାଣମାନଙ୍କରେ ମୁଖ୍ୟତଃ ସ୍ୱର୍ଗ ବା ସୃଷ୍ଟି, ପ୍ରତିସର୍ଗ ବା ପ୍ରଳୟ, ବଂଶ ବା ବଂଶ ବିସ୍ତାର, ମନ୍ୱନ୍ତର ବା ଯୁଗାଂଶ ବିସ୍ତାର ଓ ବଂଶାନୁଚରିତ ବା ବଂଶର ଇତିହାସ ବର୍ଣ୍ଣନା କରାଯାଇଥାଏ। ସାଧାରଣ ଅନ୍ତର୍ଦୃଷ୍ଟିରେ ଦେଖିଲେ ଆମେ ସହଜରେ ଅନୁଭବ କରିପାରିବା ଯେ ଏହି ପାଞ୍ଚଗୋଟି ଲକ୍ଷଣ ପ୍ରତ୍ୟେକ ପିଣ୍ଡ ବ୍ରହ୍ମାଣ୍ଡରେ ବିଦ୍ୟମାନ। ତେଣୁ ଏହି ପାଞ୍ଚଟି ଲକ୍ଷଣ ଆମ ଭିତରେ ବି ଅଛି। ଏଗୁଡ଼ିକ ଆମ ଜୀବନ୍ତ ଅବସ୍ଥାର ପରିଚୟ।

ପାର୍ଥକ୍ୟ ମାନଙ୍କର ସମଷ୍ଟି ଭାବେ ଆବିର୍ଭୂତ ହୋଇଥିବା ଏହି ସୃଷ୍ଟି, ଗୋଟିଏ ଉତ୍ସ ମୂଳ ଅବ୍ୟକ୍ତରୁ ଜାତ ହୋଇଛି। ତେଣୁ ସବୁକିଛି ଅଲଗା ଦେଖାଯାଉଥିଲେ ମଧ୍ୟ ସମସ୍ତଙ୍କ ମଧ୍ୟରେ ସମାନତା ରହିବାକୁ ବାଧ୍ୟ। ସମୟ ହେଉଛି ପାର୍ଥକ୍ୟ ସୃଷ୍ଟିର ଏକ ବିରାଟ କାରଣ। ସମୟ ବଦଳେ, ସ୍ଥିତି ବଦଳେ କିନ୍ତୁ ସୃଷ୍ଟିର ପିଣ୍ଡ ବ୍ରହ୍ମାଣ୍ଡ ଗୁଡ଼ିକ ସମାନ ପ୍ରକାରର ଜନ୍ମ, କର୍ମ, ଜ୍ଞାନ ଓ ମୁକ୍ତି ଅନୁଭବ କରନ୍ତି। ପୁରାଣର ଆଖ୍ୟାୟିକା ଗୁଡ଼ିକ ଆମକୁ ଏହା ହିଁ ଦର୍ଶାନ୍ତି। ପୁରାଣ ଗୁଡ଼ିକର ଚରିତ୍ରମାନଙ୍କ ପାଖରେ ଆମେ ନିଶ୍ଚିତ ନିଜ ପିଣ୍ଡ ବ୍ରହ୍ମାଣ୍ଡର ପରିଚୟ ଦେଖୁ। ଏହା ଆମକୁ ନିଜ ପିଣ୍ଡ ବ୍ରହ୍ମାଣ୍ଡକୁ ଠିକ ଉପାୟରେ ବିକଶିତ କରିବାରେ ସହାୟକ ହୁଏ। ପ୍ରତ୍ୟେକ ପିଣ୍ଡବ୍ରହ୍ମାଣ୍ଡ ସାଧକ ଅନୁଭବ କରନ୍ତି ଯଦି ଏହା କୌଣସି ପୌରାଣିକ ଚରିତ୍ର ପାଖରେ ସମ୍ଭବ, ସମାନ କଥା ମୋ ପାଖରେ ବି ନିଶ୍ଚିତ ସମ୍ଭବ। ପୁରାଣର ଚରିତ୍ର ମାନଙ୍କ ସହ ଏକାତ୍ମତା ଅନୁଭବ କରି ପିଣ୍ଡ ବ୍ରହ୍ମାଣ୍ଡ ସାଧକ ନିଜକୁ ଭୁଲ ପଥରୁ ଦୂରେଇ ନେବାର ସୁଯୋଗ ପାଏ। ସାଧକ ଅନେକ ସମୟରେ ସାଧନା ପଥରେ ହତାଶା ଅନୁଭବ କରେ। ସେହି ସମୟରେ ପୁରାଣର ଆଖ୍ୟାନ ତାକୁ ସଚେତନ କରିଦିଏ। ପୁରାକାଳରେ ଅନେକ ପିଣ୍ଡ ବ୍ରହ୍ମାଣ୍ଡ ସାଧକ ହତାଶ ହୋଇଛନ୍ତି, କଷ୍ଟ ସହିଛନ୍ତି, ହେଲେ ଶେଷରେ ଚିରନ୍ତନ ଲକ୍ଷ୍ୟରେ ପହଞ୍ଚିଛନ୍ତି। ଯାହା ପୁରାଣରେ ସମ୍ଭବ ତାହା ବର୍ତ୍ତମାନରେ ସମ୍ଭବ ଏବଂ ଭବିଷ୍ୟତରେ ବି ସମ୍ଭବ। ବଂଶ ଓ ବଂଶ ବିସ୍ତାର ଅଧ୍ୟୟନଦ୍ୱାରା ଆମେ କର୍ମ ବନ୍ଧନ ଏବଂ ସେଥିରୁ ମୁକ୍ତିର ମାର୍ଗର ଆଭାସ ପାଉ। ପୁରାଣ ମାନଙ୍କୁ ପଢ଼ିବା ସହ ସେମାନଙ୍କୁ ନିଜ ଜୀବନରେ ଅନୁଭବ କଲେ ସେଗୁଡ଼ିକ ପାର୍ଥକ୍ୟ ରୂପକ ମାୟାର ବିନାଶରେ ସହାୟକ ହୁଅନ୍ତି। ଆଲେଖ୍ୟର ଶେଷରେ ମନେପଡୁଛି ସେହି ଅମୃତ ବାଣୀର ଧାଡ଼ିଟି - 'ଅଷ୍ଟାଦେଶ ପୁରାଣେଶୁ ବ୍ୟାସ ସ ବଚନ ଦ୍ୱୟମ, ପରୋପକାରାୟ ସ୍ୱର୍ଗାୟ, ପାପାୟ ପର ପୀଡ଼ନମ୍।'

♥ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



**୧୯୬୧ ମସିହା ଡିସେମ୍ବର ୧୭ତାରିଖ ଦିନ ଭାରତୀୟ ସୈନ୍ୟ ବାହିନୀ ପର୍ତ୍ତୁଗୀଜ ଉପନିବେଶ ଗୋଆ, ଦାମନ ଏବଂ ଡିଉର ମୁକ୍ତିପାଇଁ ସଶସ୍ତ୍ର ସଂଗ୍ରାମ ଆରମ୍ଭ କଲା ଓ ୧୯ ତାରିଖ ସୁଦ୍ଧା ସଫଳତା ଅର୍ଜନ କଲା। ସେତେବେଳେ କେବଳ ଆନନ୍ଦ ହିଁ ଆନନ୍ଦ ! ମାତ୍ର, ସେ ଆନନ୍ଦ ବେଶିଦିନ ରହିଲାନି । ୧୯୬୨ ମସିହା ଅକ୍ଟୋବର ୨୦ତାରିଖରେ ଭାରତର ପରମବନ୍ଧୁ ଚୀନ ବିଶ୍ୱାସ ଘାତକତା କରି ଭାରତ ଆକ୍ରମଣ କଲା ଓ ଭାରତର ବିସ୍ତୃତ ଅଞ୍ଚଳ ଅଧିକାର କରିନେଲା ।**

## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୩୦)

## କଲେଜ ଜୀବନ..(ଖ)

ନର୍ଥ ହଷ୍ଟେଲରେ ପ୍ରଥମ ଛ'ମାସ ଖୁବ୍ ଭଲରେ କଟିଗଲା । ତାପରେ ମୋତେ ଗତି କରିବାକୁ ହେଲା ମୋର ଚିର ସହଚର ଆର୍ଥିକ ଦୁଃସ୍ଥିତିକୁ ସାଥିରେ ନେଇ । ବାପାଙ୍କ ପକ୍ଷରେ ଛାତ୍ରାବାସର ମାସିକ ଦେୟ ଯୋଗାଇବା କଷ୍ଟକର ହେଲା । ମୋର ଉପରଶ୍ରେଣୀରେ ଅଧ୍ୟୟନ ରତ କେତେଜଣ ବଡଭାଇ ଛାତ୍ରାବାସର ତତ୍ତ୍ୱାଧାରକ ପ୍ର. ମେଜର ଧୀରେନ ନନ୍ଦଙ୍କୁ ଜଣାଇଲେ । ମୋର ଦରଖାସ୍ତ ଉପରେ ସୁବିଚାରକରି ସେ ମୋର ମାସିକ ଦେୟ ଅଧା କମାଇଦେଲେ । ପୁଣି, କଲେଜର ମାସିକ ଟ୍ୟୁସନ ଫି ମଧ୍ୟ ଅଧା ଛାଡହେବାରୁ କୌଣସି ପ୍ରକାରେ ପ୍ରଥମ ବର୍ଷ ପଢା ଶେଷକଲି।

ମୋର ଅନୁରୋଧ ରକ୍ଷାକରି ୩ୟ ବର୍ଷ କଳାଛାତ୍ର ଶ୍ରୀ ଅନନ୍ତ ପ୍ରସାଦ ସାହୁ ତାଙ୍କର ବଡଭାଇଙ୍କ ଶ୍ୱଶୁର ସୁଏଲପୁରର ସ୍ୱର୍ଗତଃ ପ୍ରିୟନାଥ ସାହୁଙ୍କ ଘରେ ମୋ ରହିବାର ବନ୍ଦୋବସ୍ତ କରିଦେଲେ । ବିନିମୟରେ ତାଙ୍କର ଚାରିଜଣ ପିଲାଙ୍କୁ ପଢାଇବାର ଦାୟିତ୍ୱ ମୋତେ ନେବାକୁ ହେଲା ।୧୯୬୧ ମସିହା ଗ୍ରୀଷ୍ମଛୁଟିରେ ଘରକୁ ଯିବା ପୂର୍ବରୁ ମୋ ବିଛଣାପତ୍ରନେଇ ତାଙ୍କ ଘରେ ରଖିଆସିଲି ଓ ୨ୟ ବର୍ଷ ଶିକ୍ଷାଦାନ ଆରମ୍ଭ ସମୟରେ, ପ୍ରାୟ ଜୁନ ମାସରେ ଆସି ତାଙ୍କ ଘରେ ରହିଲି । ମୋର ରହିବା ଓ ଖାଇବା ସମସ୍ୟାର ସମାଧାନ ହୋଇଗଲା ।

. ମୁଁ ଗୋଟିଏ କୋଠରିରେ ରହୁଥାଏ। ପିଲାମାନେ (ପରେଶ,ବୁଲୁ, ଟୁକୁ ଏବଂ ଲତିକା) ମୋ ପାଖକୁ ସନ୍ଧ୍ୟାରେ ପଢିବାକୁ ଆସନ୍ତି ଓ ଦିନ ଓଳି ମୋ ପାଠ ମୁଁ ପଢେ । କ୍ରମେକ୍ରମେ ମୋ ନିକଟକୁ ମୋ ସାଙ୍ଗମାନେବି ଆସିବାକୁ ଲାଗିଲେ । ସେଥିପାଇଁ କିଛି କଟକଣା ନଥାଏ । ମୋଟାମୋଟି ଭାବରେ ୩ଟି ବର୍ଷ ମୋର ଭଲରେ କଟିଗଲା । ମୁଁ ଆବଶ୍ୟକ କରୁଥିବା କେତେକ ବହି ମଧ୍ୟ ସାହୁବାବୁ କ୍ରୟକରି ଆଣିଦେଉଥିଲେ । ସ୍ୱର୍ଗତ ସାହୁ,ସ୍ୱର୍ଗତା ସାହୁ ଏବଂ ତାଙ୍କ ପରିବାରର ସଦସ୍ୟମାନଙ୍କର ମୋପ୍ରତି ସ୍ନେହଶ୍ରଦ୍ଧା ନିମନ୍ତେ ମୁଁ ସେମାନଙ୍କ ନିକଟରେ ଚିରଋଣୀ ।

କଲେଜର ପ୍ରଥମ ବର୍ଷରୁ ମୁଁ ଛାତ୍ର ରାଜନୀତିରେ ଜଡିତ ହୋଇଗଲି --ଏ. .ଆଇ.ଏସ.ଏଫ. ବା ଅଖିଳ ଭାରତୀୟ ଛାତ୍ରସଂଘର ସଭ୍ୟହେଲି, ଥରେ ଦୁଇଥର ଜିତିଛିବି । ମାତ୍ର, ଶେଷ ବର୍ଷ ମୁଁ କଲେଜ ୟୁନିୟନର ସଭାପତି ପଦରେ ମୋର ସହପାଠୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ନିକଟରୁ ପରାସ୍ତ ହୋଇଥିଲି । ସ୍ୱର୍ଗତ ବନ୍ଧୁ ଗିରିଜା କିଙ୍କର ମହାନ୍ତି ଥିଲେ , 'କିଙ୍ଗ ମେକର'। ସେ କେବେ ନିର୍ବାଚନ ଲଢି ନଥିଲେ, ସେମିତି ଆମ ଦଳର ପ୍ରାର୍ଥୀ ସ୍ୱର୍ଗତ ଶ୍ରଦ୍ଧେୟ ରବିନାରାୟଣ ଦାସ (ପୂର୍ବତନ ଭା:ପ୍ର:ସେ.)ଓ ସ୍ୱର୍ଗତ ଅରୁଣ ଦେ (ପୂ.ବିଧାୟକ) କେବେ ବି କଲେଜ ନିର୍ବାଚନ ହାରି ନଥିଲେ ।

ଡ.ବ୍ରଜନାଥ ରଥ ଥିଲେ 'ଛାତ୍ରସଂଘ'ର ମୁଖ୍ୟ ପରାମର୍ଶଦାତା ଓ ସହରର ସିନେମାଛକରେ ଥିବା ତାଙ୍କର 'ବିଶ୍ୱଶ୍ରୀ ପ୍ରେସ' ଥିଲା ସାହିତ୍ୟ ଓ ରାଜନୀତି ଚର୍ଚ୍ଚାର ପମୁଖ ସ୍ଥାନ ।

୧୯୬୧ ମସିହା ଡିସେମ୍ବର ୧୭ତାରିଖ ଦିନ ଭାରତୀୟ ସୈନ୍ୟ ବାହିନୀ ପର୍ତ୍ତୁଗୀଜ ଉପନିବେଶ ଗୋଆ, ଦାମନ ଏବଂ ଡିଉର ମୁକ୍ତିପାଇଁ ସଶସ୍ତ୍ର ସଂଗ୍ରାମ ଆରମ୍ଭ କଲା ଓ ୧୯ ତାରିଖ ସୁଦ୍ଧା ସଫଳତା ଅର୍ଜନ କଲା। ସେତେବେଳେ କେବଳ ଆନନ୍ଦ ହିଁ ଆନନ୍ଦ !

ମାତ୍ର, ସେ ଆନନ୍ଦ ବେଶିଦିନ ରହିଲାନି । ୧୯୬୨ ମସିହା ଅକ୍ଟୋବର ୨୦ତାରିଖରେ ଭାରତର ପରମବନ୍ଧୁ ଚୀନ ବିଶ୍ୱାସ ଘାତକତା କରି ଭାରତ ଆକ୍ରମଣ କଲା ଓ ଭାରତର ବିସ୍ତୃତ ଅଞ୍ଚଳ ଅଧିକାର କରିନେଲା ।

ସେତେବେଳେ ଟି.ଭି.ର ପ୍ରଚଳନ ହୋଇନଥାଏ , ରେଡିଓ ବି ସମସ୍ତଙ୍କ ଘରେ ନଥାଏ । ତେଣୁ, ବିଳମ୍ବରେ ଆମେ ସେ ଦୁଃଖଦ ସଂବାଦ ପାଇଲୁ । ଲଜ୍ଜାରେ ଆମ ମଥା ତଳକୁ ନଇଁ ଯାଉଥାଏ। ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏନ.ସି.ସି. ତାଲିମ ବାଧ୍ୟତାମୂଳକ ହେଲା। ମୋର ପ୍ରଥମରୁ ଏନ.ସି.ସି.ଥିଲା। ତେଣୁ ମୋପାଇଁ ବିଶେଷ ଅସୁବିଧା ହେଲାନି। କେତେଜଣ ଅସୁବିଧାର ସମ୍ମୁଖିନ ହେଲେ । ପ୍ରାୟ ବର୍ଷକପରେ ଏନ.ସି.ସି. ଇଚ୍ଛାଧୀନ ହେଲା।ତା'ପରେ ମୁଁଆଉଏନ.ସି.ସି.ରଖିନଥଲି। ସମ୍ଭବତଃ, ୧୯୬୦-'୬୧ ଶିକ୍ଷା ବର୍ଷରେ ହୀରାକୁଦ ଆଇଲେଣ୍ଡଠାରେ ଆୟୋଜିତ ଏନ.ସି.ସି. ଶିବିରରେ ଯୋଗ ଦେଇ ତାଲିମ ନେଇଥିଲି ।

ଫକୀର ମୋହନ ମହାବିଦ୍ୟାଳୟରେ ଓଡିଆ ଅନର୍ସ ନଥିବାରୁ ୧୯୬୩ ବର୍ଷରୁ ମୁଁ 'ଅର୍ଥଶାସ୍ତ୍ର'କୁ ସମ୍ମାନ ବିଷୟ (ଅନର୍ସ ) ଭାବରେ ଗ୍ରହଣ କଲି।

ସେଇ ଚାରିବର୍ଷ ଭିତରେ ଅନେକଥର ଆମେ କେତେଜଣ ବନ୍ଧୁମିଶି ସାଇକେଲରେ ରନ୍ଧନ ଉପକରଣ ନେଇ ଚାନ୍ଦିପୁର ଝାଉଁବଣକୁ ଯାଇ ବଣଭୋଜି କରିଛୁ । ସମୁଦ୍ରର ଜୁଆର ଓ ଭଟ୍ଟା ସମୟର ଦୃଶ୍ୟ ମଧ୍ୟ ଉପଭୋଗ କରିଛୁ, ନାଳି ଓ କଳା କଙ୍କଡାକୁ ଧରିବାପାଇଁ ବୃଥାରେ ସେମାନଙ୍କ ପଶ୍ଚାତ୍ ଧାବନ ବି କରିଛୁ ।

ଆମ ଅଞ୍ଚଳର ବନ୍ୟା ପୀଡିତଙ୍କୁ ସାହାଯ୍ୟପାଇଁ ଆମେ 'ଛାତ୍ରସଂଘ'ର ସଭ୍ୟମାନେ ନାଟକ ଅଭିନୟ ମାଧ୍ୟମରେ ସଂଗୃହୀତ ଅର୍ଥରେ ଅତ୍ୟାବଶ୍ୟକ ଦ୍ରବ୍ୟ କ୍ରୟକରି ସେମାନଙ୍କ ମଧ୍ୟରେ ବଣ୍ଟନ କରିଥିଲୁ।

'ଶାନ୍ତି କାନନ'ରେ ପ୍ରାୟ ପ୍ରତି ରବିବାର ଦିନ ଅନୁଷ୍ଠିତ ହେଉଥିବା ସାହିତ୍ୟ ଆସରରେ ଅଧ୍ୟାପକମାନେ ଯୋଗ ଦେଉଥିଲେ । ଅନେକଥର ମୁଁ ସେଥିରେ ଅଂଶଗ୍ରହଣ କରିଛି। ସେଇ ଚାରିବର୍ଷ ଭିତରେ ଅନେକ ଗଳ୍ପ, କବିତା ଲେଖିଛି । ସେସବୁ ପ୍ରକାଶ ପାଇଛିବି ।

୧୯୬୪ମସିହାରେ ଅର୍ଥଶାସ୍ତ୍ର ସମ୍ମାନ ସହିତ ସ୍ନାତକ ପରୀକ୍ଷାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଲି ।

ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଶେଷ ହେଲା । ମାତ୍ର ଅନେକ କିଛି ଭୁଲି ହେଲାନାହିଁ ଯେମିତିକି ଅଧକ୍ଷ, ଅଧ୍ୟାପକ ମାନଙ୍କର ସ୍ନେହ ଶ୍ରଦ୍ଧା, ଜ୍ଞାନ ଆହରଣ ଓ ବିତରଣରେ ଆଗ୍ରହ ଓ ଦକ୍ଷତା; ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କର ସାହାଚର୍ଯ୍ୟ;ସହପାଠୀ ମାନଙ୍କର ଅନାବିଳ ଭଲ ପାଇବା ଏବଂ ସାହୁବାବୁଙ୍କ ଦୁଇପୁତୁରା (ତାଙ୍କ ବଡ ଭାଇଙ୍କ ଦୁଇପୁଅ)- ଜଗନ୍ନାଥ ଓ ବଳରାମଙ୍କ ସହିତ ମୋର ଗଢି ଉଠିଥିବା ବନ୍ଧୁତାକୁ ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ବିରାମ ଅଢ଼େଇ ଦଶନ୍ଧି ଯାତ୍ରାର



ବାଦଲ ଭୂୟାଁ

**ରାଜନୀତିରେ ତାଙ୍କର ସେପରି ରୁଚି ନଥିଲା ବାପା ତଥା ଓଡ଼ିଶା ରାଜନୀତିର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁ ଲିଗାସିକୁ ରକ୍ଷାକରି ରାଜନୀତିକୁ ଆଗେଇ ନେବା ପାଇଁ ତାଙ୍କୁ ଦିଲ୍ଲୀରୁ ଓଡ଼ିଶା ଆସିବା ପାଇଁ ପଡ଼ିଥିଲା। ୨୦୦୦ ମାର୍ଚ୍ଚ ୫ରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳି ପାଞ୍ଚ ପାଳିର ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓଡ଼ିଶାବାସୀଙ୍କୁ ଅନେକ ସେବା ଦେଇଛନ୍ତି।**

ଓଡ଼ିଶା ନୁହେଁ ତମାମ ଭାରତୀୟ ରାଜନୀତିର ଏକ ଅଭୂତ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହୋଇଥିବା ନବୀନ ବାବୁ ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ। ମୋଦି ସୁନାମୀରେ ବ୍ରାଣ୍ଡ ନବୀନ ଧ୍ୱଂସବିଧ୍ୱଂସ। ଓଡ଼ିଶା ରାଜନୀତିରେ ଅଟଳ, ଅଚଳ, ଅପରାଜୟ, ଅପ୍ରତିଦ୍ୱନ୍ଦ୍ୱୀର ମହାନାୟକ ନବୀନ ପଟ୍ଟନାୟକଙ୍କୁ ଶକ୍ତଧକ୍କା ଲାଗିଛି। ୨୪ବର୍ଷର ନିରଙ୍କୁଶ ଯାତ୍ରାରେ ଯବନିକା ପଡ଼ିଛି ଆଉ ଭାରତର ଅନ୍ୟତମ ପ୍ରଭାବୀ ତଥା ଶକ୍ତିଶାଳୀ ଆଞ୍ଚଳିକ ଦଳ ବିଜେଡ଼ି ବିପର୍ଯ୍ୟୟ ମାଡ଼ରେ ଏକ ପ୍ରକାର ମାଟି କାମୁଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଭୋଟ-୨୪ ନବୀନଙ୍କ ଏପରି ରାଜନୈତିକ ବିପର୍ଯ୍ୟୟ ଓ ଯେଉଁ ଅକଳ୍ପନୀୟ ଧରାଶାୟୀ ଅବସ୍ଥା କରିଛି ତାହାକୁ ନେଇ ସାରା ଦେଶ ରାଜନୀତି କ୍ଷେତ୍ର ଠାରୁ ଗଣମାଧ୍ୟମ ଏପରିକି ସାଧାରଣ ଲୋକମାନେ ମଧ୍ୟ ଚକିତ। ଆଉ ଦିନ କେଇଟା ପରେ ସେ ଇତିହାସ ରଚିଥାନ୍ତେ। ଦେଶର ସର୍ବାଧିକ ସମୟର ବିରଳ ରେକର୍ଡ଼ଧାରୀ ମୁଖ୍ୟମନ୍ତ୍ରୀ ଭାବେ ନୂଆ ଇତିହାସ ମଧ୍ୟ ଲେଖିଥାନ୍ତେ। ମାତ୍ର ସମୟ ଓ ଭାଗ୍ୟର ବିଡ଼ମ୍ବନା ଯେ କିପରି ଇତିହାସ ତିଆରି କରିବା ବଦଳରେ ନିଜେ ଇତିହାସ ହିଁ ପାଲଟିଗଲେ। ମୋଦି ସୁନାମୀ ଏତେ ପ୍ରଖର, ତୀବ୍ର, ଶକ୍ତିଶାଳୀ ଓ ଜୋରଦାର ଥିଲା ଯେ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଓଡ଼ିଶା ରାଜନୀତିର ମେରିଖୁଣ୍ଟ କୁହାଯାଉଥିବା ଖୋଦ ନବୀନ ବାବୁ ବଲାଙ୍ଗୀରର କଣ୍ଟାବାଞ୍ଜି ଆସନରୁ ପରାଜୟର ମୁହଁ ଦେଖି ଏକ ପ୍ରକାର ଚିତପଟାଙ୍ଗ ହୋଇଗଲେ। କେବଳ ସେତିକି ନୁହେଁ ନିଜର ପାରମ୍ପାରିକ ଆସନ ହିଞ୍ଜିଳିରୁ ସୂତାଏ ପରି ଖୁବ କମ ବ୍ୟବଧାନରେ ବିଜୟ ଲାଭ କଲେ। ତାଙ୍କ ଦକ୍ଷ ନେତୃତ୍ୱରେ ଓଡ଼ିଶାର ସ୍ୱରକୁ ଦିଲ୍ଲୀ ଦରବାରରେ ଶାଣିତ ଓ ଜୋରଦାର କରୁଥିବା ବିଜେଡ଼ି ଲୋକସଭା ଆସନରେ ମୂଳପୋଛ ହୋଇଯିବା ଭାରତୀୟ ରାଜନୀତିର ଏକ ଅତ୍ୟାଶ୍ଚର୍ଯ୍ୟ ଓ ଆଶ୍ଚର୍ଯ୍ୟଜନକ ଘଟଣା। କେବଳ ସେତିକି ନୁହଁ ନବୀନ ବାବୁଙ୍କ ମନ୍ତ୍ରୀମଣ୍ଡଳର ହେବିଓ୍ୱେଟ, ପାରଙ୍ଗମ, କରିତକର୍ମା, ନିଶ୍ଚିନ୍ତ ବିଜୟୀ କୁହାଯାଉଥିବା ଡର୍ଜନ ଡର୍ଜନ ଓଜନିଆ ନେତା ପରାଜୟର ମୁହଁ ଦେଖିଛନ୍ତି। କହିବାକୁଗଲେ ଗୋଟିଏ ଧାଡ଼ିରେ ନବୀନଙ୍କ ଯୁଗ ଶେଷ ହୋଇଯାଇଛି।

ରାଜନୀତିରେ ତାଙ୍କର ସେପରି ରୁଚି ନଥିଲା ବାପା ତଥା ଓଡ଼ିଶା ରାଜନୀତିର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁ ଲିଗାସିକୁ ରକ୍ଷାକରି ରାଜନୀତିକୁ ଆଗେଇ ନେବା ପାଇଁ ତାଙ୍କୁ ଦିଲ୍ଲୀରୁ ଓଡ଼ିଶା ଆସିବା ପାଇଁ ପଡ଼ିଥିଲା। ୨୦୦୦ ମାର୍ଚ୍ଚ ୫ରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳି ପାଞ୍ଚ ପାଳିର ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓଡ଼ିଶାବାସୀଙ୍କୁ ଅନେକ ସେବା ଦେଇଛନ୍ତି। ଦୀର୍ଘ ଅଢ଼େଇ ଦଶନ୍ଧିର ଯାତ୍ରାରେ ଯବନିକା ପଡ଼ିଛି। ୧୯୯୭ରେ ବିଜେଡ଼ି ଗଠନ ହେବା ପରେ ବିଜୁ ବାବୁଙ୍କ ପାରମ୍ପାରିକ ଆସ୍କା ଲୋକସଭା ସିଟରୁ ସେ ଜିତିଥିଲେ ଓ କେନ୍ଦ୍ରରେ ଓଜନିଆ ମନ୍ତ୍ରୀ ପଦ ପାଇଥିଲେ। ୨୦୦୦ ମସିହାରେ ତାଙ୍କ ନେତୃତ୍ୱରେ ବିଜେଡ଼ି-ବିଜେପି ମେଣ୍ଟ ନିର୍ବାଚନ ଲଢ଼ି ସଫଳ ହୋଇ ଶାସନ ଭାର ଆରମ୍ଭ କରିଥିଲେ। ମହାବାତ୍ୟା ପରେ ଛାରଖାର ହୋଇଯାଇଥିବା ଓଡ଼ିଶାକୁ ପୁର୍ନଗଠନ ପାଇଁ ଓ ରାଜ୍ୟକୁ ବିକାଶ ତଥା ସ୍ୱାଭାବିକର ଟ୍ରାକକୁ ଫେରାଇବା ପାଇଁ ସେ ସକ୍ଷମ ହୋଇଥିଲେ। ଦୁଇପାଳି ବିଜେଡ଼ି ଓ ବିଜେପିର ମେଣ୍ଟ ସରକାର ଶାସନ କରିଥିଲା। ତେବେ ୨୦୦୯ରେ ନିର୍ବାଚନ ପୂର୍ବରୁ ନବୀନ ବାବୁ ବିଜେପିର ହାତ ଛାଡ଼ି ଦେଇଥିଲେ। ୨୦୧୪ରେ ୧୧୭ ଓ ୨୦୧୯ରେ ୧୧୩ ଆସନ ଜିତାପଟ କରି ରାଜନୀତିରେ ଯେ ସେ ଅପରାଜୟ ତାହା ଦେଖାଇ ଦେଇଥିଲେ ଆଉ ନୂଆ ରେକର୍ଡ଼ ମଧ୍ୟ ଯୋଡ଼ି ଥିଲେ। ୨୦୧୨ ଦିବଂଗତ ପ୍ୟାରୀ ବାବୁଙ୍କ ତଥାକଥିତ ମିଡ଼ନାଇଟ ଅପରେସନକୁ ମଧ୍ୟ ବିଫଳ କରାଇପାରିଥିଲେ। ନବୀନ ବାବୁଙ୍କ ପାଞ୍ଚ ଥାକିଆ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଭିତରେ ତାଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି। ଚିଟଫଣ୍ଡ ଝାମେଲା ଠାରୁ ଫାଇଲିନ, ହୁଡୁହୁଡ୍ର, ଫନି ଆଉ ମହାମାରୀ କୋଭିଡ଼ ସବୁ କିଛିକୁ ସଫଳ ମୁକାବିଲା କରି ବିଶ୍ୱସ୍ତରରେ ସାଉଁଣ୍ଟି ଥିଲେ ଢ଼େର ପ୍ରଶଂସା। ନୂଆ ଓଡ଼ିଶା ତିଆରି କରିବାର ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଅଣ୍ଟାଭିଡ଼ି ନବୀନ ବାବୁ ପ୍ରତିଶ୍ରୁତି ନୁହେଁ ଗ୍ୟାରେଣ୍ଟିର ସ୍ଲୋଗାନକୁ କାର୍ଯ୍ୟକାରୀ କରିଥିଲେ। ତାଙ୍କ ଶେଷ ପାଳିର ସରକାରରେ ୫ଟି ଓ ମୋ ସରକାରକୁ ଗୁରୁତ୍ୱ ଦେଇ ଟଙ୍କିକିଆ ଚାଉଳ, ମମତା ଯୋଜନା, କାଳିଆ ଯୋଜନା, ବିଏସକେଓ୍ୱାଇ, ଲକ୍ଷ୍ମୀବସ, ମିଶନ ଶକ୍ତି, ନୂଆ ଓ ଅନେକ ଯୋଜନା ଜନସାଧାରଣଙ୍କୁ ପ୍ରଭାବିତ କରିଥିଲା। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଠାରୁ ସମଲେଇ ପ୍ରକଳ୍ପ ଆଉ ରାଜ୍ୟ ତମାମ ଅନେକ ମଠ ମନ୍ଦିର ତଥା ଧର୍ମପୀଠର ଏକ ପ୍ରକାର ରୂପାନ୍ତରୀକରଣ ଆରମ୍ଭ କରିଥିଲେ।

ନବୀନ ବାବୁ ଏବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତେବେ ସୋସିଆଲ ମିଡ଼ିଆ ଟ୍ରେଣ୍ଡରେ ରହିଛି 'ଏଣ୍ଡ ଅଫ ଆନ ଏରା' ଓ 'ଯୁଗାବସାନ'। ଅନେକ ଯୁବ ବର୍ଗ, ଶୁଭେଚ୍ଛୁ ଓ ନବୀନ ବାବୁଙ୍କୁ ଭଲ ପାଉଥିବା ଯେ କେହି ବି ନିଜ ଡିପି ଆଉ ହ୍ୱାଟସପ୍ ଷ୍ଟାଟସରେ ସ୍ଥାନିତ କରିଛନ୍ତି। ଆଉ କିଏ କିଏ ମଧ ଲେଖୁଛନ୍ତି ନବୀନ.... ନବୀନ.... ନବୀନ। ନବୀନ ବାବୁ ଆମେ ତମ ଫ୍ୟାନ। ସୋସିଆଲ ମିଡିଆ ପ୍ଲାଟଫର୍ମର ଯେଉଁ ସାଇଟକୁ ଗଲେ ମଧ୍ୟ ସାଢ଼େ ଚାରିକୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଚର୍ଚ୍ଚା, ସିଏମ ନଂ-୧ ଚର୍ଚ୍ଚା। ଫେସବୁକରୁ ୟୁଟ୍ୟୁବ, ଏକ୍ସର ଇନଷ୍ଟାଗ୍ରାମ ଆଉ ହ୍ୱାଟସପ ଷ୍ଟାଟସରେ ନବୀନ ବାବୁଙ୍କ କ୍ରେଜ କିଛି କମିନି। କିଏ ଫଟୋ, କିଏ ଭିଡ଼ିଓ, କିଏ ରିଲ୍ସ ସବୁ ଛାଡ଼ି ନବୀନଙ୍କ ଗୁଣଗାନ କରୁଛନ୍ତି। ରାଜନୀତିରୁ ତ ନୁହଁ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ନବୀନ ବାବୁଙ୍କୁ ନେଇ ସମସ୍ତେ ଯେଉଁପରି ପ୍ରତିକ୍ରିୟା ଦେଉଛନ୍ତି ତାହା ତାଙ୍କ ସଫଳ ଆଉ ଲୋକପ୍ରିୟତାର ବଡ଼ ପ୍ରମାଣ। ଦଳ ମାଟି କାମୁଡ଼ିଛି, ୨୫ ବର୍ଷର ଶାସନ ଗାଦିଚ୍ୟୁତ ହୋଇଛି। ସେ କ୍ଷମତାରେ ନାହାଁନ୍ତି ସତ କିନ୍ତୁ ତାଙ୍କ ଶାସନକୁ ଓଡ଼ିଶାବାସୀ ମନେପକାଉଛନ୍ତି ଆଉ ଝୁରୁଛନ୍ତି। ନିରଳସ, ବେଶ ସାଧାସିଧା ଜୀବନଯାପନ ସହ ନିର୍ମଳ, ସରଳ ଭାବମୂର୍ତ୍ତି ଓ ମାପିଚୁପି କଥାବାର୍ତ୍ତା ପାଇଁ ନବୀନ ବାବୁ ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ଓ ଭିନ୍ନ ପରିଚୟ ତିଆରି କରିଛନ୍ତି। କେବଳ ନିଜ ଦେଶର ନୁହେଁ, ବିଦେଶରେ ମଧ ନିଜ ବ୍ରାଣ୍ଡ ଭ୍ୟାଲୁ ପାଇଁ ସେ ପରିଚିତ। ବିଜେପି ଓ କଂଗ୍ରେସ ଠାରୁ ସମ ଦୂରତା ରାଜନୀତି କରି ଦିଲ୍ଲୀ ଦରବାର ପାଇଁ ତାଙ୍କର ବିନ୍ଦୁ ମାତ୍ର ଲୋଭ ନଥିଲା। ମୋଦି ଲହର ସବୁକିଛି ପୋଛି ନେଇଛି। କ୍ରମାଗତ ପାଞ୍ଚପାଳିର ମୁଖ୍ୟମନ୍ତ୍ରୀ ହୋଇଥିବା ଏହି ମହାବିଜେତାଙ୍କ ସଫେଦ ଓ ଧୋବ ଫରଫର କୁର୍ତ୍ତାରେ ଲାଗିଛି ପରାଜୟର କଳାଦାଗ। ସରଳ ପଣିଆ ଆଉ ଧଳା କୁର୍ତ୍ତାର ବେଶ ପରିପାଟୀ ଭିତରେ ପାଇଜାମା ଓ କୋହ୍ଲାପୁରୀ ଚପଲରେ ସାଧାସିଧା ଅହଂକାରଶୂନ୍ୟ ଜୀବନ ଏବଂ ତମାମ ବିଶ୍ୱକୁ ପ୍ରଭାବିତ କଲାଭଳି ନେତୃତ୍ୱ, ଅବିଚଳିତ, ବିଚକ୍ଷଣ ନିଷ୍ପତ୍ତି, ସ୍ୱଚ୍ଛତା ପାଇଁ ସର୍ବଦା ସେ ପ୍ରେରଣାଦାୟୀ ହୋଇ ରହିବେ।

♥ ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର
(ମୋ) : ୭୫୮୮୯୯୮୫୩୨

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଫୁଲବାଣୀରେ ବିଶ୍ୱ ପରିବେଶ ଦିବସ ପାଳିତ

କନ୍ଧମାଳ, ୮/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ବିଶ୍ୱ ପରିବେଶ ଦିବସ ଗୁଦାରି ଠାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ ସାଧନ ଠାରେ ବିଭିନ୍ନ ବୃକ୍ଷରୋପଣ ସହିତ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ତଥା ସେସନ୍ସ ଜଜ୍ ଶ୍ରୀ ସତ୍ୟପୀର ମିଶ୍ର, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଶ୍ରୀ ସମର ବିଳାସ ବେହେରା, ଫୁଲବାଣୀ ଫ୍ୟାମିଲି କୋର୍ଟ ର ବିଚାରପତି ଶ୍ରୀଯୁକ୍ତ ଦେବଦତ ଦାସ ମହାପାତ୍ର, ପୋକ୍ସୋ କୋର୍ଟ ର ବିଚାରପତି ଶ୍ରୀ ସଞ୍ଜୀତ କୁମାର ବେହେରା, ମହିଳା କୋର୍ଟର ବିଚାରପତି ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର, ଜେ.ଏମ୍.ଏଫ୍.ସି ସୁଶ୍ରୀ ସ୍ୱାଗତିକା ସ୍ୱାଇଁ, ଫୁଲବାଣୀ ବାର ଆସୋସିଏସନ୍ ର ସଭାପତି ଶ୍ରୀ ନିରୋଦ ପାତ୍ର, ଜିଲ୍ଲା ପୋଲିସ ଅପରାଧ ଶାଖାର ଉପାଧ୍ୟକ୍ଷ ସୁବ୍ରତ ବେହେରା, ଆଇନ ସେବା ଡିଫେନସ କାଉନସିଲ ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ, ଜିଲ୍ଲା ଆଇନ ସେବା ସମୁଖ କାର୍ଯ୍ୟାଳୟ ରିଟେନର ଶ୍ରୀ ପ୍ରଦ୍ୟୁମ୍ନ ଚନ୍ଦ୍ର ପ୍ରଧାନ, ଜଙ୍ଗଲ ବିଭାଗର କର୍ମଚାରୀଙ୍କ ସହିତ ଫୁଲବାଣୀ ଉପ ବନ ସଂରକ୍ଷକ ଶ୍ରୀ ମଳୟ ରଞ୍ଜନ କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଜଜ୍ ଶ୍ରୀ ସତ୍ୟପୀର ମିଶ୍ରଙ୍କ କରକମଳରେ ଧୂପ ଦୀପ ନୈବେଦ୍ୟ ସହିତ ଶୁଭ ନାରିକେଳ ଅର୍ପଣ ପୂର୍ବକ ଉପସ୍ଥିତ ସମସ୍ତ ଅତିଥିମାନେ ନିମ୍ବ, ଅଁଳା, ଆମ୍ବ, ଶିଶୁ ଆଦି ବୃକ୍ଷରୋପଣ ପରେ ସାଧନ ଅନୁଷ୍ଠାନର ସଭାଗୃହ ରେ ଛାତ୍ର ଛାତ୍ରୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପାରା ଲିଗାଲ ସ୍ୱେଚ୍ଛାସେବୀ, ଆଇନ ସେବା ପ୍ରାଧିକରଣ ଫୁଲବାଣୀ ର କର୍ମଚାରୀ,ସାଧନ ଅନୁଷ୍ଠାନର ସଭାପତି, ସମ୍ପାଦକ ଆଦି ମାନଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ବିଷୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ଜୁନ ମାସ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଇଥାଏ। ଜଳବାୟୁ ପରିବର୍ତନ ରେ ସନ୍ତୁଳିତ ପରିବେଶର ଆବଶ୍ୟକତା ଉପରେ ସମସ୍ତ ଅତିଥି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଜଜ୍ ଶ୍ରୀ ସତ୍ୟପୀର ମିଶ୍ର ବିଭିନ୍ନ ଶାସ୍ତ୍ରର ଉଲ୍ଲେଖ କରି କହିଲେ, କେବଳ ବୃକ୍ଷ ଲଗାଇବା ହିଁ ପରିବେଶ ରକ୍ଷା ନୁହେଁ, ବରଂ ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଏହି ପଂଚ ମହାଭୂତର ସୁରକ୍ଷା କରିବା ହିଁ ପ୍ରକୃତ ପରିବେଶ ସୁରକ୍ଷା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଶ୍ରୀମତୀ ଅନୁଶୀଳା ରୟ ସଭା ସଂଚାଳନ କରିବା ସହିତ ଜଙ୍ଗଲ ବିଭାଗର କର୍ମଚାରୀମାନେ, ପାରା ଲିଗାଲ ସ୍ୱେଚ୍ଛାସେବୀ ବୃକ୍ଷ ରୋପଣ ରେ ସହଯୋଗ କରିଥିଲେ। ସଭା ଶେଷରେ ସାଧନ ଶିଶୁ ଯତ୍ନ ଅନୁଷ୍ଠାନ ତରଫରୁ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଦି ବେଲ ପକ୍ଷରୁ ଦକ୍ଷତା ଓ ବୃତ୍ତିଗତ ଜୀବନ ବିକାଶ କର୍ମଶାଳା

ପୁରୀ, ୮/୬ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମୁଖ୍ୟ ଦି ବେଲ ଇୟୁଥ ଫୋରମ୍ ତରଫରୁ ପୁରୀ ଜିଲ୍ଲା ମହାବିଦ୍ୟାଳୟ ସ୍ତରୀୟ ଛାତ୍ର ଛାତ୍ରୀ ମାନଙ୍କ ଦକ୍ଷତା ଓ ବୃତିଗତ ଜୀବନ ବିକାଶ ପାଇଁ ସ୍ଥାନୀୟ ଆୟୁର୍ବେଦିକ ସମ୍ମିଳନୀ କକ୍ଷ ଠାରେ ଦିନିକିଆ କର୍ମଶାଳା ଆୟୋଜିତ ହୋଇ ଯାଇଛି । କର୍ମଶାଳାକୁ ପୁରୀ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ. ଅରୁଣ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦଘାଟନ କରିଥିଲେ। ଇମ୍ପା ଭୁବନେଶ୍ୱରର ଡ଼ି.ଜି.ଏମ.ଏଲ୍ ଏଣ୍ଡ .ଡ଼ି.ଓ.ସି.ଏଚ.ଆର.ଡି. କୋ-ଫାଉଣ୍ଡର ଡଃ. ଅଜିତ କର, ଓମ୍ସ ସମ୍ବଲପୁରର ଇନ୍ଦୁ ଭୂଷଣ ମହାପାତ୍ର ଆଇଡେଣ୍ଟିଟି ଗ୍ରୁପ ଭୁବନେଶ୍ୱର ସଂସ୍ଥାପକ ଯଶୋବନ୍ତ ନାରାୟଣ ସିଙ୍ଘଲ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଏସ୍ ଏମ୍ ସି ପ୍ରବନ୍ଧକ ରୁଚିମିତ୍ରା ଜଗଦେବ ମହାପାତ୍ର ମଂଚ ପରିଚାଳନା କରିଥିଲେ। ଦି ବେଲ ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଉପାଧ୍ୟକ୍ଷ ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ୧୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦି ବେଲ ୟୁଥ ଫୋରମର ପ୍ରୀତି ପ୍ରିୟଦର୍ଶିନୀ ରାୟ, ଅର୍ପିତା ନାୟକ, ଆଦ୍ୟାଶା କାନୁନଗୋ, ମନିଦୀପା ସାହୁ, ଓମ୍ ପ୍ରକାଶ ତ୍ରିପାଠୀ, ଓଁ ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ମୌସୁମୀ ଆସିଲା, ମରାମତି ହେଲାନି ବ୍ରାହ୍ମଣୀ ନଦୀ ବନ୍ଧ : ନଦୀ କୂଳିଆ ଲୋକେ ଆତଙ୍କିତ

ଧର୍ମଶାଳା, ୮/୬ (ନି.ପ୍ର): ମୌସୁମୀ ସକ୍ରିୟ ହୋଇ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଉଛି । ରାଜ୍ୟରେ ଲଗାଣ ବର୍ଷା ଲାଗି ରହିବ । ଏଥି ସହ ଆଗକୁ ନଦୀରେ ବନ୍ୟା ଜଳ ପ୍ରବେଶ କରିବା ସମ୍ଭାବନା ରହିଛି । ଦୁର୍ବଳ ନଦୀ ବନ୍ଧକୁ ମରାମତି ପାଇଁ ଜଳସମ୍ପଦ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲେ ମଧ ନଦୀ ବନ୍ଧ ମରାମତି ହୋଇପାରିଲା ନାହିଁ । ବିଗତ ବର୍ଷ ମାନଙ୍କରେ ବନ୍ୟାରେ ପୀଡିତଙ୍କ ଆଖିରୁ ଲୁହ ଶୁଖି ନ ଥିବା ବେଳେ ପୁଣି ଆଗକୁ ଆସିବ ବନ୍ୟା । ଯାହାକୁ ନେଇ ନଦୀ କୂଳିଆ ଲୋକେ ଆତଙ୍କିତ ହୋଇପଡିଲେଣି । ଏଭଳି ଦୁର୍ବଳ ନଦୀ ବନ୍ଧ ଦେଖିବାକୁ ମିଳିଛି ଯାଜପୁର ଜିଲା ଜାରକା ଜଳସମ୍ପଦ ବିଭାଗ ଅଧିନରେ ଥିବା ଦେଓଦା, ମଙ୍ଗଳପୁର ଓ ବ୍ରହ୍ମବରଦା ଅଂଚଳରେ । ଏହି ଅଂଚଳରେ ବ୍ରାହ୍ମଣୀ ଓ ତାର ଶାଖା କେଲୁଅ ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି ହେଲେ ମରାମତିର ନାଁ ଧରୁ ନାହିଁ ବିଭାଗ, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଅଗଷ୍ଟ ମାସ ୨୦୨୦ ମସିହାରେ ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଭାଙ୍ଗି ଯାଇ ଜଳମଗ୍ନ ହେବା ସହ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଥିଲା । ହେଲେ ପ୍ରଶାସନ ଚେତିବା ତ ଦୂରର କଥା ଏହି ଅଂଚଳ ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଆଗାମୀ ଦିନରେ ଉଚିତ ଜବାବ ଦିଆଯିବ ବୋଲି ନଦୀ କୂଳିଆ ଲୋକେ ପ୍ରକାଶ କରିଛନ୍ତି । ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧ ଦେଓଦା, ମଙ୍ଗଳପୁର, ବାସୁଦେବପୁର, କୋଠଡିହ ନଦୀ ବନ୍ଧ ରାସ୍ତା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସ୍ଥାନୀୟ ଲୋକେ ଦୈନନ୍ଦିନ ବିପଦର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଦେଓଦା ଓ ମଙ୍ଗଳପୁର ପଂଚାୟତର ନଦୀ ବନ୍ଧ ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ବଡ ବଡ ଖାଲ ଖମା ହୋଇ ଏବେ ଏହି ନଦୀ ବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି ।ଏହି ରାସ୍ତା ଖାଲଖମାରେ ଭର୍ତି ହୋଇଛି । ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ସମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମୁଛି । ଏହି ରାସ୍ତା କୁଣ୍ଡପାଟଣା ଠାରୁ ଦେଓଦା ଓ ମଙ୍ଗଳପୁର ପଂଚାୟତର ଦେଓଦା, ସେରପୁର, କୋଠିଡିହ, ଚାନ୍ଦପୁର ଓ ମହେଶ୍ୱରପୁର ପ୍ରମୁଖ ଗାଁ ଏବେ ବନ୍ୟା ମୁହଁରେ । ବିଭିନ୍ନ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବାରୁ ଏହି ନଦୀ ବନ୍ଧ ରାସ୍ତାରେ ପ୍ରତ୍ୟେକ ଦିନ ଶହଶହ ଗାଡି ମୋଟର ସହିତ ବିଭିନ୍ନ ଅଂଚଳର ଶହସ୍ରାଧିକ ଲୋକେ ବ୍ରହ୍ମବରଦା ବଜାର, ସ୍କୁଲ, କଲେଜ, ମେଡିକାଲ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ଅନ୍ୟପକ୍ଷରେ ବନ୍ଧଡିହସ୍ଥ ମେଣ୍ଟ-ବ୍ରହ୍ମବରଦା ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତା ମରାମତି କାର୍ଯ୍ୟ ଚାଲି ମଧ ଶୋଚନୀୟ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯାହାକୁ ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଏହି ବନ୍ଧର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ହେଲେ ଏବେ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ ସେମାନେ କିଛି ଶୁଣୁ ନ ଥିବାରୁ ଗ୍ରାମବାସୀ ଏବେ ପ୍ରଶାସନ ଉପରେ ଭରସା ତୁଟାଇ ସାରିଲେଣି ବୋଲି ସେମାନଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

## ସଫଳ ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

କୋରେଇ, ୮/୬ (ନି.ପ୍ର): ପାଣିକୋଇଲିର ସଫଳ ବ୍ୟବସାୟୀଙ୍କ ମୃତ୍ୟୁରେ ଆଜି ଓଚିନ୍ଦାର ରୋଡର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯାଇଛି । ପାଣିକୋଇଲିର ସଫଳ ବ୍ୟବସାୟୀ ତଥା ପଥରପଦା ଗ୍ରାମର ସ୍ୱର୍ଗତ ରଂଗାଧର ବେହେରାଙ୍କ ପୁଅ ସୁରେନ୍ଦ୍ର ବେହେରା (୭୨) କିଛିଦିନ ହେବ ଅସୁସ୍ଥ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଆଜି ସକାଳୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ପ୍ରଚାରିତ ହେବା ମାତ୍ରେ ସରସ୍ୱତୀ ବଜାର କମିଟି ପକ୍ଷରୁ ବଜାର ବନ୍ଦ କରାଯାଇଥିଲା । ତାଙ୍କ ମରଶରୀର ପାଣିକୋଇଲିରେ ପହଂଚିବା ପରେ ରଘୁନାଥ ମାଝୀ, ମଦନ ମୋହନ ବେହେରା, ସୁବାସ ଧଳ, ସ୍ୱପ୍ନାନନ୍ଦ ଦାସ, ସନ୍ତୋଷ କୁମାର ବେହେରା, କୁଳମଣି ଦାସ, ଜୟ ପ୍ରକାଶ ବିଶ୍ୱାଳ, ପଦ୍ମଲୋଚନ ମଲ୍ଲିକ, ତାରିଣୀ ପଟ୍ଟନାୟକ, ସୁରେଶ ପଣ୍ଡା, ପତିତପାବନ ବେହରା, କରୁଣାକର ମାଝୀ, କୁନା ମହୀ, ପ୍ୟାରୀ ମୋହନ ବାରିକ, ଆତୁଳ ମହାକୁଡଙ୍କ ସମେତ ବହୁ ମନ୍ୟଗଣ୍ୟ ବ୍ୟକ୍ତି ଓ ବଜାରବାସୀ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ଶେଷରେ ତାଙ୍କ ମରଶରୀରକୁ ବାରୁଣୀ ମହାଶ୍ମସାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡପୁଅ ଜିତେନ୍ଦ୍ର ମୁଖାଗ୍ନୀ ଦେଇଥିଲେ । ସମସ୍ତ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ପରିବାର ବର୍ଗ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଯାଜପୁର ଜିଲ୍ଲାରେ ନକଲି ପାଣି ପାଉଚର ବହୁଳ ବ୍ୟବହାର, ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା, ୮/୬ (ନି.ପ୍ର): ପ୍ରଶାସନ ପକ୍ଷରୁ ବାରମ୍ବାର ପାଣି ପାଉଚ ର ବ୍ୟବହାରକୁ ନିଷିଦ୍ଧ କରାଯାଉଥିଲେ ସୁଦ୍ଧା ଯାଜପୁର ଜିଲା ରସୁଲପୁର ବ୍ଲକରେ ଏହାର ବହୁଳ ଭାବେ ବିକ୍ରୀ ଚାଲିଛି । ପ୍ରତିଦିନ ବିଭିନ୍ନ ଭୋଜି, ଛୋଟ ମୋଟ କାର୍ଯ୍ୟକ୍ରମ, ସରକାରୀ କାର୍ଯ୍ୟକ୍ରମ ଏବଂ ଭୋଜିମାନଙ୍କରେ ମଧ ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ବହୁଦିନ ପୂର୍ବରୁ କିଛି ଆଖି ଦୃଶିଆ ଭାବେ କାଁ ଭାଁ ସ୍ଥାନରେ ଛୋଟଛୋଟ ଦୋକାନମାନଙ୍କରେ ଚଢଉ ହୋଇଥିଲା । କିନ୍ତୁ, ପରବର୍ତି ପର୍ଯ୍ୟାୟରେ ଏହି ବ୍ୟବସାୟ କ୍ରମଶଃ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏବେ ଏହାର ବ୍ୟବହାର ଆଶାଠୁ ଅଧିକ ଖୁଲମ ଖୁଲା ବିକ୍ରୀ ବୃଦ୍ଧି ପାଇଛି । ଫଳରେ ଏହି କାର୍ଯ୍ୟାନୁଷ୍ଠାନ ପାଣିରଗାର ସଦୃଶ ହୋଇଛି । ଜିଲା ବାହାରୁ କିଛି ବେଆଇନ ଏବଂ ବିନା ଲାଇସେନ୍ସରେ ପାଣି ପାଉଚ କାରଖାନା ଖୋଲୁଛି । ପାଉଚ ପାଣି ପ୍ୟାକେଟ ଓ ନିମ୍ନମାନର ବୋତଲରେ କୌଣସି ଅବଧି ନ ଥିବା ବେଳେ ଆଇଏସଆଇ ମାର୍କ ମଧ ରହୁନାହିଁ । କିନ୍ତୁ ଏହାର ମାନ୍ୟତା ଯାଂଚ୍ କରାଯାଉ ନାହିଁ । ଏଣେ ଲୋକମାନଙ୍କୁ ବାରମ୍ବାର ସଚେତନ କରାଗଲେ ମଧ ସଚେତନତା ଅଭାବରୁ ଦିନକୁ ଦିନ ପାଣି କାରଖାନା ବୃଦ୍ଧି ପାଉଛି । କମ୍ପାନୀମାନେ ଏହି ପାଣିକୁ ବ୍ଲକର କୁଆଖିଆ, ହରିପୁର, ବରୁଆଁ, ବ୍ରହ୍ମବରଦା ଆଦି ଗୁରୁତ୍ୱପୂର୍ଣ୍ଣ ଅଂଚଳରେ ବଡବଡ ଦୋକାନୀମାନଙ୍କୁ ବେଧଡକ ଭାବେ ଯୋଗାଇ ଦେଇଥାଆନ୍ତି । କିଛି ମାସ ତଳେ ପାଉଚ ପାଣିରେ ଇବୋଲା ଭାଇରସକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କିଛିଦିନ ସଚେତନ ଲୋକେ ଏହାର ବ୍ୟବହାର କରିନଥିଲେ, କିନ୍ତୁ ପରବର୍ତି ପର୍ଯ୍ୟାୟରେ ପାଉଚର ବ୍ୟବହାର ଦିନକୁ ଦିନ ବଢୁଛି । ଏହା ଏକ ଲଜ୍ଜାଜନକ ବ୍ୟବସାୟ ହୋଇଥିବାରୁ କିଛି ଅସାଧୁ ଅଧିକାରୀଙ୍କୁ ବ୍ୟସାୟୀମାନେ ହାତ ବାରିସି କରି ବ୍ୟବସାୟ ବଢାଇବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ବେଆଇନ କାରଖାନା ପ୍ରତି କୌଣସି ପଦକ୍ଷେପ ନେବା ତ ଦୂର କଥା ପାଣିର ମାନ୍ୟତାକୁ ମଧ ଯାଂଚ୍ କରାଯାଉନାହିଁ । ଏହି ବ୍ୟବସାୟୀମାନେ ଖୋଲାପାଣିକୁ ପ୍ୟାକେଟ କରି ବିଭିନ୍ନ କମ୍ପାନୀର ନାମ ଦେଇ ବଜାରରେ ଅବାଧରେ ବିକ୍ରୀ ଚାଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି । ବଜାରରେ ଦୋକାନୀମାନଙ୍କୁ କମ ଦରରେ ଏହି ପାଣିକୁ ବିକି ଚାଲିଯାଇଥାଆନ୍ତି । ଲୋଭଖୋର ଦୋକାନୀମାନେ ଅଧିକ ଲାଭ ଆଶାରେ ସାଧାରଣ ଜନତାଙ୍କୁ ଠକିବାରେ ଦିନ ରାତି ଲାଗି ପଡିଛନ୍ତି । ପ୍ରଶାସନ ଏଥିପ୍ରତି ସଚେତନ ନ ଥିବା ବେଳେ ଜନସାଧାରଣ କିଭଳି ସଚେତନ ହେବେ ? ସେହିଭଳି ସ୍ୱଚ୍ଛ ଭାରତ ଅଭିଯାନରେ ଭାରତକୁ ସ୍ୱଚ୍ଛ ଏବଂ ସୁନ୍ଦର କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାଣିପାଉଚ କୁଢକୁଢ ଜମା ହୋଇଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲାପ୍ରଶାସନ ଏହାକୁ ନରୋକିବାରେ ତତ୍ପରତା ନହୁଅନ୍ତି ତେବେ ଏହି ନିମ୍ନମାନର ପାଣି ପାଉଚ ପିଇ ବିଭିନ୍ନ ରୋଗ ବ୍ୟାପିବାକୁ ଏଡାଇ ଦିଆଯାଇନପାରେ ବୋଲି ବୁଦ୍ଧିଜୀବିମାନେ କହିଛନ୍ତି ।

# କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ବଜାୟ ରଖିଲା ବିଜେଡି: ପୌର ବିଜେଡି ପକ୍ଷରୁ ନବୀନବାବୁଙ୍କୁ କୃତଜ୍ଞତା

କେନ୍ଦ୍ରାପଡ଼ା, ୮/୬ (ନି.ପ୍ର): କେନ୍ଦ୍ରାପଡ଼ା ନଗର ବିଜେଡି ତରଫରୁ ଏକ ଜରୁରୀ ବୈଠକ କାକଟ ସ୍ଥିତ ଏକ ମଣ୍ଡପରେ ବିଧାୟକ ଗଣେଶ୍ୱର ବେହେରାଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନବ ନିର୍ବାଚିତ ବିଧାୟକ ଗଣେଶ୍ୱର ବେହେରାଙ୍କୁ ନଗର ବିଜେଡି, ମହିଳା ବିଜେଡି ଓ ପୌର ପ୍ରତିନିଧି ମାନଙ୍କ ତରଫରୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ପୌରାଧକ୍ଷା ସାରିତା ସାହୁ, ନଗର ବିଜେଡି ତରଫରୁ ଯଯାତୀ କେଶରୀ ମହାନ୍ତି ଓ ମହିଳା ବିଜେଡି ଜିଲ୍ଲା ସଭାପତି ରୋସ୍ନା ସାହୁ ଓ ନଗର ମହିଳା ସଭାପତି ସ୍ୱୟଂପ୍ରଭା କର ଗଣେଶ୍ୱର ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ବୈଠକରେ ନିମ୍ନମତେ ଦୁଇଗୋଟି ପ୍ରାସ୍ତାବ ପାରିତ ହୋଇଥିଲା । କେନ୍ଦ୍ରାପଡାର ସମସ୍ତ ଭୋଟଦାତାଙ୍କ ସମର୍ଥନ ଓ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆର୍ଶିବାଦରୁ କେନ୍ଦ୍ରାପଡା ବିଧାନସଭାରେ ବିଜେଡିର ବିପୁଳ ବିଜୟ ହୋଇଥିବାରୁ କେନ୍ଦ୍ରାପଡାବାସୀ ତଥା ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଥିଲା । ବୈଠକରେ ନବୀନ ବାବୁଙ୍କ ନେତୃତ୍ୱ ପ୍ରତି ପୂର୍ଣ୍ଣ ଆସ୍ଥା ପ୍ରକଟ କରିବା ସହ ଆଗାମୀ ଦିନରେ ଗଠନ ମୂଳକ ବିରୋଧି ଦଳର ଭୂମିକା ନିର୍ବାହ କରି ପୁନର୍ବାର କେନ୍ଦ୍ରାପଡା କଥା ଓଡିଶା ବାସୀଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି ଦୃଢ ବିଶ୍ୱାସ ରଖୁଛି ଓ ଦ୍ୱିତୀୟରେ କେନ୍ଦ୍ରାପଡା ପୌରା ଳରେ ନବ ନିର୍ବାଚିତ ବିଧାୟକ ବିଜେଡି ନେତା, ପୌର ପ୍ରତିନିଧି ଓ କର୍ମୀମାନଙ୍କ ସହ ଆସନ୍ତା ୯ତାରିଖ(ରବିବାର) ପଦଯାତ୍ରା କରି ଭୋଟ ଦାତାଙ୍କୁ ଧନ୍ୟବାଦ ଜଣାଇବା ପାଇଁ ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ରଞ୍ଜିତ ସାହୁ, ଗୋପିନାଥ ବାରିକ, ସେକ ଚନ୍ଦନ, ହିରଣ୍ୟ ପଣ୍ଡା, ଦୁର୍ଗାପ୍ରସାଦ ପତି, ଆଦିତ୍ୟ ପତି, ଜୟନ୍ତି ପାଣି, ଜୌର୍ତିମୟୀ ମହାପାତ୍ର, ଉମେଶ ନାୟକ, ସୃତିପ୍ରଜ୍ଞା ଶତପଥି, ଦେବେନ୍ଦ୍ର ରାଉତ, ପ୍ରଦୀପ କୁମାର ଜେନା, ଚୌଧୁରୀ ସୁକୁମାର ଦାସ, ପ୍ରଦୀପ ନାୟକ, ରମେଶ ଚନ୍ଦ୍ର ଦାସ, ନିରାକାର ସ୍ୱାଇଁ, ଅକ୍ଷୟ ମେକାପ, କମଳାକାନ୍ତ ବେହେରା, ଜନ ମେକାପ, ସମ୍ମିତ ଶ୍ରୀଚନ୍ଦନ, କାଳୀ ପ୍ରସାଦ ପଣ୍ଡା, ଅଜୟ ଶତପଥି, ଜୟନ୍ତ ଶତପଥୀ, ମିର ମୁରସିଦ, ସୌମେନ୍ଦ୍ର ପୃଷ୍ଟି, ସୁନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ‘ମୋ ବସ’କୁ ପଛରୁ ....

ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ ଟ୍ରକ୍ ଡ୍ରାଇଭର। ମୋ ବସ୍‌ରେ ଥିବା ଜଣେ ଯାତ୍ରୀ କହିଛନ୍ତି, ବସ୍‌ଟି ଦ୍ରୁତ ଗତିରେ ଯାଉନଥିଲା। ଏହା ନର୍ମାଲ ସ୍ପୀଡ୍‌ରେ ଯାଉଥିବା ବେଳେ ଟ୍ରକ୍‌ଟି ଏହାକୁ ଧକ୍କା ଦେଇ ପାଖାପାଖି ୨୦ ମିଟର ଠେଲି ନେଇଥିଲା। ଟ୍ରକ୍‌ଟି ବସ୍‌କୁ ପଛରୁ ଧକ୍କା ଦେଇଥିଲା। ତେଣୁ ବସ୍ ପଛରେ ବସିଥିବା ଯାତ୍ରୀମାନେ ଅଧିକ ଆହତ ହୋଇଛନ୍ତି। ବସ୍‌ରେ ପ୍ରାୟ ୫୦/୬୦ ଯାତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ୧୦/୧୫ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମୁଣ୍ଡ ଓ ଗୋଡ଼ ଆଦିରେ ଗଭୀର ଆଘାତ ଲାଗିଛି। ଆଉ ପ୍ରାୟ ୫ ଜଣ ସାମାନ୍ୟ ଆହତ ହୋଇଛନ୍ତି।

### ପୁଣି ଲାଗିଲା ଫୋକସ ...

ପ୍ରତିକ୍ରିୟା ମିଳିପାରିନାହିଁ। ଶ୍ରୀମନ୍ଦିର ପରିସରରେ ଆଲୋକୀକରଣ ବ୍ୟବସ୍ଥା ହଠାତ୍ ବନ୍ଦ ପରେ ରାଜ୍ୟବ୍ୟାପୀ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଦେଖାଦେଇଥିଲା ଅସନ୍ତୋଷ। ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ଶାସନ ସଚିବ। ସ୍ଥାୟୀ ସମାଧାନ ଓ ପୁନଃ ଆଲୋକୀକରଣ ବ୍ୟବସ୍ଥା ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ଚାରି ପାଖ ଲାଇଟ୍ ଖୋଲାଯିବା ପଛରେ ରହିଛି ଷଡ଼ଯନ୍ତ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଲାଇଟ୍ କାଢ଼ି ନେଇ ଅନ୍ଧାର କରାଯିବା ଚିନ୍ତାଜନକ ବିଷୟ ବୋଲି କହିଛି ବିଜେପି। ଯେଉଁ ଅଧିକାରୀ ମାନେ ଦାୟିତ୍ୱରେ ଅଛନ୍ତି, ଯେଉଁମାନେ କାମଚଳା ସରକାରରେ ଅଛନ୍ତି, ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେପି ଦାବି କରିଛି। ତା’ସହ ପ୍ରଶ୍ନ ଉଠାଇ ବିଜେପି କହିଛି, ଲାଇଟ୍ ଲଗାଇବା ପାଇଁ ଏଭଳି ସଂସ୍ଥାକୁ କେମିତି ଦିଆଯାଇଛି ଦାୟିତ୍ୱ ? ବିଜେପି ସରକାର ଶପଥ ନେବା ପରେ ଯେଉଁମାନେ ଏଥିରେ ସଂପୃକ୍ତ ଥିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକା ସଂସ୍ଥା ଯଦି ଲଗାଇଥିଲା, ସେ ମନ ଇଚ୍ଛା ଲଗାଇ ନଥିବ। ସରକାରଙ୍କ ଅନୁମତି ଅନୁଯାୟୀ କରିଥିବ। ତେଣୁ ଆଉ ଗୋଟେ ସରକାର ନ ଆସୁଣୁ କାହାର ଅନୁମତି ନନେଇ ଏପରି କାର୍ଯ୍ୟ କରାଯାଇଛି, ଏହା ନିନ୍ଦନୀୟ ଏବଂ ଯେଉଁମାନେ ଏଥିରେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଥିବା ବିଜେପି କହିଛି।

### ପାର୍ଲାମେଣ୍ଟାରି ବୋର୍ଡରେ...

ବିଧାନସଭାକୁ ଆସୁଛନ୍ତି। ତେଣୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚୟନର ଆଧାର କ’ଣ ରହିବ, ତାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ମନ୍ତ୍ରୀ ହେବାର ଆଧାର ରହିଛି- ନିର୍ମଳ ଭାବମୂର୍ତ୍ତି, ଅପରାଧିକ ପୃଷ୍ଠଭୂମି ନଥିବ, ପ୍ରଶାସନିକ ଦକ୍ଷତା ଓ ଲୋକସଂପର୍କ। ତେବେ କେଉଁମାନଙ୍କ ନାଁକୁ ନେଇ ଚର୍ଚ୍ଚା ଚାଲିଛି ? ଅଭିଜ୍ଞତା ସଂପନ୍ନ ବିଧାୟକ ଭାବେ ହେଭିଓ୍ୱେଟ୍ ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ଜୟ ନାରାୟଣ ମିଶ୍ର, ମୋହନ ମାଝୀ, ରବି ନାଏକ ଓ ସୂରମା ପାଢ଼ୀ ଥିବା ବେଳେ ନୂଆ ମୁହଁ ଭାବେ ଚର୍ଚ୍ଚାରେ ଥିବା ନାଁଗୁଡ଼ିକ ହେଉଛି- ପୃଥ୍ୱୀରାଜ ହରିଚନ୍ଦନ, ସୂର୍ଯ୍ୟବଂଶୀ ସୂରଜ, ଲକ୍ଷ୍ମଣ ବାଗ, ସମ୍ପଦ ସ୍ୱାଇଁ, ସନାତନ ବିଜୁଳି, ଅମର ନାୟକ, ବିଭୂତି ଜେନା, ସିଦ୍ଧାନ୍ତ ମହାପାତ୍ର, ଡାକ୍ତର ମୁକେଶ ମହାଲିଙ୍ଗ, ଅଶ୍ୱିନୀ ଷଡ଼ଙ୍ଗୀ, ଆଶ୍ରିତ ପଟ୍ଟନାୟକ, ବାବୁ ସିଂହ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଭବାନୀ ଶଙ୍କର ଭୋଇ, ନିତ୍ୟାନନ୍ଦ ଗଣ୍ଡ, ଡାକ୍ତର ଫକୀର ମୋହନ ନାୟକ ଓ ପ୍ରଭାତୀ ପରିଡ଼ା। ଅନ୍ୟପଟେ ୧୦ ତାରିଖ ଶପଥଗ୍ରହଣ ଉତ୍ସବ ପାଇଁ ଜନତା ମୈଦାନରେ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଏ ଯାଏଁ ସ୍ପଷ୍ଟ ହୋଇନି ମୁଖ୍ୟମନ୍ତ୍ରୀଙ୍କ ନାଁ। ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ନାଁକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ, ଅପେକ୍ଷା ବିଧାୟକ ଦଳ ବୈଠକକୁ। କେନ୍ଦ୍ର ପର୍ଯ୍ୟବେକ୍ଷକ ନିଯୁକ୍ତି କରିବା ପରେ ୧୦ ତାରିଖ ସକାଳେ ବସିବ ବିଧାୟକ ଦଳ ବୈଠକ। ସଂସଦୀୟ ବୋର୍ଡ ବୈଠକର ସୁପାରିଶ ସହ ବିଧାୟକ ଦଳ ବୈଠକରେ ସର୍ବସମ୍ମତି କ୍ରମେ ସ୍ଥିର ହେବ ମୁଖ୍ୟମନ୍ତ୍ରୀଙ୍କ ନାଁ। ଆଜି ଦିଲ୍ଲୀରୁ ଫେରିବା ପରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଆସନ୍ତା ୧୦ ତାରିଖ ସନ୍ଧ୍ୟାରେ ଜନତା ମୈଦାନରେ ଦେଖିବାକୁ ମିଳିବ ଓଡ଼ିଆ ଅସ୍ମିତାର ପ୍ରତିଫଳନ। ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଦଳର ସଂସଦୀୟ କମିଟି ନିଷ୍ପତ୍ତି ନେବ। ଏଯାଏଁ ସେନେଇ ନିଷ୍ପତ୍ତି ହୋଇନି । ଆଉ ଦୁଇ ଦିନ ଧୈର୍ଯ୍ୟ ରଖନ୍ତୁ। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅଧିକାଂଶ ରାଜ୍ୟର ମୁଖ୍ୟମନ୍ତ୍ରୀ, ନୂଆ କ୍ୟାବିନେଟ୍ ମନ୍ତ୍ରୀ ଏବଂ ଦଳର ଶୀର୍ଷ ନେତୃବୃନ୍ଦ ଯୋଗ ଦେବେ। ଏଥିସହ ସେ ଆଦୌ ମୁଖ୍ୟମନ୍ତ୍ରୀ ରେସରେ ନାହାନ୍ତି ବୋଲି କହିଛନ୍ତି ମନମୋହନ। ଅନ୍ୟପକ୍ଷରେ ଶପଥ ଗ୍ରହଣ ଉତ୍ସବ ହେବାକୁ ଥିବା ଜନତା ମୈଦାନରେ ଆଜି ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ ପହଞ୍ଚି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି। ଉତ୍ସବକୁ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପାଖାପାଖି ୩୫ ହଜାର ଲୋକ ସାମିଲ ହେବାର କାର୍ଯ୍ୟକ୍ରମ ଥିବାରୁ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ ଚାଲିଛି।

### ବରିଷ୍ଠ ନେତାମାନଙ୍କ ସମ୍ମତିରେ...

ସୁଯୋଗ ଦେଇଥିବାରୁ ମୁଁ ସେମାନଙ୍କୁ କୃତଜ୍ଞତା ଜଣାଉଛି। ପିଟିଆଇକୁ ସାକ୍ଷାତକାର ଦେଇ ସେ କହିଛନ୍ତି ଲୋକଙ୍କ ସେବା କରିବାକୁ ମୋତେ ସୁଯୋଗ ଦେଇଥିବାରୁ ଓଡ଼ିଶାବାସୀ ନିକଟରେ ମୁଁ ଗଭୀର କୃତଜ୍ଞ। ଆମ ସରକାରଙ୍କ ଉପଲବ୍ଧି ନେଇ ମୁଁ ଗର୍ବିତ । ଗଣତନ୍ତ୍ରରେ ବିଜୟ କିମ୍ବା ପରାଜୟ ହୋଇଥାଏ। ଓଡ଼ିଶାର ସାଢେ ୪ କୋଟି ଜନତା ମୋ ପରିବାର ଓ ମୁଁ ସେମାନଙ୍କ ସେବା ଜାରି ରଖିବି । ଆମେ ପରାଜୟକୁ ସାଦର ସହ ଗ୍ରହଣ କରୁଛୁ।

### କୁଟେଙ୍କ ନିଲମ୍ବନ ହଟିଲା...

ତେବେ ମୁଖ୍ୟ ସଚିବ ଆଇନ ଅନୁସାରେ ଶ୍ରୀ ସିଂଙ୍କ ବିରୋଧରେ କ’ଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଦେଖିବା ବାକି ରହିଛି। ସେହିପରି ନିର୍ବାଚନରେ ଅନାଧିକୃତ ହସ୍ତକ୍ଷେପ ଓ ବିଜେଡି ସପକ୍ଷରେ କାର୍ଯ୍ୟ କରିବା ପାଇଁ ମେ’ ୨୮ ତାରିଖରେ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବା ଆଇପିଏସ ଡିଏସ୍ କୁଟେଙ୍କ ନିଲମ୍ବନକୁ ହଟାଇ ଦିଆଯାଇଛି। ତେବେ ତାଙ୍କ ବିରୋଧରେ ନିର୍ବାଚନ କମିଶନ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ସର୍ତ୍ତ ରଖିଛନ୍ତି। କୁଟେଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳା ଗତ କର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଯଦି ଆରମ୍ଭ ହୋଇଥାଏ, ତାହା କେବଳ ନିର୍ବାଚନ ଆୟୋଗଙ୍କ ଅନୁମୋଦନରେ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ମୁଖ୍ୟସଚିବଙ୍କ ନିକଟରେ ରିପୋର୍ଟ କରିବାକୁ କୁଟେଙ୍କୁ କୁହାଯାଇଛି। ମୁଖ୍ୟସଚିବ ତାଙ୍କୁ ଯେଉଁଠି ଉଚିତ ମଣିବେ ନିଯୁକ୍ତି ଦେଇ ପାରିବେ।

### ଓଡ଼ିଶା ଛୁଇଁଲା ଦକ୍ଷିଣ...

ଆନନ୍ଦର ସହ ରଜ ପର୍ବ ପାଳନ କରିବେ ବୋଲି ପୂର୍ବାନୁମାନ ହେଉଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶା ପାଇଁ ମୌସୁମୀ ଖୁବ୍ ଗୁରୁତ୍ୱପୂର୍ଣ। ଜୁନ୍ ଓ ଜୁଲାଇକୁ ମୌସୁମୀ ମାସ ରୂପେ ବିବେଚନା କରାଯାଏ । କାରଣ ଖରିଫ ଚାଷ ପାଇଁ ଏହି ମାସରେ ବିହନ ବୁଣାଯାଏ। ତେଣୁ ଚାଷୀମାନେ ବି ଆଶ୍ୱସ୍ତ ହୋଇଛନ୍ତି।

### ବ୍ରାହ୍ମଣୀରେ ବୁଡ଼ି ...

ଯାକ ବୁଡ଼ି ଯାଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିବାରେ ସଫଳ ହୋଇଥିଲେ। କିନ୍ତୁ ଆଉ ୨ ଜଣ ବୁଡ଼ି ଯାଇଥିଲେ ଓ ସେମାନଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା। ଉଦ୍ଧାର କରାଯାଇଥିବା ୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ସୁରକ୍ଷିତ ଅଛନ୍ତି। କିନ୍ତୁ ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ୧୨ରେ ଶପଥ ନେବେ...

୧୯୯୫ ମସିହାରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାପରେ ସେ ୨୦୦୪ ମସିହା ପର୍ଯ୍ୟନ୍ତ ୯ ବର୍ଷ କାଳ ଏହି ପଦରେ ରହିଥିଲେ। ଏହାପରେ ଉକ୍ତ ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ହାରି ଯାଇଥିଲେ ଓ ୱାଇ ଏସ୍ ରାଜଶେଖର ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ପଦରେ ବସିଥିଲେ। ଏହାର ପ୍ରାୟ ଦଶ ବର୍ଷ ପରେ ଆନ୍ଧ୍ରପ୍ରଦେଶ ଆନ୍ଧ୍ର ଓ ତେଲେଙ୍ଗାନା ରୂପେ ୨ଟି ରାଜ୍ୟରେ ବିଭାଜିତ ହୋଇ ଯାଇଥିଲା। ଏହାପରେ ୨୦୧୪ ମସିହାରେ ନବଗଠିତ ଆନ୍ଧ୍ରର ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ ଚନ୍ଦ୍ରବାବୁ ନାଇଡୁ। ମାତ୍ର ୨୦୧୯ ମସିହାରେ ସେ ପୁଣି ନିର୍ବାଚନ ହାରି ଯାଇଥିଲେ। ଉକ୍ତ ବର୍ଷ ଶଝଜଉଚ ପ୍ରମୁଖ ଜଗନ ମୋହନ ରେଡ୍ଡି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏବେ ୫ ବର୍ଷ ପରେ ପୁଣି ଥରେ ଚନ୍ଦ୍ରବାବୁ ନାଇଡୁ ତୃତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଞଡଉଚ ୧୩୫ ଆସନ ହାସଲ କରିଥିବା ବେଳେ ଜନସେନା ୨୧, ବିଜେପି ୮ ସିଟ୍ ଜିତି ପାରିଛନ୍ତି। ଏହାବାଦ ଣଝଜଉଚ ମାତ୍ର ୧୧ ସିଟ୍ ହାତେଇବାକୁ ସକ୍ଷମ ହୋଇଥିବା ବେଳେ କଂଗ୍ରେସ ଏହି ବିଧାନସଭା ନିର୍ବାଚନରେ ଖାତା ଖୋଲି ପାରିନି। ଶପଥ ନେବା ପୂର୍ବରୁ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ବହୁ କ୍ଷତି ସହିଛି। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଥିବା ବେଳେ ଅର୍ଥ ବ୍ୟବସ୍ଥା ଧ୍ୱସଂ ହୋଇ ଯାଇଛି। ରାଜନୀତିରେ କେହି କେବେ ସ୍ଥାୟୀ ନୁହନ୍ତି । ଏବେ ଏବେ ଏହାକୁ ସଠିକ୍ ଟ୍ରାକ୍‌କୁ ଆଣିବା ତାଙ୍କ କାମ । ଆମେ ମିଳିତ ଭାବେ କାମ କରି ରାଜ୍ୟରୁ ଏକ ନମ୍ବରରେ ପରିଣତ କରିବୁ ।

# କେନାଲରେ ଖସିପଡି ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା, ୮/୬ (ନି.ପ୍ର): କେନାଲରେ ଖସିପଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସର ସୂଚନା ମୁତାବକ, ବାଣପୁର ଥାନା ପ୍ରତାପ ଗ୍ରାମ ହରିଜନ ସାହିର ମନିଆ ନାୟକ (୭୫) ସବୁଦିନ ପରି ଆଜି ସକାଳୁ ନିକଟସ୍ଥ ଶାଳିଆ କେନାଲରେ ଶୌଚ ପାଇଁ ଯାଇଥିଲେ। ହେଲେ ଶୌଚ ହେବା ସମୟରେ ଅସାବଧାନତାବଶତଃ କେନାଲ ମଧ୍ୟକୁ ଖସିପଡ଼ିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ମୃତ ମନିଆଙ୍କ ଶବକୁ କେନାଲ ମଧ୍ୟରୁ ଉଦ୍ଧାର କରି ବାଣପୁର ମେଡିକାଲକୁ ବ୍ୟବଛେଦ ପାଇଁ ପଠାଇଦେଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଏଏମଏନଏସ ଇଣ୍ଡିଆ ପକ୍ଷରୁ ଆର୍ଟ ଅଫ ଲିଭିଙ୍ଗ ଯୋଗ କର୍ମଶାଳା

ପାରାଦ୍ୱୀପ, ୭/୬ : ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମଏନଏସ ଇଣ୍ଡିଆ) ପାରାଦ୍ୱୀପ ଶାଖା ପକ୍ଷରୁ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଆର୍ଟ ଅଫ ଲିଭିଙ୍ଗର ଏକ ଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟ ଗ୍ରୀଷ୍ମ ଶିବିର ରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ 'ଉତ୍କର୍ଷ ଯୋଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ପାନୀ ବରିଷ୍ଠ ଅଧିକାରୀ ସୁନୀଲ ଦାସ, ଲେଡିଜ କ୍ଲବର ସଭାନେତ୍ରୀ ଶ୍ରୀଦେବୀ ସୁରେଶା ଓ ଉପସଭାନେତ୍ରୀ ପ୍ରଣତି ୟୁଏସଆର ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଏଏମଏନଏସ ପାରାଦ୍ୱୀପ ଶାଖାର ଏଚଆର ଶ୍ରୀମତୀ ସୁପ୍ରିୟା ସ୍ୱାଇଁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭିଭିକେଆର ବେଙ୍ଗାଲୁରୁ ସିଏସଆର ସଂଯୋଜକ ଦେବଜ୍ୟୋତି, ଟିଏଓଏଲ.ର ବରିଷ୍ଠ ପ୍ରଶିକ୍ଷକ ଦିଲୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆର୍ଟ ଅଫ ଲିଭିଙ୍ଗର ସୁନାମଧନ୍ୟ ଯୋଗ ପ୍ରଶିକ୍ଷକ ତାପସ ରଞ୍ଜନ ପତି ସଫଳତାର ସହ ପରିଚାଳନା କରିଥିଲେ । ଏହି କର୍ମଶାଳା ମେ ୨୮ରୁ ଆରମ୍ଭ ହୋଇ ଜୁନ ମାସ ୧ ତାରିଖରେ ଉଦଯାପିତ ହୋଇଥିଲା । ଉଦଯାପନୀ ଦିବସରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି.ସୁରେଶା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରି ଛାତ୍ରଛାତ୍ରୀ, ଅଭିଭାବକ ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଯୋଗ ଅଭ୍ୟାସର ଉପକାରିତା ଉପରେ ଆଲୋକପାତ କରିଥିଲେ ।



# ନବ ନିର୍ବାଚିତ ବସ୍ତାର ପ୍ରଥମ ମହିଳା ବିଧାୟିକା ସୁବାସିନୀ ଜେନାଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର, ୮/୬ (ନି.ପ୍ର): ନବ ନିର୍ବାଚିତ ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରଥମ ମହିଳା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କୁ ବସ୍ତା ଏବଂ ବାଲିଆପାଳ ବ୍ଲକରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଧାୟିକା ସୁବାସିନୀ ଜେନା ଭୁବନେଶ୍ୱରରୁ ଶୁକ୍ରବାର ଅପରାହ୍ନରେ ବସ୍ତାରେ ପ୍ରଥମେ ପହଞ୍ଚିବା ପରେ ସଭାପତି ଅନୀଲ ମହାନ୍ତିଙ୍କ ବାସଭବନରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ପର୍ବରେ ବସ୍ତା ବ୍ଲକର ସମସ୍ତ ପଞ୍ଚାୟତରୁ ଦଳୀୟ ନେତୃବୃନ୍ଦ ଯୋଗଦେଇ ବିଧାୟିକା ଶ୍ରୀମତୀ ସୁବାସିନୀ ଜେନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ଏହାପରେ ବାଲିଆପାଳରେ ପହଞ୍ଚିବା ପରେ ଆଦିବାସୀଙ୍କ ନୃତ୍ୟର ତାଳେ ତାଳେ ବାଜା ବଜାଇ ବାଣଫୁଟାଇ ନବ ନିର୍ବାଚିତ ବିଧାୟିକା ଶ୍ରୀମତୀ ଜେନାଙ୍କୁ ହଜାର ହଜାର ସମର୍ଥକ ତାଙ୍କ ଲଙ୍ଗଳେଶ୍ୱରସ୍ଥିତ ବାସଭବନକୁ ପାଛୋଟି ନେଇଥିଲେ । ବାଲିଆପାଳ ବ୍ଲକରୁ ସମସ୍ତ ପଞ୍ଚାୟତର ନେତୃବୃନ୍ଦ ଏହି ବିଜୟ ଯାତ୍ରାରେ ସାମିଲ ହୋଇଥିଲେ । ବିଜେଡିର ନେତୃବୃନ୍ଦଙ୍କ ସହ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟିକା ସୁବାସିନୀ ଜେନାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବାଲିଆପାଳବାସୀ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ସଭିଏଁ ଏକାଠି ହୋଇ, ସମୃଦ୍ଧ ଓ ବିକଶିତ ବସ୍ତା ନିର୍ବାଚନ ମଣ୍ଡଳୀ ଗଠନ ଦିଗରେ ମିଳିମିଶି କାମ କରିବାକୁ ନବନିର୍ବାଚିତ ବସ୍ତାର ପ୍ରଥମ ମହିଳା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ସମସ୍ତଙ୍କୁ ଆହ୍ୱାନ କରିଥିଲେ ।



## ସଡକ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୮/୬ (ନି.ପ୍ର): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ଥାନା ଅଧିନସ୍ଥ ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଚନ୍ଦିନିମାଲ ରାସ୍ତାରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟାୟାର ବୋଝେଇ ପିକଅପ ଭ୍ୟାନ ସହ ବାଇକର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ଆଜି ସକାଳେ ଚନ୍ଦିନିମାଲ ରାସ୍ତାରେ ଏକ ଟାୟାର ବୋଝେଇ ପିକଅପ୍ ଭ୍ୟାନ ଯାଉଥିବା ବେଳେ ବୀପରିତ ଦିଗରୁ ଆସୁଥିବା ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକରେ ଥିବା ଭଣଜା ଓ ମାଇଁ ଛିଟିକି ତଳେ ପଡ଼ି ଯାଇଥିଲେ। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଭଦ୍ରକ, ୮/୬ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଆନୁକୂଲ୍ୟରେ ଭଦ୍ରକ ବ୍ଲକର ଆମ୍ଭୋଳି ପଞ୍ଚାୟତର ମକରେଶ୍ୱର ନୋଡ଼ାଲ ସ୍କୁଲ ପରିସରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଜଜ୍ କୋର୍ଟର ବିଚ୍ଛରପତି ବୃନ୍ଦ ଯୋଗଦେଇ ବୃକ୍ଷରୋପଣ କରି ପରିବେଶକୁ ସବୁଜମୟ କରିବା ପାଇଁ ବାର୍ତ୍ତା ଦେଇଥିଲେ। ନେହା ଅଗ୍ରୱାଲ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଭଦ୍ରକ ଏହି କାର୍ଯ୍ୟକ୍ରମକୁ ପରିଚ୍ଛଳନା କରିବା ସଂଗେ ସଂଗେ ସମସ୍ତେ ବୃକ୍ଷଟିଏ ଲଗାଇ ତା'ର ଯତ୍ନ ନେବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ଅଧିକାରୀ, ପୋଲିସ୍ ବିଭାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ପ୍ୟାନେଲ ଓକିଲ ଗଣ, ଏଲ୍.ଏ.ଡ଼ି.ଏସ୍ ବିଭାଗର ଓକିଲ ବୃନ୍ଦ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚ୍ଛରୀଗଣ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଦୃଷ୍ଟି ଆଢୁଆଳରେ ବାଲିଆପାଳର ଚୌମୁଖ ବେଳାଭୂମି



ଲଙ୍ଗଳେଶ୍ୱର , ୮/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ମନୋରମ ଚଉମୁଖ ସମୁଦ୍ର ବେଳାଭୂମି ରହିଛି। ଏହା ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ଥିବାରୁ ଏହାର ନୈସ୍ୱର୍ଗୀୟ ଶୋଭା ସମ୍ପଦ ପ୍ରତି ସରକାର ଉଦାସୀନ। ସରକାର ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଅନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି। ପଶ୍ଚିମରେ ହଂସ କରା ନଦୀ ମୁହାଣ ଠାରୁ ପୂର୍ବରେ ସୁବର୍ଣ୍ଣ ରେଖା ନଦୀ ମୁହାଣ ତଥା ପିପିଲି ମୁହାଣ ପର୍ଯ୍ୟନ୍ତ ଥିବା ଏହି ବେଳାଭୂମି ସ୍ୱ ବୃହତ୍ ବେଳାଭୂମି ରୂପେ ପରି ଗଣିତ।୧୦ କିଲୋ ମିଟର ବ୍ୟାପିଥିବା ଏହି ବେଳାଭୂମିର ସମୁଦ୍ରର ଜୁଆର ପାଣି ଛାଡି ଥିବା ସ୍ଥାନ ଠାରୁ କୂଳ ପର୍ଯ୍ୟନ୍ତ ଦୂରତା ପ୍ରାୟେ ୫ କିଲୋ ମିଟର। ତାହାଛଡ଼ା ବେଳାଭୂମିର ପୂର୍ବରେ ଥିବା ପିପିଲି ବନ୍ଦର ଏଠାକାର ଐତିହାସିକ ସଭ୍ୟତାର ନିଦର୍ଶନ ବହନ କରେ। ନଦୀ ମୁହାଣ ରକ୍ଷଣା ବେକ୍ଷଣ ଅଭାବରୁ କ୍ରମଶଃ ପୋତି ହୋଇ ପଡିଥିବା ବେଳେ ହେନ୍ତାଳ ବଣ ନଷ୍ଟ ହେବାକୁ ବସିଛି। ବେଳାଭୂମିର ପଶ୍ଚିମ ଦିଗରେ ଥିବା ହଂସକରା ମୁହାଣକୁ ଲାଗି ଏକ ବିରାଟ କାୟ ବାଲୁକାସ୍ତୁପ ରହିଛି । ଯାହାକି ଏକ ପର୍ବତ ଭଳି ଦେଖାଯାଏ। ସମୁଦ୍ର ଓ ନଦୀ ଏଠାରେ ଏକ ତ୍ରିକୋଣ ଭୂମୀ ସୃଷ୍ଟି କରି ଏହି ସ୍ଥାନକୁ ମନୋରମ କରି ଗଢି ତୋଳିଛି। ଖାଲି ସେତିକି ନୁହେଁ ଏହି ମୁହାଣକୁ ଲାଗିକରି ଥିବା ଚାନ୍ଦ ମଣି ଘାଟ ଅନ୍ୟ ଏକ ପୁରାଣ ପ୍ରସିଦ୍ଧ ସ୍ଥାନ।ଏହି ବେଳାଭୂମି ବାଲିଆପାଳ ବ୍ଲକ ଛକ ଠାରୁ ମାତ୍ର ୧୫ କିଲୋ ମିଟର ଦୂରରେ ଥିଲେ ମଧ୍ୟ ସରକାରଙ୍କ ଦୃଷ୍ଟି ପଡୁନାହିଁ। ସରକାର ଏହି ମୁହାଣର ପୂର୍ବ ଐତିହ୍ୟ ଫେରାଇ ଆଣିବା ପାଇଁ ଏକ ବୃହତ୍ ବନ୍ଦର ନିର୍ମାଣ ପ୍ରକଳ୍ପ ପ୍ରସ୍ତାବ ରଖିଛନ୍ତି। ଟାଟା ଷ୍ଟିଲ ଓ କ୍ରିଏଟିଭ ପୋର୍ଟ ଲିମିଟେଡ଼ ପକ୍ଷରୁ ମିଳିତ ଭାବେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ କାର୍ଯ୍ୟ ଧିମେଇ ଯାଇଛି। ଏହା ସଫଳ ହେଲେ ଏହାର ଆନୁ ସଙ୍ଗିକ୍ ବିକାଶ ହେବ ବୋଲି ଆକଳନ କରାଯାଇଛି। ଅନ୍ୟ ପକ୍ଷରେ ସମୁଦ୍ର କୂଳ ହେନ୍ତାଳ ବଣ ନଷ୍ଟ ଓ ଅଲିଭ ରିଡ଼ଲେ କଇଁଛଙ୍କ କ୍ରମାଗତ ଅଣ୍ଡାଦାନକୁ ବନ୍ଦ କରାଗଲେ ପ୍ରକୃତି ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଶଂକା କରାଯାଇଛି। ଚଉମୁଖ ସମୁଦ୍ର ଘାଟରେ ବାରୁଣୀ ଯାତ୍ରା ଓ ମେଳା ଖୁବ୍ ପ୍ରସିଦ୍ଧ। ଗତ କେତେ ବର୍ଷ ହେବ ଚଉମୁଖ ପଞ୍ଚାୟତ ପକ୍ଷରୁ ମନୋରମ ଉଦ୍ୟାନ, ଉଜ୍ଜଳ ଆଲୋକ, ଝାଉଁ ଜଙ୍ଗଲର ନବୀକରଣ, ରାସ୍ତା ନିର୍ମାଣ ତଥା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଅଧିକ ଉନ୍ନୟନ କାର୍ଯ୍ୟ ହୋଇ ପାରିଲେ ଏହାର ବିକାଶ ଆଗକୁ ଯାଇ ପାରନ୍ତା। ତେବେ ବନ୍ଦର ନିର୍ମାଣ ପ୍ରକଳ୍ପ ଓ ପ୍ରକଳ୍ପକୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଧିମେଇ ଯାଇଛି। ସରକାର ଏବାବଦରେ ପଦକ୍ଷେପ ନେଲେ ଦେଶ ବିଦେଶର ପର୍ଯ୍ୟଟକ ଏଠାକୁ ଆସନ୍ତେ ବୋଲି ମତ ପ୍ରକାଶ ପାଇଛି।

# ପଞ୍ଚମ ବାରିପଦା ସପିଙ୍ଗ ଫେଷ୍ଟିଭାଲ ଉଦ୍‌ଘାଟିତ




ବାରିପଦା , ୮/୬ (ନି.ପ୍ର): ସ୍ଥାନୀୟ ଛଉପଡିଆ ଠାରେ ପଞ୍ଚମ ବାର୍ଷିକ ବାରିପଦା ସପିଙ୍ଗ ଫେଷ୍ଟିଭାଲ ଉଦଘାଟିତ ହୋଇଯାଇଛି ଓ ଏହି ମେଳା ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ଆୟୋଜକ ସଞ୍ଜୟ ସାହୁ ଜଣାଇଛନ୍ତି ଓ ୧୯୮୫ ମ୍ୟାଟ୍ରିକ ବ୍ୟାଚର ବନ୍ଧୁଙ୍କ ସହଯୋଗରେ ଏହି ମେଳା ୫ମ ବର୍ଷରେ ପଦାର୍ପଣ କରିଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ପ୍ରକାଶ କରିଛନ୍ତି । ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ହସ୍ତତନ୍ତ, କୁଟୀର ଶିଳ୍ପ ଓ ଫାଷ୍ଟଫୁଡର ଷ୍ଟୋଲ ଲାଗିଛି ଓ ତତସହିତ କୁନିକୁନି ପିଲାଙ୍କ ପାଇଁ ଦୋଳି ଝୁଲା ମଧ୍ୟ ବେଶ ଆକର୍ଷଣୀୟ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସଭାପତି ବିଭୁଦତ୍ତ ଦାସ, ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ବିଜେପି ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ଙ୍କ ସମେତ ଓ୍ୱାର୍ଡ କାଉନସିଲର ସୁକେଶିନୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ଓ ୧୯୮୫ ବ୍ୟାଚ ତରଫରୁ ସାମ୍ବାଦିକ ଅକ୍ଷୟ କୁମାର ଅଗ୍ରଓ୍ୱାଲ ଯୋଗ ଦେଇ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସୋମନାଥ ସିଂହ ଓ ଗୌତମ ଦାସ ମଞ୍ଚ ପରିଚାଳନା ପରିଚାଳନା କରିଥିଲେ ଓ ଏହି ଅବସରରେ ସେହି ବ୍ୟାଚର ନିକଟରେ ଇହଧାମ ତ୍ୟାଗ କରିଥିବା ହେମନ୍ତ ଦାଶ ଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ଶିମିଳିପାଳରୁ ଶିକାର ବନ୍ଦ ପାଇଁ ଦାବି: ପାନୀୟ ଜଳ ଯେଉଁଠି, ଶିକାରି ଛକିଛି ସେଇଠି

ଉଦଳା , ୮/୬ (ନି.ପ୍ର): ଯେ ହେଉଛି ମୟୂରଭଂଜରେ ଥିବା ଶିମିଳିପାଳ ଅଭୟାରଣ୍ୟ ଭିତରର ଦୃଶ୍ୟ । ଗ୍ରୀଷ୍ମରୁତୁରେ ଜୀବଯନ୍ତୁ ମାନଙ୍କ ପାଇଁ ଜଙ୍ଗଲ ବିଭାଗ ତରଫରୁ ଏହି ଭଳି ବିଭିନ୍ନ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଶିକାରୀ ମାନେ ଏହିସବୁ ସ୍ଥାନ ମାନଙ୍କରେ ଛକି ରହିବା ସହିତ ରିତିମତ ଶିକାର ଚଳାଉଥିବାର କଥା ଏବେ ସାଧାରଣରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଯାଇଛି । ଶିକାର ବନ୍ଦ କରିବା ପାଇଁ କୋଠର ପଦକ୍ଷେପ ନନେଲେ ଖୁବ୍ ଅଳ୍ପଦିନ ମଧ୍ୟରେ ଶିମିଳିପାଳ ଜୀବଯନ୍ତୁ ଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ । ଶିମିଳିପାଳର ଶିକାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅନେକ ଗୁଡ଼ିଏ ସ୍ୱେଛାସେବି ସଂଗଠନ ଦାବି ଜଣାଇଛନ୍ତି ।

# ଉଦଳାରେ ନିର୍ବାଚନ ପରର ଦୃଶ୍ୟ: ବଢୁଛି ନଗରପାଳ ପ୍ରମିଳା ପଣ୍ଡାଙ୍କ ଦବଦବା



ଉଦଳା , ୮/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ରାଜନିତି କ୍ୟାରିୟରର ପତିଆରା ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଶେଷ କରି ଗତ ସାଧାରଣ ନିର୍ବାଚନ ସମୟରୁ ତାଙ୍କର ଏହି ଦକ୍ଷତା ବହୁଳ ଭାବରେ ଲୋକଲୋଚନକୁ ଆସିବା ସହିତ ବର୍ତ୍ତମାନ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି । କିଛିଦିନ ପୁର୍ବରୁ ନିର୍ବାଚନ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତରେ ଆସିଥିବା ବେଳେ ଏହି ମଂଚର ପରିଚାଳନା ଦାୟିତ୍ୱ ପ୍ରମିଳା ପଣ୍ଡା ତୁଲାଇଥିଲେ । ସାହିତ୍ୟିକ ଢ଼ଙ୍ଗରେ ସେ ଯେଉଁଭଳି ଭାବରେ ମଂଚ ପରିଚାଳନା କଲେ ଏହାର ପ୍ରଶଂସା ବର୍ତ୍ତମାନ ସମଗ୍ର ଉତର ଓଡ଼ିଶା ସମେତ ଦିଲ୍ଲିରୁ ଆସିଥିବା ଆଗଧାଡ଼ିର ନେତୃବୃନ୍ଦଙ୍କ ମୁଖରୁ ଶୁଣିବାକୁ ମିଳୁଛି । ଏତିକି ବେଳେ ଓଡ଼ିଶାରେ ଭାରତୀୟ ଜନତା ପାର୍ଟିର ସରକାର ଗଠନ ହେବାକୁ ଯାଉଥିବାରୁ ଆଗକୁ ପ୍ରମିଳା ପଣ୍ଡାଙ୍କ ରାଜନିତି କ୍ୟାରିୟର ଉଜ୍ଜଳ ହେବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । କେତେକ ସେ ରାଜ୍ୟସଭା ସାଂସଦ ଭାବରେ ମନୋନିତ ହେବେ ବୋଲି କହୁଥିବା ବେଳେ ଆଉ କେତେକ ସେ ଓଡ଼ିଶାରେ ମହିଳା କମିଶନର ଭାବରେ ନିଯୁକ୍ତି ପାଇବାର ସମ୍ଭାବନା ରହିଛି ବୋଲି ମତ ଦେଇଛନ୍ତି । ତେବେ ଏ ବାବଦରେ ସିଧାସଳଖ ପ୍ରମିଳା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ପାର୍ଟି ଯେତେବେଳେ ମତେ ଯେଉଁ କାମ ଦେଇଛି ମୁଁ ଏହାକୁ ସୁଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିଛି ବୋଲି ବ୍ୟକ୍ତ କରିଥିଲେ ।

# ଚର୍ଚ୍ଚାରେ ନବ ନିର୍ବାଚିତ ବିଧାୟକ ସନ୍ତୋଷ ଖଟୁଆ: ନୀଳଗିରି ହସ୍ପିଟାଲ ବୁଲି ରୋଗୀଙ୍କୁ ଭେଟିଲେ



ନୀଳଗିରି , ୮/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ସନ୍ତୋଷ ଖଟୁଆ ଆଜି ନୀଳଗିରି ହସ୍ପିଟାଲ ବୁଲି ରୋଗୀଙ୍କୁ ଓଆରଏସ୍ ପାନୀୟ ପ୍ରଦାନ କରିଛନ୍ତି। ଏଥିସହ ସିଧାସଳଖ ରୋଗୀଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ସେମାନଙ୍କୁ କିପରି ଉନ୍ନତ ମାନର ଚିକିତ୍ସା ମିଳିବ ସେ ବିଷୟରେ ହସ୍ପିଟାଲ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ମେଡିକାଲରେ ରୋଗୀଙ୍କ ପାଇଁ ବେଡ୍ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିସହ ଆହାର କେନ୍ଦ୍ରରେ କିପରି ଲୋକମାନଙ୍କୁ ଆହାର ଯୋଗାଇ ଦିଆଯାଉଛି ତାହା ବୁଲି ଦେଖିବା ସହ ଲୋକଙ୍କ ଗହଳିରେ ନିଜେ ବସି ଆହାର ଖାଇଥିଲେ । ନୀଳଗିରି ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଲୋକ ଯେପରି ନୀଳଗିରି ମେଡିକାଲର ଉନ୍ନତମାନର ଚିକିତ୍ସା ସେବା ପାଇବେ ସେ ବିଷୟରେ ଦୃଷ୍ଟି ଦେବେ ଏବଂ ପ୍ରତ୍ୟେକ ମୁହୂର୍ତ୍ତ ଲୋକଙ୍କ ପାଇଁ କାମ କରି ନିଜକୁ ସମର୍ପିତ କରିବେ ବୋଲି କହିଥିଲେ। ତାଙ୍କର ଏହିପରି ନିର୍ମଳ ଭାବମୂର୍ତ୍ତୀ ଓ ନିସ୍ୱାର୍ଥପର ସେବା ପାଇଁ ଏବେ ସେ ସାରା ରାଜ୍ୟରେ ସନ୍ତୋଷ ଚର୍ଚ୍ଚାରେ ଅଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ବସିଥିବା ଅବସ୍ଥାରେ ଯୁବକର ମୃତ୍ୟୁ

ବେତନଟୀ, ୮/୬ (ନି.ପ୍ର): ବେତନଟୀ କଲେଜ ଖେଳପଡିଆରେ ବସିଥିବା ଅବସ୍ଥାରେ ଚାଲିଗଲା ଯୁବକଙ୍କ ଜୀବନ।ତେବେ ହୃଦଘାତରେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ମୃତକ ଜଣକ ହେଉଛନ୍ତି ଭୋଗବଟିର କୁମୁଦ କୁମାର ମହାନ୍ତ(୩୫) । ସୂଚନା ମୁତାବକ ଶନିବାର ସକାଳେ ସକାଳେ ଜନୈକ ଯୁବକ କଲେଜ ପଡିଆରେ ତଳେ ମୁହଁମାଡି ବସିଥିବାର ସ୍ଥାନୀୟଲୋକେ ଦେଖିବାକୁ ପାଇଥିଲେ। ତେବେ ସମ୍ପୃକ୍ତ ଯୁବକ ଜଣକ ନିଷ୍ଚଳ ହୋଇ ସମ୍ପୂର୍ଣ୍ଣ ସ୍ଥିର ଅବସ୍ଥାରେ ମୁହଁମାଡି ବସିରହିଥିଲେ । ତେବେ ଦୀର୍ଘସମୟ ଧରି ଯୁବକ ଜଣକ ହଲଚଲନହେବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଥିଲା। ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବାପରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିବାର ଦେଖିବାକୁ ପାଇଥିଲେ । ପାଖରେ ମୋଟର ସାଇକେଲ ରଖାଯାଇଥିବା ବେଳେ ମୁହଁମାଡି ବସିଥିବାରୁ ପ୍ରଥମେ ପ୍ରଥମେ ଯୁବକଙ୍କ ପରିଚୟ ମିଳିପାରିନଥିଲା ।ମୋଟର ସାଇକେଲ ଏବଂ ବେଶଭୂଷାରୁ ମୃତକଙ୍କ ପରିଚୟ ପାଇଁ ପରିବାରବର୍ଗଙ୍କୁ ଖବର ଦିଆଯାଇଥିଲା। ଖବରପାଇ ମୃତକଙ୍କ ପରିବାରବର୍ଗ ଘଟଣାସ୍ଥଳରେ ପହଞ୍ଚି ଚିହ୍ନଟ କରିଥିଲେ । ମୃତକଙ୍କ ଭିଣୋଇ ପ୍ରମୋଦ ମହାନ୍ତଙ୍କ ଏତଲାମୁଳେ ବେତନଟୀ ପୁଲିସ ୧୮/୨୪ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରାଇବା ସହିତ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

# ରାମୋଜୀ ଗ୍ରୁପର ପ୍ରତିଷ୍ଠାତା ରାମୋଜୀ ରାଓଙ୍କ ବିୟୋଗ

ହାଇଦ୍ରାବାଦ, ୮/୬ (ନି.ପ୍ର): ରାମୋଜୀ ଗ୍ରୁପର ଆଧାର ପୁରୁଷ, ଇନାଡୁ ଗ୍ରୁପ ଅଫ୍ କମ୍ପାନୀଜର ଚେୟାରମ୍ୟାନ ଓ ରାମୋଜୀ ଫିଲ୍ମ ସିଟିର ପ୍ରତିଷ୍ଠାତା ରାମୋଜୀ ରାଓଙ୍କର ଆଜି ସକାଳ ୪.୫୦ ମିନିଟ ସମୟରେ ବିୟୋଗ ହୋଇଛି । ଜୁନ ୫ ତାରିଖ ଦିନ ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ହାଇଦ୍ରାବାଦର ଷ୍ଟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସା ସମୟରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ପାରିବାରିକ ସୂତ୍ର ମୁତାବକ ତାଙ୍କ ପାର୍ଥିବ ଶରୀରକୁ ଫିଲ୍ମସିଟି ସ୍ଥିତ ତାଙ୍କ ବାସଭବନରେ ଅନ୍ତିମ ଦର୍ଶନ ପାଇଁ ରଖାଯିବ । ଫିଲ୍ମସିଟି ବାସଭବନରେ ପରିବାରର ସଦସ୍ୟ, ମିତ୍ର ଓ ଶୁଭଚିନ୍ତକ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଂଜଳି ଦେବେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo